ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଏହି ଅବଧି ମଧ୍ୟରେ ରାଜ୍ୟରେ ୫ଲକ୍ଷ ୬୭ହଜାର ୩୪ ଜଣ ନୂତନ ଭୋଟର ନାମ ସଂଯୋଗ ପାଇଁ ଆବେଦନ କରିଛନ୍ତି। ତେବେ ସର୍ବାଧିକ ବାଦ୍ ପଡ଼ିଥିବା ଜିଲା ମଧ୍ୟରେ ରହିଛି ସୁନ୍ଦରଗଡ଼। ସୁନ୍ଦରରଗଡ଼ ଜିଲାରେ ୧ ଲକ୍ଷ ୪୪ହଜାର ୭୨୬ ଭୋଟର ବାଦ୍ ପଡ଼ିଛନ୍ତି। ସେଥିମଧ୍ୟରେ ୭୬ହଜାର ୯୭୨ ମହିଳା ଭୋଟର ରହିଥିବାବେଳେ ୬୭ହଜାର ୭୨୯ ପୁରୁଷ ଓ ୨୫ଟି କିନ୍ନର ଭୋଟର ରହିଛନ୍ତି। ସେହିପରି କଟକରେ ୭୪ ହଜାର ୮୮୧ ଭୋଟର ବାଦ୍ ପଡ଼ିଛନ୍ତି। ଏଥିରେ ୪୦ହଜାର ୧୬୮ ମହିଳା ଭୋଟର ରହିଥିବାବେଳେ ୩୪ହଜାର ୨୩୨ ପୁରୁଷ ଏବଂ ୪୮୧ କିନ୍ନର ଭୋଟର ରହିଛନ୍ତି। ଏହାବାଦ୍ ଗଞ୍ଜାମ ଜିଲାରେ ୪୭ ହଜାର ୯୮୯, କେନ୍ଦୁଝରରେ ୩୮ହଜାର ୬୪୮, ଅନୁଗୋଳରେ ୩୭ ହଜାର ୯୨୭, ପୁରୀରେ ୩୬ ହଜାର ୬୭୯ ଭୋଟର ବାଦ୍ ପଡ଼ିଛନ୍ତି। ଏହାବାଦ୍ ମାଲକାନଗିରିରେ ସର୍ବନିମ୍ନ ୨୪୧୦ ଭୋଟର ବାଦ୍ ପଡ଼ିଥିବାବେଳେ ଅନ୍ୟାନ୍ୟ ଜିଲାରେ ଅବଶିଷ୍ଟ ଭୋଟର ବାଦ୍ ପଡ଼ିଛନ୍ତି।

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ଏବଂ ଏଥିରୁ ବାଦ୍ ପଡ଼ିଥିବା ସଂଖ୍ୟାକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ଭୋଟରତାଲିକା ସଂଶୋଧନରେ ରାଜନୈତିକ ଗନ୍ଧ ସ୍ପଷ୍ଟ ବାରି ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ରଣେନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ସରକାରକୁ ଆସିବା ପାଇଁ ବିଗତ ଦିନରେ ଉଭୟ ଦଳ, ଏହି ଭୋଟରଙ୍କୁ ବ୍ୟବହାର କରୁଥିଲେ। ଭୋଟରତାଲିକା ସଂଶୋଧନକୁ ସ୍ୱାଗତ କରୁଛି କିନ୍ତୁ ଏହାକୁ ଆହୁରି ସ୍ୱଚ୍ଛତାର ସହିତ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ସେହିପରି ଭାଜପା ସଦସ୍ୟ ଅଗସ୍ତି ବେହେରା କହିଛନ୍ତି, ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର)ଓଡ଼ିଶାରେ ଲାଗୁ ହେଲେ ଆହୁରି ଜାଲ୍ ଭୋଟର ଧରା ପଡ଼ିବେ। ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଅଗସ୍ତି କହିଛନ୍ତି।

# ୱାରେଣ୍ଟ ପାଇଁ କୋର୍ଟରେ ଆବେଦନ କଲା ପୋଲିସ

## ତହସିଲଦାରଙ୍କୁ ବିଧାୟିକା ସ୍ୱାମୀଙ୍କ ହତ୍ୟା ଧମକ ମାମଲା

## ବଢ଼ିଲା ନର୍ଲା ବ୍ଲକ ଅଧ୍ୟକ୍ଷଙ୍କ ଅଡୁଆ

ଭବାନୀପାଟଣା,୩୦।୩
(ଉତ୍ତମ କୁମାର ଦାଶ)

ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଏବଂ ତହସିଲଦାରଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ କଳାହାଣ୍ଡି ଜିଲା ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ତଥା ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲା ପରେ ଅଧ୍ୟକ୍ଷ ମହାନ୍ତିଙ୍କୁ ନୋଟିସ ଦେବା ପାଇଁ ରବିବାର ବିଧାୟିକାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ କଳାହାଣ୍ଡି ପୋଲିସ ପହଞ୍ଚିଥିଲା। ହେଲେ ସେଠାରେ ପୋଲିସ ତାଙ୍କୁ ପାଇ ନ ଥିଲା। ଫଳରେ ସୋମବାର ଜିଲାର ଏମ୍ ରାମପୁର ଜେଏମ୍‌ଏଫ୍‌ସି କୋର୍ଟରେ ୱାରେଣ୍ଟ ପାଇଁ ଆବେଦନ କରିଛି କଳାହାଣ୍ଡି ପୋଲିସ। ଏହି ଘଟଣା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ମହାନ୍ତିଙ୍କ ନାମରେ ତହସିଲଦାରଙ୍କୁ ଧମକ ସମେତ ୪ଟି ମାମଲା ରହିଛି। ଏହାମଧ୍ୟରେ ୩ଟି ମାମଲାରେ ପୋଲିସ ଚାର୍ଜଶିଟ କରିଛି। ଗତ ସପ୍ତାହେ ଧରି ପୋଲିସ ବ୍ଲକ ଅଧ୍ୟକ୍ଷ ମହାନ୍ତିଙ୍କୁ


ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି।

ଖୋଜୁଥିବାବେଳେ ଏ ପର୍ଯ୍ୟନ୍ତ ତାଙ୍କର କୌଣସି ଟେର୍ ପାଇନାହିଁ। ଅନ୍ୟପକ୍ଷରେ, ପୋଲିସ କୋର୍ଟରେ ୱାରେଣ୍ଟ ପାଇଁ ଆବେଦନ କରିବା ପରେ ଅଧ୍ୟକ୍ଷ ମହାନ୍ତିଙ୍କ ଅଡୁଆ ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂହଙ୍କ ଅଭିଯୋଗ ଅନୁସାରେ, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ବିଭିନ୍ନ ସରକାରୀ କାମରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରିଆସୁଥିଲେ। ଏହାକୁ ବିରୋଧ କରିବା ପରେ ଅଧ୍ୟକ୍ଷ ତହସିଲଦାରଙ୍କୁ ଫୋନ ଯୋଗେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଜଣେ ଲୋକପ୍ରତିନିଧିଙ୍କ ପକ୍ଷରୁ ସରକାରୀ କର୍ମଚାରୀଙ୍କ ପ୍ରତି ଏଭଳି ଆଚରଣ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ନର୍ଲା ତହସିଲଦାର ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ଗତ ୧୫ ମାର୍ଚ୍ଚରେ ନର୍ଲା ଥାନାରେ ଏକ ମାମଲା (ନଂ.୭୨/୨୬) ରୁଜୁ ହୋଇଛି। ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ୨୨୧, ୨୨୪, ୩୫୧(୨), ୩୫୧(୩) ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ହଷ୍ଟେଲ ଖାଦ୍ୟଖାଇ ୧୪ ଛାତ୍ରୀ ଅସୁସ୍ଥ

ମୋରଡ଼ା,୩୦।୩(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଭାଲିଆଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୪ ଛାତ୍ରୀ ହଷ୍ଟେଲ ଖାଦ୍ୟଖାଇ ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରମାଇଲ୍‌ସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ବାଲ୍‌ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମୋଟ ୩୨୪ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟ ପରିସରରେ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲ ଏବଂ ଅନୁସୂଚିତ ଜାତି ଓ ଜନଜାତି ବାଳିକା ବିଦ୍ୟାଳୟ ରହିଛି। କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ୧୭୦ଜଣ ଛାତ୍ରୀ ରହି ପାଠ ପଢୁଛନ୍ତି। ଉକ୍ତ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାନ୍ତ ଥିବାବେଳେ ଶିକ୍ଷୟିତ୍ରୀ ସୁଜାତାରାଣୀ ପଣ୍ଡା ୱାର୍ଡେନ ଦାୟିତ୍ୱରେ ଅଛନ୍ତି। ସୋମବାର ଉକ୍ତ ହଷ୍ଟେଲର ୧୪ଜଣ ଛାତ୍ରୀଙ୍କ ପେଟ ଯନ୍ତ୍ରଣା ସହିତ ବାନ୍ତି ଓ ଜ୍ୱର ହୋଇଥିଲା। ଚିକିତ୍ସା ପାଇଁ ସେମାନଙ୍କୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖାଦ୍ୟ ବିଷାକ୍ତ ହୋଇଥିବାରୁ ଛାତ୍ରୀମାନେ ଅସୁସ୍ଥ ହୋଇ ପଡ଼ିଥିବା ଚିକିତ୍ସା କରୁଥିବା ଡାକ୍ତର ଚନ୍ଦ୍ରମୋହନ ସିଂ କହିଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ୱାର୍ଡେନ ପଣ୍ଡାଙ୍କୁ ପଚାରିବାରୁ ହଷ୍ଟେଲରେ ଉପଯୁକ୍ତ ଖାଦ୍ୟ ଦିଆଯାଉଥିବା କଥା କହିଛନ୍ତି। ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ପୂର୍ବରୁ ଏଠାରେ ପିଇବା ପାଣି ଉପଯୁକ୍ତ ନ ଥିବାରୁ ଡାକ୍ତରୀ ଦଳ ପହଞ୍ଚି ଯାଞ୍ଚ କରିଥିଲେ। ତେବେ ଛାତ୍ରୀ ଅସୁସ୍ଥ ହେବା ପରେ ପୁଣି ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

# ଆଜିଠାରୁ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା, ଲୋକ ମହୋତ୍ସବ

ତାଳଚେର,୩୦।୩(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ଲୋକ ମହୋତ୍ସବ ୩୧ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିପାଇଁ ମା' ହିଙ୍ଗଳା ମନ୍ଦିର ଟ୍ରଷ୍ଟ, ପ୍ରଶାସନ ଓ ପୋଲିସ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଶେଷ କରାଯାଇଛି। ଚଳିତବର୍ଷ ମନ୍ଦିରର ପୂର୍ବ ଦିଗ ତଥା ମନ୍ଦିର ପଛ ପାଖରେ ମା'ଙ୍କ ଉଭାସ୍ଥଳ ଚିହ୍ନଟ ହୋଇଛି। ମା'ଙ୍କ ବାର୍ଷିକ ପୂଜାରେ ଦୈନିକ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗିବାକୁ ଥିବାରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# ୩ ହଜାର ଲାଞ୍ଚ: ବରିଷ୍ଠ ସହାୟକ ଗିରଫ

ନୟାଗଡ଼/ଖଣ୍ଡପଡ଼ା,୩୦।୩
(ଲୋକନାଥ ମିଶ୍ର/
ଜୟ କୁମାର ମହାରଣା)

୩ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଜିଲା ଖଣ୍ଡପଡ଼ା ସବ୍‌ରେଜେରି କାର୍ଯ୍ୟାଳୟର ବରିଷ୍ଠ ସହାୟକ(ସିନିୟର ଆସିଷ୍ଟାଣ୍ଟ) ସରୋଜ କୁମାର ସାହୁ ସୋମବାର ଭୁବନେଶ୍ୱର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଜଣେ ପେନ୍‌ସନଭୋଗୀଙ୍କ ଫାଇନାଲ ପେନ୍‌ସନ ପାଇଁ ବିଲ୍ ପାସ୍ କରିବାକୁ ଲାଞ୍ଚ ନେଉଥିଲେ। ମିଳିଥିବା ସୂଚନା


ବରିଷ୍ଠ ସହାୟକ ସରୋଜ କୁମାର ସାହୁ।

ଅନୁସାରେ ପେନ୍‌ସନଭୋଗୀ ମଙ୍ଗଳ ମୁର୍ମୁଙ୍କର ଫାଇନାଲ ପେନ୍‌ସନ ବିଲ୍ ପାସ୍ କରାଇବା ପାଇଁ ଖଣ୍ଡପଡ଼ା ସବ୍‌ରେଜେରି କାର୍ଯ୍ୟାଳୟ ବରିଷ୍ଠ ସହାୟକ ସରୋଜ ୩ ହଜାର ଲାଞ୍ଚ ମାଗିଥଲେ। ଟଙ୍କା ନ ଦେଲେ ବିଲ୍ ପାସ୍ ହେବ ନାହିଁ ବୋଲି କହିଥିଲେ। ଏନେଇ ପେନ୍‌ସନଧାରୀ ଭୁବନେଶ୍ୱର ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ସୋମବାର ଅଫିସ୍‌ରେ ଲାଞ୍ଚ ଦେବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ସରୋଜଙ୍କୁ କାବୁକରି ନେଇଥିଲେ। ସରୋଜଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଅନ୍ୟପକ୍ଷେ ସରୋଜଙ୍କ ନିଜ ଘର ସମେତ ଦୁଇଟି ସ୍ଥାନରେ ଚଢ଼ାଉ ଚାଲିଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା,୩୦।୩(ସଙ୍ଗୀତା ଜେନା)

ଝାଡ଼ଖଣ୍ଡ ରାଜ୍ୟ ଦକ୍ଷିଣ ଛୋଟନାଗରା ଲୋକାଲ ଗରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ଗ୍ରୁପ୍ 'ବି'ବର୍ଗର ଜଣେ ମହିଳା ମାଓବାଦୀ ସୋମବାର ରାଉରକେଲା ପୋଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ମୋଙ୍ଗଡି ହୋନହାଗା(୧୯)। ସେ ଝାଡ଼ଖଣ୍ଡ ପଶ୍ଚିମ ସିଂଭୂମ ଜିଲା ହୋଲୋମୁଲି ମାରାଙ୍ଗପୋଙ୍ଗ ଗ୍ରାମ ନିବାସୀ ଅଟନ୍ତି। ତାଙ୍କୁ ଓଡ଼ିଶା ମାଓବାଦୀ ସମର୍ପଣ ନୀତି ଅନୁଯାୟୀ ସମସ୍ତ ସୁବିଧା ପ୍ରଦାନ କରାଯାଇଛି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଅନୁଦାନ ରାଶି, ରୋଜଗାର ବ୍ୟବସ୍ଥା ଆଦି ପ୍ରଦାନ କରାଯାଇଛି। ଏ ନେଇ ମଧ୍ୟାହ୍ନ ୧୨ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ମୋଙ୍ଗଡି ୨୦୨୪ରେ ଶୀର୍ଷ ମାଓବାଦୀ ନେତା ଅନମୋଲଙ୍କ ଦଳରେ ସାମିଲ ହୋଇଥିଲେ। ସେ ସରଣ୍ଡା ସଂରକ୍ଷିତ ଜଙ୍ଗଲରେ ମୁଖ୍ୟତଃ ସକ୍ରିୟ ଥିଲେ। ଆତ୍ମସମର୍ପଣ ଅବସରରେ ଡିଆଇଜି ରାୟ କହିଲେ, ୨୦୨୪ରେ ସରଣ୍ଡା କ୍ଷେତ୍ରରେ ସିପିଆଇ(ଏମ୍) ମାଓବାଦୀ ସକ୍ରିୟ ସମୟରେ ମୋଙ୍ଗଡ଼ିଙ୍କୁ ଠାବ କରିଥିଲେ। ଅନମୋଲ ଗ୍ୟାଙ୍ଗର ଏସିଏମ୍ ଜୟକାନ୍ତ, ବିର୍ସା, ମୁନୀରାମ ଆଦି ହାଲାମୁଲି ଗ୍ରାମକୁ ଆସି ମୋଙ୍ଗଡ଼ିଙ୍କୁ ଦଳରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ। ୨୦୨୬ ଜାନୁଆରୀ ୨୧ରେ କୁମ୍ଡିହି ଜଙ୍ଗଲରେ କୋମ୍ବିଂ ବେଳେ ମୋଙ୍ଗଡି ଓ ତାଙ୍କ ସହଯୋଗୀ ପ୍ରାଣ ବଞ୍ଚାଇ ପଳାୟନ କରିଥିଲେ। ବାଙ୍କୋ ଷ୍ଟୋନ୍ କ୍ୱାରୀ ଲୁଟ୍, ରେଳଧାରଣାରେ ଆଇଇଡି ବ୍ଲାଷ୍ଟ, ପୋଷ୍ଟରିଂ ମାମଲାରେ ସେ ସାମିଲ ଥିଲେ। ମୋଙ୍ଗଡି କ୍ରମଶଃ ମାଓବାଦୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇଥିଲେ ଏବଂ ଓଡ଼ିଶା ପୋଲିସର ମାଓବାଦୀ ସମର୍ପଣ ନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ଝାଡ଼ଖଣ୍ଡ କିରିବୁରୁ, ପଶ୍ଚିମସିଂଭୂମ ଆଦି ଥାନାରେ ଓଡ଼ିଶା ପୋଲିସର ଏହି ନୀତି ସମ୍ପର୍କରେ ସେ ଜାଣିବା ପରେ ରାଉରକେଲାରେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ବିରୋଧରେ କେ. ବଲାଙ୍ଗ ଥାନାରେ ୪ଟି ଆପରାଧିକ ମାମଲା ରହିଛି। ଝାଡଖଣ୍ଡ ଥାନାଗୁଡିକରେ ତାଙ୍କ ଆପରାଧିକ ରେକର୍ଡ ଯାଞ୍ଚ କରାଯାଉଛି। ତାଙ୍କୁ 'ବି' ଗ୍ରୁପ୍ ମାଓବାଦୀ ହିସାବରେ ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୬୫ହଜାର ଟଙ୍କା ସହ ବିବାହକାଳୀନ ସହାୟତା, ସ୍ୱାସ୍ଥ୍ୟକାର୍ଡ ଆଦି ପ୍ରଦାନ କରାଯାଇଛି ବୋଲି ରାୟ କହିଥିଲେ।

# ବଳକା ଧାନ କିଣିବାକୁ ଦଣ୍ଡବତ ଆନ୍ଦୋଳନ

ଯାଜପୁର/ଯାଜପୁର ଟାଉନ
(ହର୍ଷବର୍ଦ୍ଧନ ବେହେରା/ପ୍ରଯକ୍ତା
ପ୍ରିୟଦର୍ଶିନୀ ମହାନ୍ତି),୩୦।୩

ଯାଜପୁର ଜିଲାର ବଳକା ଧାନ କିଣିବା ପାଇଁ ଧାର୍ଯ୍ୟ ସମୟକୁ ଆଉ ୧୫ ଦିନ ବୃଦ୍ଧି କରିବା ଲାଗି ଚାଷୀମାନେ ସୋମବାର ରାସ୍ତାରେ ଅଭିନବ ଉପାୟରେ ଆନ୍ଦୋଳନ କରିଛନ୍ତି। ଚଳିତ ବର୍ଷ ଧାନ ସଂଗ୍ରହରେ ବିଳମ୍ବ ଏବଂ ପ୍ରାଥମିକ କୃଷିସେବା ସମବାୟ ସମିତି(ପାକ୍ସ) ପକ୍ଷରୁ ଏକକାଳୀନ ଧାନକିଣାରେ ଭାଗ ନ ନେବା କାରଣରୁ ଜିଲାରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। ଫଳରେ ଚାଷୀ ବାଧ୍ୟହୋଇ ମଧ୍ୟସ୍ଥ ହାତରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ପ୍ରାୟ ୫୦୦ ଟଙ୍କା କମ୍‌ରେ ଟେକି ଦେଇଥିଲେ । ଏନେଇ ଜିଲାପାଳ ତୁରନ୍ତ ମଣ୍ଡିଗୁଡ଼ିକୁ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ସେତେବେଳେ କୌଣସି ସଫଳତା ମିଳି ନ ଥିଲା। ଏହିକ୍ରମରେ ଚାଷୀମାନେ ଧାନ ମଣ୍ଡିରେ ହଟହଟା ହୋଇ ହତୋତ୍ସାହିତ ହୋଇ ପଡ଼ିଥିଲେ। ଟୋକନ୍‌ର ଧାର୍ଯ୍ୟ ସମୟ ବିତିଯିବା ପରେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଅମଳ ମୁତାବକ ଟୋକନ ମିଳି ନ ଥିବାରୁ ଚାଷୀମାନେ ଧାନକୁ ଘର ବାରଣ୍ଡାରେ ଥାକ ମାରି ବସିଛନ୍ତି। ଏଭଳି ବିଭିନ୍ନ ସମସ୍ୟାକୁ ନେଇ କିଛିଦିନ ତଳେ ନବନିର୍ମାଣ କୃଷକ ସଂଗଠନର ଚାଷୀମାନେ ଯାଜପୁର ଜିଲା ମହୋତ୍ସବ ମଞ୍ଚରେ ନିଆରା ଭାବରେ ପ୍ରତିବାଦ ଜଣାଇ ୧୫ ଜଣ ଗିରଫ ହୋଇଥିଲେ। ଗିରଫ ହେବାର ପ୍ରାୟ ୨୨ ଘଣ୍ଟା ପରେ ଚାଷୀମାନଙ୍କୁ ଜାମିନ ମିଳିଥିଲା। ତଥାପି ପ୍ରଶାସନର ନିଦ ଭାଙ୍ଗି ନ ଥିଲା। ଏହାପରେ ସଂଗଠନ ପକ୍ଷରୁ ବଳକା ଓ ଭାଗଚାଷୀମାନଙ୍କ ଧାନକୁ ଜିଲାପାଳ ନିଜେ ଏକ କେନ୍ଦ୍ରୀୟ ମଣ୍ଡି ଖୋଲି କିଣନ୍ତୁ ବୋଲି ଦାବି ହୋଇଥିଲା। ତଥାପି ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ସୋମବାର ସଂଗଠନ ପକ୍ଷରୁ ଏକ ଅଭିନବ ଉପାୟରେ ଚାଷୀମାନେ ଧାନ ଧରି ଆସିଥିଲେ। ଯାଜପୁର ସହରର ମାନସାପୋଲ ନିକଟରୁ ଚାଷୀମାନେ ଟ୍ରାକ୍ଟର, ପିକ୍‌ଅପ୍, ଡାଲାଅଟୋରେ ଧାନ ଆଣି ଗାଡି ଆଗେ ଆଗେ ସାଷ୍ଟାଙ୍ଗ ଦଣ୍ଡବତ୍ କରି କରି ଜିଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ। ଚାଷୀମାରଣ ନୀତିକୁ ନିନ୍ଦା କରିବା ସହ ଗରିବ ନିରୀହ ଚାଷୀଙ୍କ ଧାନକୁ ଜିଲାପାଳ କିଣିବା ପାଇଁ ବିକଳ୍ପ ପନ୍ଥା ବାହାର କରିବାକୁ ଗୁହାରି ଜଣାଇଥିଲେ। ଜିଲାରେ ଧାନକିଣା ସମୟସୀମା ଆଉ ୧୫ ଦିନ ବୃଦ୍ଧି ପାଇଁ ସେମାନେ ଦାବି କରିଥିଲେ।

ସୂଚନା ଅନୁସାରେ, ଚଳିତ ବର୍ଷ ଚାଷୀମାନଙ୍କ ପଞ୍ଜୀକରଣ ଅନୁଯାୟୀ ଜିଲାରେ ୧୮୦ ପାକ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଜରିଆରେ ୧୯ ଲକ୍ଷ ୫୫ ହଜାର ୬୪୯ କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଗତ ୨୭ ତାରିଖ ସୁଦ୍ଧା ସମୁଦାୟ ୧୯ ଲକ୍ଷ ୯ ହଜାର ୫୮୫ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଏହି ଦିନର ତଥ୍ୟ ଆଧାରରେ ଆହୁରି ୧୪୦୦ ଟୋକନଧାରୀଙ୍କ ୫୩,୭୮୮ କୁଇଣ୍ଟାଲ ଧାନ କିଣାଯିବାକୁ ବାକି ରହିଛି। ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ କହିବା ଅନୁସାରେ ଜିଲାର ଚାଷୀମାନଙ୍କ ହର୍ତ୍ତାକର୍ତ୍ତା ହେଉଛନ୍ତି ଜିଲାପାଳ। ପ୍ରତ୍ୟେକ ମଣ୍ଡିରେ କୁଇଣ୍ଟାଲ ପିଛା ୭/୮ କେଜି କଟନି ଛଟନି କରାଯିବା ସହ ୫୦ରୁ ୮୦ ଟଙ୍କା ଲେଖାଏ ହାତଗୁଞ୍ଜା ନେଉଛନ୍ତି। ଏହାବାଦ୍ ଲୋଡିଂ ବାବଦକୁ ଅଖା ପିଛା ୧୦ ଟଙ୍କା ସିଧାସଳଖ ଚାଷୀଙ୍କଠାରୁ ଲୁଟ୍ ହେଉଛି। କୁଇଣ୍ଟାଲ ପିଛା ୭ କିଲୋ ହିସାବରେ ପ୍ରାୟ ୧,୪୦,୦୦୦ କୁଇଣ୍ଟାଲ ଧାନ କଟନି ଛଟନି ହୋଇଛି। କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଆଧାରରେ ୪୩ କୋଟି ୪୦ ଲକ୍ଷ ଟଙ୍କା ଆତ୍ମସାତ ହୋଇସାରିଛି। ଅଥଚ ଜିଲାପାଳଙ୍କ ହାତରେ ମିଲରଙ୍କ ହାତକଡ଼ି ପଡ଼ିଛି ବୋଲି ରାୟ କହିଛନ୍ତି।

ଅନ୍ୟପଟେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଚାଷୀମାନଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଯେଉଁ ଚାଷୀମାନଙ୍କର ଧାନ ବଳକା ରହିଛି କିମ୍ବା ଟୋକନ ଲାପ୍ସ ହୋଇଛି, ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ତାଲିକା ପାଇବା ପରେ ତଦନ୍ତ କରାଯାଇ ଚାଷୀଙ୍କ ଧାନ କିଣିବାରେ ନିଶ୍ଚୟ ପ୍ରଶାସନ ସୁବନ୍ଦୋବସ୍ତ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସଂଗଠନର ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ଚାଷୀମାନଙ୍କ ତାଲିକା ପ୍ରସ୍ତୁତ କରି ଯୋଗାଣ ଅଧିକାରୀ ଦିଲୀପ ପାଣିଗ୍ରାହୀଙ୍କୁ ଦେଇଥିଲେ। ଯଥାଶୀଘ୍ର ଜିଲାର ପ୍ରତ୍ୟେକ ମଣ୍ଡିରେ ଅତିରିକ୍ତ ଅଧିକାରୀମାନଙ୍କୁ ନିୟୋଜିତ କରି ଧାନ କିଣି ନେବାକୁ ଦାବି କରିଥିଲେ। ଏହି ଚାଷୀ ଆନ୍ଦୋଳନରେ ମାଧବାନନ୍ଦ ଶାନ୍ତି, ପ୍ରଫୁଲ୍ଲ କଣ୍ଡ, ଧନଞ୍ଜୟ ବିଶ୍ୱାଳ, ଅଜୟ ରାଉତ, ହେମନ୍ତ ଧଳ, ଦିଲୀପ ବେହେରା, ଶ୍ରୀଧର ମହଲ, ହରିଶ ଦଳେଇ, ବଲ୍ଲଭ ଜେନା, ଅରୁଣ ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ସୁବ୍ରତ ସାହୁ, ମହେନ୍ଦ୍ର ସାହୁ, ସୁଶାନ୍ତ ଦାସ, ଅବିନାଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଦୟଣାଚୋରି, ଶିବଦମନକ ଚତୁର୍ଦ୍ଦଶୀ ଉପବାସ, ମହାବୀର ଜୟନ୍ତୀ ଓ ବାୟାଣୀ ପୂଜା



# ନିର୍ବାଚନ ପରେ

ଭାରତୀୟ ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଛି। ୩୦ ମାର୍ଚ୍ଚରେ ଭାରତୀୟ ମୁଦ୍ରା ଖୁବ୍ ତଳକୁ ଯାଇ ଏକ ଆମେରିକୀୟ ଡଲାର ତୁଳନାରେ ବିନିମୟ ମୂଲ୍ୟ ୯୫ ଟଙ୍କା ୨୧ ପଇସାରେ ପହଞ୍ଚିଛି। ପଶ୍ଚିମ ଏସିଆରେ ଯୁଦ୍ଧଜନିତ ସଙ୍କଟ ଶକ୍ତି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇଥିବାରୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଛି ବୋଲି କୁହାଯାଉଛି। ଏହା କେତେକାଂଶରେ ସତ୍ୟ। କିନ୍ତୁ ୨୮ ଫେବୃଆରୀ ଯୁଦ୍ଧ ପୂର୍ବରୁ ଭାରତୀୟ ମୁଦ୍ରା ମଧ୍ୟ ଲଗାତର ଭାବେ ପ୍ରତ୍ୟେକ ଦିନ ଦୁର୍ବଳ ହେବାରେ ଲାଗିଥିଲା। ସେହି ବିଗତ ଦିନକୁ ଦେଖିଲେ ବୁଝାପଡୁଛି ଯେ ଯୁଦ୍ଧ କେବଳ ମାତ୍ର କାରଣ ନୁହେଁ। କେତେକେ କହୁଛନ୍ତି ଡଲାର ଶକ୍ତିଶାଳୀ ହେଉଥିବାରୁ ଭାରତୀୟ ମୁଦ୍ରା ତଳକୁ ଖସୁଛି। ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। କାରଣ ଆମେରିକାରେ ମଧ୍ୟ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଭାରତୀୟ ମୁଦ୍ରା ଦୁର୍ବଳ ହେବା ପଛରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ଏ ଦେଶରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିନେବାରେ ବ୍ୟସ୍ତ। ଭାରତରେ ଅର୍ଥ ବିନିଯୋଗ କଲେ ଆଗକୁ ବିପଦ ଆଶଙ୍କା କରି ସେମାନେ ଏଭଳି ନିଷ୍ପତ୍ତି ନେଉଛନ୍ତି। ଅର୍ଥାତ୍ ଏହି ଦେଶରେ ସେମାନଙ୍କର ଅର୍ଥ ଅସୁରକ୍ଷିତ ବୋଲି ବିଦେଶୀ ନିବେଶକମାନେ ଧାରଣା କରିନେଲେଣି। ଏଥିସହିତ ଆମଦାନୀ ବୃଦ୍ଧି ପାଉଥିବା ବେଳେ ରପ୍ତାନି ସେହି ପରିମାଣରେ ହୋଇପାରୁ ନ ଥିବାରୁ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଉଛି। ଅଣ–ଉତ୍ପାଦ ଖର୍ଚ୍ଚ ବଢ଼ିଯାଇଥିବାରୁ ତାହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି।

ଭାରତରେ ଅର୍ଥନୀତି ଦୁର୍ବଳ ହେବା ପଛରେ ମୁଖ୍ୟ କାରଣ ହେଉଛି ରାଜନୈତିକ ବ୍ୟକ୍ତିମାନେ ବିଶେଷଜ୍ଞଙ୍କ ମତକୁ କମ୍ ଗୁରୁତ୍ୱ ଦେଇ ଜଟିଳ ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ନେଇଯାଉଛନ୍ତି। ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ହେବାଠାରୁ ଦେଶର ଅର୍ଥନୀତି ଉଧେଇପାରୁ ନାହିଁ। ସେତେବେଳେ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ଭୁଶୁଡ଼ି ପଡ଼ିଥିଲେ। ଫଳରେ ତାହାର ପ୍ରଭାବ ଦେଶର ଉତ୍ପାଦ ଓ ନିଯୁକ୍ତି କ୍ଷେତ୍ର ଉପରେ ପଡ଼ିଥିଲା। ଏହା ପରେ ଯେତେବେଳେ ଅର୍ଥନୀତି ଟିକେ ପ୍ରଶ୍ୱାସ ପାଇ ଠିଆ ହେବାକୁ ଯାଉଥିଲା କୋଭିଡ୍ ମହାମାରୀ ପୁଣି ବିପର୍ଯ୍ୟୟ ସୃଷ୍ଟି କଲା। ଥରେ ଦୁର୍ବଳତା ଆସିଗଲେ ସେଥିରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିବା ଲାଗି ଦୀର୍ଘ ସମୟ ଲାଗିଥାଏ। ପୁଣି ଓଲିଗାର୍ଚ୍ଚି ବା ଧନିକ ତନ୍ତ୍ର (ଅଳ୍ପ କିଛି ଧନୀ) ଯୋଗୁ ସମଗ୍ର ଅର୍ଥନୀତି ବିକଶିତ ହୋଇପାରୁ ନାହିଁ। କାରଣ ହାତଗଣତି ବ୍ୟକ୍ତିଙ୍କଠାରେ ଅତ୍ୟଧିକ ଧନ ଠୁଳ ହୋଇ ରହିଯାଉଛି।

> **ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ।**

ବଡ଼ କର୍ପୋରେଟ୍ ହାଉସ୍‌ଗୁଡ଼ିକୁ ଅଧିକ ସରକାରୀ ସୁବିଧା ଦିଆଯାଉଥିବାରୁ ଧନର ସୁଷମ ବଣ୍ଟନ ହୋଇପାରୁ ନାହିଁ। ଅର୍ଥନୀତିରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସଂସ୍ଥାକୁ ଆର୍ଥିକ ଓ ବ୍ୟବସ୍ଥାଗତ ସୁଯୋଗ ଦିଆଯାଇପାରିଲେ ସେମାନେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଆନ୍ତେ। ଅନେକ ଲୋକଙ୍କ ମଧ୍ୟମରେ ମୁଦ୍ରା ଚଳପ୍ରଚଳ ହେଲେ ତାହା ସାମଗ୍ରୀ ଓ ସେବା କ୍ଷେତ୍ରକୁ ଚଳଚଞ୍ଚଳ କରିପାରନ୍ତା। ଏବେ ବିଦେଶୀ ପୁଞ୍ଜିନିବେଶକମାନେ ଭାରତୀୟ ବଜାରରୁ ଅର୍ଥ ଉଠାଇ ନେଉଥିବାରୁ ସ୍ଥିତି ବିଗିଡ଼ି ଯାଉଛି ବୋଲି କୁହାଯାଉଛି। ଯଦି ଦେଶ ଭିତରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗୀଙ୍କ ପାଇଁ ନିୟମ ସରଳୀକରଣ କରାଯାଇ ବିଭିନ୍ନ ସ୍ତରର ବ୍ୟବସାୟକୁ ପ୍ରୋତ୍ସାହନ ଦିଆଯାଉଥାନ୍ତା, ତେବେ ଆଜିର ଯୁଦ୍ଧଭଳି ସ୍ଥିତି ସମୟରେ ବାହ୍ୟ ନିବେଶକ ଅର୍ଥ ଉଠାଣ କରିନେଲେ ତାହାର ପ୍ରଭାବ ଅର୍ଥନୀତି ଉପରେ ବେଶି ପରିମାଣରେ ପଡ଼ନ୍ତା ନାହିଁ।

ସାମ୍ପ୍ରତିକ ସମୟକୁ ଦେଖିଲେ ମଧ୍ୟପ୍ରାଚ୍ୟ ଅଶାନ୍ତ ସ୍ଥିତିର ପ୍ରଭାବ ସମଗ୍ର ବିଶ୍ୱ ବିଶେଷକରି ଏସିଆ ମହାଦେଶ ଉପରେ ଗଭୀର ଭାବେ ପଡ଼ିଛି। ଇନ୍ଧନ ଓ ରନ୍ଧନ ଶକ୍ତିର ସଙ୍କଟ ଯୋଗୁ ଭାରତ ଭଳି ଅଧିକ ଆମଦାନୀ ଉପରେ ନିର୍ଭରଶୀଳ ରାଷ୍ଟ୍ର ବେଶି ଅଡୁଆରେ ପଡ଼ିଯାଇଛି। ଭାରତ ତା'ର ତୈଳଜନିତ ଶକ୍ତି ଚାହିଦାର ୯୦ ପ୍ରତିଶତ ବାହାର ରାଷ୍ଟ୍ର ଉପରେ ନିର୍ଭରଶୀଳ। ଅଧିକ ଆମଦାନୀ ମାନେ ଭାରତକୁ ବହୁଳ ମାତ୍ରାରେ ଅର୍ଥ ଦେବାକୁ ପଡୁଛି। କିଛିବର୍ଷ ପୂର୍ବେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିବା ବେଳେ ଏବେ ତାହା ୧୧୫ ଉପରକୁ ଯାଇସାରିଲାଣି। ମଧ୍ୟପ୍ରାଚ୍ୟରେ ଅସ୍ୱାଭାବିକ ସ୍ଥିତି ଯଦି ଅଧିକ ଦିନ ଲାଗିରହେ, ତେବେ ଭାରତର ସ୍ଥିତି ଆହୁରି ସଙ୍ଗିନ ହୋଇଯିବ। ଯଦି ବାସ୍ତବରେ ଭାରତର ତୈଳ ଦରକୁ ଅନ୍ତର୍ଜାତୀୟ ଦର ସହ ଯୋଡ଼ିକରି ରଖାଯାଇ ଥାଆନ୍ତା, ତା'ହେଲେ ବ୍ୟାରେଲ ପିଛା ୬୦ରୁ ୭୦ ଡଲାର ଥିଲାବେଳେ ଦେଶ ଭିତରେ ସର୍ବାଧିକ ୪୫ ଭାରତୀୟ ଟଙ୍କା ମୂଲ୍ୟରେ ଲିଟରେ ପେଟ୍ରୋଲ ଗ୍ରାହକଙ୍କୁ ମିଳିପାରି ଥାଆନ୍ତା। ସେହି ସମୟରେ ସରକାର ତାହା କଲେ ନାହିଁ ଏବଂ ତୈଳ କମ୍ପାନୀଗୁଡ଼ିକୁ ଲାଭ ଦେବାକୁ ଯାଇ ଅତ୍ୟଧିକ ଦର ବଜାୟ ରଖିଲେ। ସେହି କମ୍ପାନୀମାନେ ଯେଉଁ ଲାଭ ପାଇଥିଲେ, ତାହାକୁ ସର୍ବନିମ୍ନ ୧ ବର୍ଷ ପର୍ଯ୍ୟନ୍ତ ଆଜିକାର ଦରରେ ରଖିବା ଉଚିତ। କିନ୍ତୁ ଏପ୍ରିଲ ଶେଷ ସୁଦ୍ଧା ଯେତେବେଳେ ପଶ୍ଚିମବଙ୍ଗ ସହିତ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଶେଷ ହୋଇଯିବ, ସେତେବେଳେ ଯଦି ତୈଳ ମୂଲ୍ୟ ବଢ଼ାଯାଏ ତାହା ଅତ୍ୟନ୍ତ ଅନୈତିକ ଓ ସାଧାରଣ ନାଗରିକ ବିରୋଧୀ ପଦକ୍ଷେପ ହେବ ବୋଲି କହିହେବ। ଯଦି ତୈଳ ଦର ବଢ଼ିଯାଏ, ତାହା ହେଲେ ସବୁ ପ୍ରକାର ସାମଗ୍ରୀ ମୂଲ୍ୟ ଆହୁରି ବଢ଼ିଯିବ। ତେଣୁ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ବାସ୍ତବବାଦୀ ଅର୍ଥନୈତିକ ନୀତି ସୃଷ୍ଟି କରାଯିବା ଦରକାର। ଏଥିରେ ସମାଜର ବିଭିନ୍ନ ବର୍ଗର ମତକୁ ନିଆଯିବା ଉଚିତ।

# ସମୁଦ୍ରର ନୂଆ ଭୂଗୋଳ



ଦେବ ରଞ୍ଜନ

ସମଗ୍ର ପୃଥିବୀରେ ଯେତେ ସମୁଦ୍ର ଅଛି ସେମାନଙ୍କର ଜଳରାଶି ପ୍ରତିବର୍ଷ ୩.୦୬ ମିଲିମିଟର ହାରରେ ବଢ଼ିବାରେ ଲାଗିଛି। ସେ ଭିତରୁ ବଙ୍ଗୋପସାଗରରେ ଜଳରାଶି ଅଧିକ ହାରରେ ବୃଦ୍ଧି ହେଉଛି। ଏହାର ବୃଦ୍ଧିର ହାର ପ୍ରତି ବର୍ଷ ୩.୯୯ ମିଲିମିଟର। ତେବେ ସବୁ ସ୍ଥାନରେ ବଙ୍ଗୋପସାଗରର କାୟା ବୃଦ୍ଧି ସମାନ ଭାବରେ ହୋଇ ନ ଥାଏ। ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବୋରଠାରେ (ଗଙ୍ଗାନଦୀ ମୁହାଣ) ଏହା ବାର୍ଷିକ ୫.୧୬ ମିଲିମିଟର ହାରରେ ବୃଦ୍ଧି ଘଟୁଥିବା ବେଳେ ପାରାଦୀପ ନିକଟରେ (ମହାନଦୀ ମୁହାଣ) ଏହା ବାର୍ଷିକ ୪.୪୩ ମିଲିମିଟର। ହୁଏତ କାହାକୁ ଏକ ମିଲିମିଟର କହିଲେ ବହୁତ କମ୍ ଲାଗୁଥାଇପାରେ। ସମୁଦ୍ର ଜଳରାଶି ଏକ ମିଲିମିଟର ବୃଦ୍ଧି ହେଲେ ଏହା ୩୬୦ ବର୍ଗ କିଲୋମିଟର ସ୍ଥଳ ଭାଗର ଜମିକୁ ବୁଡାଇଦିଏ। ଭୁବନେଶ୍ୱର ସହରର ସୀମା ୧୮୬ ବର୍ଗକିଲୋମିଟର। ତେଣୁ ମାତ୍ର ଏକ ମିଲିମିଟର ସମୁଦ୍ର ଜଳରାଶି ବୃଦ୍ଧି ଦୁଇଟି ଭୁବନେଶ୍ୱର ସହରକୁ ବୁଡାଇଦେବା ଲାଗି ସମର୍ଥ। ସମୁଦ୍ରର ଆକାର ବର୍ଷ ବର୍ଷ ଧରି ବଢୁଥିବା ହେତୁ ଏହା ଯେ କ୍ରମଶଃ କେତେ ବିଶାଳ ହୋଇଚାଲିଛି ତାହା ଅନୁମାନ କରାଯାଇପାରେ। ଯଦି ସମୁଦ୍ର ଜଳରାଶି ଏକ ଇଞ୍ଚ (୨୫.୨ ମିଲିମିଟର) ବୃଦ୍ଧି ହୁଏ ତେବେ ଏହା ୯୨୦୦ ବର୍ଗକିଲୋମିଟର ସ୍ଥଳଭାଗକୁ ବୁଡାଇଦେବ।

ସମୁଦ୍ର କିନ୍ତୁ ନଦୀରେ ବନ୍ୟା ଆସିବା ଭଳି ହଠାତ୍ କୌଣସି ଅଞ୍ଚଳକୁ ବୁଡାଇ ଦେଇ ନ ଥାଏ । ଆଜିର ଏକ ମିଲିମିଟର ପୁଣି କିଛିଦିନ ପରେ ଇଞ୍ଚ ଓ ପରେ ଏକ ମିଟର, ଏହି ଗତିରେ ସମୁଦ୍ର ଜଳସ୍ତର ବୃଦ୍ଧି ପାଇ ସ୍ଥଳଭାଗ ଜମିକୁ ଅକ୍ତିଆର କରିଚାଲିଛି। ହୁଏତ ଆଜି ମୋର ଘର ବୁଡି ନ ଥାଇ ପାରେ। ଏହା ନୁହେଁ ଯେ ଆଉ କାହାର ଘର ଏହା ବୁଡାଇ ନାହିଁ। ସମୁଦ୍ର ଜଳରାଶି ପ୍ରତିବର୍ଷ ବଢ଼ିବା ହେତୁ ଆଜିର ଦିନରେ ପଶ୍ଚିମବଙ୍ଗର ସୁନ୍ଦରବନ ଅଞ୍ଚଳର ଅନେକ ଗାଁ ସମୁଦ୍ର ମଧ୍ୟରେ ଲୀନ ହୋଇସାରିଛି। ସେହିଭଳି ଓଡ଼ିଶାର କେନ୍ଦ୍ରାପଡ଼ା ଅଞ୍ଚଳର ସାତଭାୟା ଗ୍ରାମବାସୀ ବିସ୍ଥାପିତ ହୋଇସାରିଲେଣି। ପୁରୀ ଜିଲା କୋଣାର୍କ ନିକଟସ୍ଥ ଛେନୁ ଗାଁ ଥରେ ବିସ୍ଥାପିତ ହୋଇ ପୁଣି ଦ୍ୱିତୀୟ ଥର ବିସ୍ଥାପିତ ହୋଇଛନ୍ତି। ସେହି ନିକଟରେ ଅବସ୍ଥିତ ଉଦୟକଣି ଗ୍ରାମବାସୀ ଥରେ ବିସ୍ଥାପିତ ହୋଇ ଏବେ ନୂଆ ସ୍ଥାନର ସନ୍ଧାନରେ ଅଛନ୍ତି। ଗଞ୍ଜାମ ଜିଲାର ପୋଡମପେଟା ଗାଁର ୫୦୦ ମତ୍ସ୍ୟଜୀବୀ ପରିବାର ସମୁଦ୍ରକୁ ନିଜର ଚାଷ ବୋଲି ଭାବି ଜୀବିକା ନିର୍ବାହ କରିଆସୁଥିଲେ। ଏହିଠାକୁ ବେଶ୍ କିଛି ବର୍ଷ ଅଲିଭ ରିଡ୍‌ଲେ କଇଁଛ ଆସୁଥିଲେ। ଗଲା ବର୍ଷ ଏହାର ଶେଷ ଗ୍ରାମବାସୀ ଗାଁ ଛାଡିବାକୁ ବାଧ ହେଲେ ଓ ଏହି ବର୍ଷ କଇଁଛ ମଧ୍ୟ ଆସିଲେ ନାହିଁ । ବଡ଼ କଥା ହେଉଛି, ଗ୍ରାମବାସୀ ଯେଉଁ ଦୁଇଟି ଗ୍ରାମରେ ବିଭାଜିତ ହୋଇଗଲେ ସେଠାକୁ ମଧ୍ୟ କେବେ ବି ସମୁଦ୍ରର ପାଣି ଆସି ପହଞ୍ଚିଯାଇପାରେ।

ଗୋପାଳପୁର ବନ୍ଦର ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଗାଁ ପୋଡମପେଟାଠାରୁ କୋଡିଏ କିଲୋମିଟର ଦୂର। ଏହାର ୧୦,୦୦୦ ଲୋକ ଦିନେ ଯେଉଁମାନେ ସମୁଦ୍ରକୁ ପାଞ୍ଚ କିଲୋମିଟର ଦୂରରେ ଦେଖୁଥିଲେ, ନିଜର ଡଙ୍ଗା ଓ ଜାଲକୁ ସେହିଠାରେ ରଖିଦେଇ ଗାଁକୁ ଆସୁଥିଲେ, ଆଜି ସମୁଦ୍ର ସେମାନଙ୍କ ଗାଁ ପାଖରେ ଗର୍ଜନ କରୁଛି। ସମୁଦ୍ର ଏତେ ନିକଟରେ ଯେ ଡଙ୍ଗାକୁ କୂଳରେ ରଖିବା ପାଇଁ ବି ଜାଗା ନାହିଁ। ସେମାନଙ୍କ ଘର, ଜମି, ଇତିହାସ ସବୁକିଛି ବହୁ ଶୀଘ୍ର ସମୁଦ୍ର ମଧ୍ୟରେ ଲୀନ ହୋଇଯିବ, ସମୁଦ୍ର ଏଠାରେ ମଧ୍ୟ ନୂଆ ଭୂଗୋଳ ସୃଷ୍ଟି କରିବ।

ଉଦୟକଣି ଗାଁର ଗୋବିନ୍ଦ ପ୍ରଧାନଙ୍କୁ ଭେଟିଥିଲି ଗତବର୍ଷ ଶୀତ ମାସରେ। ତାଙ୍କର କ୍ଷୋଭ ଥିଲା, ସମୁଦ୍ର ହେଲେ ଫେରିଯାନ୍ତା ? ଅନ୍ତତଃ ସମୁଦ୍ର ଭିତରେ ରହିଥିବା ଆମ ଜମିକୁ ପୁଣି ଆମେ କୌଣସି ପ୍ରକାରେ ଚଷି ପାରନ୍ତୁ। ହେଲେ ଖାଇଥିବା ସମୁଦ୍ର କେବେ ବାନ୍ତି କରେନାହିଁ। ଆମ ଚାଷ କଲା ଜମି ଫେରିବାର ନାହିଁ। ସତକଥା। ଯେଉଁ ଜମି ଥରେ ସମୁଦ୍ରରେ ମିଶିଗଲା ସେ ଆଉ କେବେ ଫେରେନାହିଁ। ଲୋକଙ୍କ ପଟ୍ଟା ଜମି, ପୂର୍ବ ପୁରୁଷରୁ ଚାଷ କରିଆସୁଥିବା ଜମି, ଘରବାରି ଜମି, ଗାଁର ସ୍କୁଲ ଓ ମନ୍ଦିର ସବୁକିଛିକୁ ସମୁଦ୍ର ତାହାର ଗର୍ଭକୁ ନେଇଯାଉଛି। କୂଳରେ ପହଞ୍ଚୁଥିବା ପ୍ରତି ଲହଡିରେ ସେହି ଗାଁମାନଙ୍କର ବେଦନାର ସ୍ୱର ରହିଛି। ଏହା ସହିତ ରହିଛି କଟିଯାଇଥିବା ଜଙ୍ଗଲ ଓ ହିମାଳୟରୁ ତରଳିଥିବା ବରଫର ସ୍ତର। କିନ୍ତୁ 'ବିକାଶ' ଆଜି ଏଭଳି କିମିଆ କରିଛି ଯେ ପ୍ରତ୍ୟେକ ରାଜନୀତିଜ୍ଞ, ପ୍ରଶାସକ, ମିଡିଆ ଓ ସେଲିବ୍ରିଟି ଧରିନେଇଛନ୍ତି ଯେ ପୃଥିବୀ ଏକ ସରକାରୀ ବ୍ୟାଙ୍କ ଓ ଲୋକେ ହେଉଛନ୍ତି ବ୍ରଏଲର ଫାର୍ମର କୁକୁଡା।

ମେରୁରେ ବରଫ ତରଳିବା ଯୋଗୁ ସମୁଦ୍ର ଫୁଲିବାରେ ଲାଗିଛି। ଏହା ବିଶ୍ୱ ହାରାହାରି ତାପମାତ୍ରା



ବୃଦ୍ଧିର ପରିଣାମ। ହିମାଳୟରେ ବରଫ ତରଳିବା ହେତୁ ବଙ୍ଗୋପସାଗର ଜଳସ୍ତର ବୃଦ୍ଧିପାଇଚାଲିଛି। ୧୯୯୦ରୁ ୨୦୨୦ ମଧ୍ୟରେ ହିମାଳୟର ୧୨ ପ୍ରତିଶତ ଅଞ୍ଚଳ ବରଫଶୂନ୍ୟ ହୋଇଗଲାଣି। ଏହି ସମସ୍ତ ବରଫରୁ କିଛି ଆରବସାଗର ଓ ଏକ ବିରାଟ ଅଞ୍ଚଳର ବରଫ ବଙ୍ଗୋପସାଗରକୁ ଆସିଛି। ଆଜି ସ୍କୁଲର ପିଲାଟିଏ ବି ଜାଣେ ଯେ ବିଶ୍ୱ ତାପମାତ୍ରାରେ କ୍ରମାଗତ ବୃଦ୍ଧି ହେତୁ ହିମାଳୟରେ ବରଫ ତରଳୁଛି। ସେଥିଲାଗି ସେ ସ୍କୁଲ ଓ ଘର ଚାରିପାଖରେ ଗଛଟିଏ ଲଗାଇବାରେ ଲାଗିଛି। ସେ ଜାଣିନି ସେହି ଗଛ ପୁଣି ବ୍ୟବସ୍ଥାର ଚକ୍ରାନ୍ତରେ ଯେ ଶେଷ ପର୍ଯ୍ୟନ୍ତ ବଞ୍ଚିବ ତାହା ନୁହେଁ। ଯଦି ବି ବଞ୍ଚିଗଲା ତେବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ କମାଇବା ଲାଗି ତାହା ଯଥେଷ୍ଟ ହେବ କି ନାହିଁ। କାରଣ ସେହି ଗଛ ଅନ୍ୟୂନ କୋଡିଏ ବର୍ଷ ପରେ ବଡ ହେବା ବେଳକୁ ବାୟୁମଣ୍ଡଳ ଆହୁରି ଅଧିକ ଦୂଷିତ ହୋଇସାରିଥିବ। ସେ ଅବଶ୍ୟ କେବେ ପଚାରି ନାହିଁ ଯେ ନୂଆ ଗଛ ଲଗାଇବା ଅପେକ୍ଷା ପୁରୁଣା ଗଛକୁ ବଞ୍ଚିବା ଲାଗି ସୁଯୋଗ କାହିଁକି ଦିଆଯାଉନାହିଁ। ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ତଥ୍ୟ ଅନୁସାରେ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ୨୬ ଲକ୍ଷ ୭୫ ହଜାର ଗଛ କଟାଯାଇଛି। ସାରା ଭାରତରେ ସେହି ସମାନ ସମୟରେ ୨୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ମୁଖ୍ୟତଃ ବ୍ୟବସାୟିକ, କୃଷି, ଖଣି, ଶିଳ୍ପ କାରଖାନା, ନଦୀ, ଜଳଭଣ୍ଡାର ଓ ଜଙ୍ଗଲ ନିଆଁ ଦ୍ୱାରା ନଷ୍ଟ ହୋଇଯାଇଛି। ଏହି ପ୍ରକ୍ରିୟା ସମଗ୍ର ବିଶ୍ୱରେ ଚାଲୁରହିଛି।

ଏବେ ପୁଣି ବିଶ୍ୱ ପରିବେଶ ଲାଗି ଯୁଦ୍ଧ ଅନ୍ୟ ଏକ ବିପଦ ହୋଇ ଠିଆ ହୋଇଛି। ଗଲା କିଛି ବର୍ଷ ମଧ୍ୟରେ ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ, ଇସ୍ରାଏଲର ପାଲେଷ୍ଟାଇନ ଉପରେ ଆକ୍ରମଣ, ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପୁଣି ଯୁଦ୍ଧରେ ପ୍ରତିଆକ୍ରମଣରେ କୁଏଟ୍, ଲେବାନନ ଇତ୍ୟାଦି ରାଷ୍ଟ୍ର ଉପରେ ବୋମା ବର୍ଷଣ ଆଜି ପୃଥିବୀର ଆୟୁଷକୁ କମାଇଦେବାରେ ଲାଗିଛି। ଆମର ରାଷ୍ଟ୍ରମୁଖ୍ୟମାନେ ୧୯୭୨ ମସିହାରୁ ଆର୍ଥ ସମିଟ୍‌ରେ ଯୋଗ ଦେଉଛନ୍ତି, ଅଙ୍ଗାରକାମ୍ଳ ନିର୍ଗମନ କମ୍ କରିବାର ପ୍ରତିଶ୍ରୁତି ଦେଉଛନ୍ତି, ଆର୍ଥ ସମିଟ୍‌ର ପଚାଶ ବର୍ଷ ପାଳୁଛନ୍ତି। କିନ୍ତୁ ଅସଲ ସମୟରେ ସେମାନେ ନିଜର ସ୍ୱରୂପ ଦେଖାଉଛନ୍ତି।

ପ୍ରକୃତି ଏ ସମସ୍ତ ଅତ୍ୟାଚାରକୁ ସମ୍ଭାଳି ନେଇ ସତରେ କ'ଣ ବିଶ୍ୱବାସୀଙ୍କୁ କ୍ଷମା ଦେଇଦେବ ? ନା ସେ ନିଜର ଅତି ଭୟାନକ ରୂପ କେବେ ଦେଖାଇବ ? ଯୁଦ୍ଧରେ ବ୍ୟବହୃତ ମିଶାଇଲ, ବୋମା, ରକେଟ ହେତୁ ଯାଉଥିବା ଜୀବନ କେବେ ଫେରିବ ନାହିଁ। ଦୂଷିତ ବାୟୁମଣ୍ଡଳ ପୁଣି କେବେ ସାଧାରଣ ହୋଇପାରିବ ନାହିଁ। ଏହାର ଭୟାନକ ରୂପକୁ ସାଧାରଣ ମଣିଷକୁ ଅନେକ ଦଶନ୍ଧି ପର୍ଯ୍ୟନ୍ତ ଭୋଗିବାକୁ ହେବ, ସେ ଯୁଦ୍ଧର ନିକଟରେ ରହିଥାଉ ଅଥବା ହଜାର ମାଇଲ ଦୂରରେ।

ମୋ: ୯୪୩୭୭୬୨୨୭୨

# ସୁନା, କଳି ଓ ଅର୍ଥନୀତି



ସୁଦୀପ୍ତା ମିଶ୍ର

ଏକଦା ରାଜା ପରିକ୍ଷିତ ନିଜ ରାଜ୍ୟ ତଥା ରାଜ୍ୟବାସୀଙ୍କ ଭଲମନ୍ଦ ଜାଣିବା ପାଇଁ ଭ୍ରମଣାର୍ଥେ ବାହାରିଥିଲେ। ଠିକ୍ ସେହି ସମୟରେ ଏକ ବିଶାଳ ବପୁଧାରୀ ବ୍ୟକ୍ତି (ଯେକି କଳି ଅବତାର) ଏକ ବଳଦକୁ (ଯେକି ଧର୍ମର ପ୍ରତୀକ) ଯାହାର ତିନୋଟି ଗୋଡ ଭାଙ୍ଗି ଯାଇଥିଲା, ଯେ କେବଳ ଗୋଟିଏ ଗୋଡ଼ରେ(ସତ୍ୟ)ହିଁ ଠିଆ ହୋଇଥିଲା ଓ ଏକ ଗାଈକୁ (ପୃଥିବୀ ମାତା) ନିର୍ମମ ଭାବେ ଆଘାତ ଦେଉଥିବାର ରାଜା ପରିକ୍ଷିତଙ୍କର ଦୃଷ୍ଟି ଗୋଚର ହେଲା। ତା'ର ଅତ୍ୟାଚାରରେ ଏ ଦୁହେଁ ପୀଡ଼ିତ ଓ ଦୁଃଖିତ ଥିଲେ। ଏ ଦୃଶ୍ୟ ଦେଖି ରାଜା ନିଜର କ୍ରୋଧ ସମ୍ବରଣ କରି ନ ପାରି କଳିକୁ ବଧ କରିବାକୁ ଉଦ୍ୟତ ହୁଅନ୍ତେ କଳି ତାଙ୍କର ଶରଣ ପଶିଥିଲା। ଶରଣାଗତର ବଧ କରିବା ଅନୁଚିତ ବୋଲି ମନେକରି ରାଜା ପରିକ୍ଷିତ ନିଜର ମର୍ଯ୍ୟାଦା ରକ୍ଷା ପୂର୍ବକ କଳିକୁ ପ୍ରାଣ ଦାନ କରିଥିଲେ। ଏବଂ ନିଜ ରାଜ୍ୟରୁ ବାହାରି ଯିବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ କଳି ନିଜ ପାଇଁ ଏକ ସୁରକ୍ଷିତ ସ୍ଥାନର ଅନୁରୋଧ କରିଥିଲା । ତେଣୁ ପରିକ୍ଷିତ ପାଞ୍ଚଗୋଟି ସ୍ଥାନ ମଧ୍ୟରୁ ଗୋଟିଏ ଚୟନ କରିବାକୁ କହିଥିଲେ। ଯେଉଁଠାରେ ଅଧର୍ମ, ଅସତ୍ୟ ବିରାଜମାନ କରେ। ଯଥା– ଦ୍ୟୁତ, ମଦିରା, ବେଶ୍ୟା, ହିଂସା ଓ ସୁବର୍ଣ୍ଣ। ଏସବୁ ମଧ୍ୟରୁ ସୁବର୍ଣ୍ଣକୁ ନିଜର ଅନୁକୂଳ ସ୍ଥାନ ଭାବେ ବାଛି ନେଇଥିଲା କଳି। ତେଣୁ ରାଜାଙ୍କ ମସ୍ତକରେ ଶୋଭା ପାଉଥିବା ସୁବର୍ଣ୍ଣ ମୁକୁଟରେ ଯାଇ ପ୍ରବେଶ କଲା। ତା' ପ୍ରଭାବରେ ରାଜାଙ୍କର ବୁଦ୍ଧି ଭ୍ରଷ୍ଟ ହୋଇଗଲା। ତା'ପରେ ସେ ଶୃଙ୍ଗି ମୁନିଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ। ତତ୍ପଶ୍ଚାତ୍ ପରିକ୍ଷିତ ନିଜର ରାଜ ପରିପାଟୀ ଓ ତଜ୍ଜନିତ ସୁଖ ତ୍ୟାଗ କରି ଗଙ୍ଗା ନଦୀକୂଳକୁ ମୋକ୍ଷ ପ୍ରାପ୍ତି ପାଇଁ ଚାଲିଯାଇଥିଲେ।

ଉପରୋକ୍ତ ପୌରାଣିକ କଥାରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ ସୁବର୍ଣ୍ଣ ଯେଉଁଠି କଳିର ସ୍ଥାନ ସେଇଠି। ବର୍ତ୍ତମାନ ସମୟରେ ଏହି ଧାତୁର ଅମୂଲ ମୂଲ୍ୟ ହେତୁ ଏଥିପ୍ରତି ଥିବା ଜନାଦୃତି ଧୀରେ ଧୀରେ ମଳିନ ପଡିବାକୁ ଲାଗିଲାଣି। ତେବେ ଏଥିରୁ କ'ଣ କଳି ଅବସାନ ହେବାର ପ୍ରାକ୍ ସୂଚନା ମିଳେ କି। ଏହା ତ ଥିଲା ପୌରାଣିକ ତଥା ଭାବନାତ୍ମକ ଦୃଷ୍ଟିକୋଣ। ଯଦି ଆଜିର ସମୟରେ ଏହି ଧାତୁ ବିଷୟରେ ଆଲୋଚନା କରାଯାଏ ତେବେ ଯେଉଁ ହରିଦ୍ରା ବର୍ଣ୍ଣ ଧାତୁର ଔଜ୍ଜଲ୍ୟରେ ସମସ୍ତେ ଆକର୍ଷିତ ହୁଅନ୍ତି ତାହା ନାରୀମାନଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଏକ ମୁଖ୍ୟ ଶୃଙ୍ଗାର ସାଜିଥିବା ବେଳେ ବଂଶ ପରମ୍ପରାର ସ୍ୱାଭିମାନର ପ୍ରତୀକ ହୋଇଛି। ଦାନ, ଧର୍ମ, ବିବାହ,



ବ୍ରତାଦି କର୍ମରେ ମଧ୍ୟ ଏହାର ବହୁଳ ବ୍ୟବହାର ହୋଇଥାଏ। ସୁବର୍ଣ୍ଣ ସହିତ ଗୃହକୁ ଲକ୍ଷ୍ମୀମାତାଙ୍କ ଆଗମନ ହୁଏ ବୋଲି ବିଶ୍ୱାସ ରହିଛି । କେବଳ ମାନବ ନୁହେଁ ଦେବତାଙ୍କ ଆଭୂଷଣ ନିମନ୍ତେ ମଧ୍ୟ ଏହାର ବ୍ୟବହାର ହୁଏ। କିନ୍ତୁ ବର୍ତ୍ତମାନ ଏହି ଧାତୁଟିର ଆକାଶଛୁଆଁ ଦର କାହାରିକୁ ସୁହାଉ ନାହିଁ। ଏହି ଧାତୁ ଗରିବଙ୍କ ପାଇଁ ସ୍ୱପ୍ନ ଓ ମଧ୍ୟବିତ୍ତଙ୍କ ପାଇଁ ଦୁର୍ଲଭ ହୋଇଯାଇଛି। ଆକାଶର ଚାନ୍ଦ ପରି ଚାନ୍ଦିର ମୂଲ୍ୟ ଆଉ ହାତପାଆନ୍ତାରେ ନାହିଁ। ଅଧୁନା ଦେଶ ଦୁନିଆରେ ଏହି ଧାତୁର ମୂଲ୍ୟରେ ଏଭଳି ଆକାଶଛୁଆଁ ବୃଦ୍ଧି ଘଟିଛି ଯେ, ଏହାକୁ କିଣିବା ତ ଦୂରର କଥା ଆଉ ଭାବିବାକୁ ମଧ୍ୟ ଇଚ୍ଛା ହେଉନାହିଁ। ବିବାହ ବେଳେ ଝିଅକୁ ସ୍ୱର୍ଣ୍ଣ ଆଭୂଷଣରେ ସୁସଜ୍ଜିତ କରିବାର ଯେଉଁ ପ୍ରଥା ଥିଲା ବୋଧହୁଏ ତାହା ଧୀରେ ଧୀରେ ଦୁଷ୍କର ହୋଇପଡିବ। ଉତ୍ସବରେ ନିଜର ବନ୍ଧୁ ବାନ୍ଧବମାନଙ୍କୁ ସୁନାଗହଣା ଆଦି ଉପହାର ଦେବା ସମ୍ଭବପର ନୁହେଁ। କିଛି ସମୟ ବ୍ୟବଧାନରେ ନାରୀଟିଏ ନିଜର ବ୍ୟବହାର ପାଇଁ ହେଉ କି ଝିଅ ବୋହୂଙ୍କ ପାଇଁ ସଞ୍ଚୟ ଲାଗି ହେଉ ସୁନା କିଣିଥାନ୍ତି। କିନ୍ତୁ ଏବେ ସୁନା ଦର ଯାହା, ଉତ୍ସବ ଋତୁ ଆସିଲେ ସାଧାରଣ ପରିବାରରେ ଭାଳେଣି ପଡେ। ଲାଗୁଛି ଏହା କେବଳ ଧନୀକ ଶ୍ରେଣୀଙ୍କ ବ୍ୟବହୃତ ଦ୍ରବ୍ୟ ହୋଇ ରହିଯିବ। ଯେଉଁ ଧାତୁ ମୂଲ୍ୟ ଆଜକୁ ୨୦ବର୍ଷ ତଳେ ୭ ହଜାର ଓ ଦଶ ବର୍ଷ ତଳେ ପାଖାପାଖି ୩୦ ହଜାର ଟଙ୍କା ଥିଲା ତାହା ଏବେ ଏକ ଲକ୍ଷ ଟପିଗଲାଣି। ଏହା ଦ୍ୱାରା ଏହି ଧାତୁଟିର ଉଜ୍ଜ୍ୱଳତା ମଳିନ ପଡି ନ ପାରେ ହେଲେ ଲୋକଙ୍କ ମଧ୍ୟରେ ଏହାର ଆଦୃତି ନିଶ୍ଚୟ କମିଯାଇପାରେ। ଯେପରି ଅଜା ଜେଜେବାପା ଅମଳରେ କାଂସ୍ୟ ପିତ୍ତଳର ବାସନ କୁସନ ବହୁଳ ଭାବରେ ପ୍ରଚଳନ ରହିଥିଲା। କିନ୍ତୁ କାଳକ୍ରମେ ମୂଲ୍ୟ ଏବଂ ବ୍ୟବହାରରେ ସୁବିଧା ଦୃଷ୍ଟିରୁ ଷ୍ଟିଲ, ଚିନା ମାଟି, ଫାଇବର୍ ଆଦି ପାତ୍ରକୁ ବିକଳ୍ପ ଭାବେ ଜନସମାଜ ବାଛିନେଲା। ଠିକ୍ ସେହିପରି ଦିନେ ସୁବର୍ଣ୍ଣର ବିକଳ୍ପ ବାଛିବାକୁ ମଧ୍ୟ ବାଧ ହେବେ। ଏମିତି ତ ଆଜିକାଲିର ଯୁବପିଢି ସୁନା ଗହଣା ଅପେକ୍ଷା ତା'ର ପ୍ରତିରୂପ, ଆଖି ଝଲସାଇ ଦେଉଥିବା ନାନାଦି ପଥର ଖଚିତ ଅଳଙ୍କାର ପ୍ରତି ନିଜର ଆଗ୍ରହ ପ୍ରକାଶ କରୁଛନ୍ତି। ଖାଲି ସେତିକି ନୁହେଁ ବ୍ୟାପାର ବାଣିଜ୍ୟରେ ମଧ୍ୟ ବହୁ କ୍ଷତି ସହିବାକୁ ପଡ଼ିବ। ଗ୍ରାହକମାନଙ୍କୁ ନେଇ ହିଁ ବ୍ୟାପାର। ଯଦି ଗ୍ରାହକମାନେ ଏହାକୁ କିଣିବାକୁ ବିମୁଖ ହେବେ ତେବେ କାଚର ବିରାଟ ବିରାଟ ମହଲ ଭଳି ଦୋକାନ କରିଥିବା ସୁନା, ରୁପା ବ୍ୟବସାୟୀମାନେ ମାନ୍ଦା ଅବସ୍ଥାର ସମ୍ମୁଖୀନ ହେବେ। ସେହି ବ୍ୟବସାୟରେ କାର୍ଯ୍ୟରତ କାରିଗର, କର୍ମଚାରୀମାନଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେବ। କୁଳବେଉସା ବୁଡିଯିବ। ମୋଟାମୋଟି ଭାବେ କହିବାକୁ ଗଲେ ଅର୍ଥ ବ୍ୟବସ୍ଥା ଓ ଜୀବନ ଜୀବିକାର ଗୋଟେ ସମୀକରଣ ବିଗିଡିଯିବାର ସମ୍ଭାବନା ରହିଛି । ତେଣୁ ଏକ ବିକଳ୍ପ ପନ୍ଥା ଚିନ୍ତାଶୀଳ ବୁଦ୍ଧିଜୀବୀମାନଙ୍କଠାରୁ ଏକାନ୍ତ କାମ୍ୟ । ଯାହାକି ସମସ୍ତଙ୍କ ହିତାର୍ଥେ ହୋଇପାରିବ।

ମୋ:୮୭୬୩୮୩୯୭୪୨

## ଏଇ ଭାରତରେ

ପରିସଂସ୍ଥାର ସୁରକ୍ଷା ପାଇଁ ସିକିମ୍‌ର ଏକ ଛୋଟ ଗାଁ ଲାଚେନ ନେଇଥିବା ପଦକ୍ଷେପ ଉଦାହରଣ ସୃଷ୍ଟି କରିଛି। ଗ୍ଲେସିୟରରୁ ଉଦ୍ଭବ ଗୁରୁଡୋଙ୍ଗମାର୍ ହ୍ରଦର ପ୍ରବେଶ ପଥରେ ରହିଛି ଏହି ଗାଁ। ପ୍ଲାଷ୍ଟିକ ବର୍ଜ୍ୟ ହ୍ରଦ ଓ ତାହାର ପାରିପାର୍ଶ୍ୱିକ ପରିବେଶକୁ କ୍ଷତି କରୁଥିବାରୁ ସେଠାରେ ଲାଚେନ ଗ୍ରାମବାସୀ ଏହାକୁ ନିଷେଧ କରିଛନ୍ତି। ପଦକ୍ଷେପ ସ୍ୱରୂପ ହ୍ରଦକୁ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ିକୁ ଗ୍ରାମବାସୀ ଯାଞ୍ଚ କରୁଛନ୍ତି ଏବଂ ସେମାନଙ୍କୁ ପ୍ଲାଷ୍ଟିକ ବୋତଲ ରଖିଦେବା ଲାଗି କହୁଛନ୍ତି। ଏହା ବଦଳରେ ସେଠାରେ ମିଳୁଥିବା ବାଉଁଶ ତିଆରି ବୋତଲରେ ପାଣି ନେବାର ସୁବିଧା କରାଯାଇଛି। ଯେଉଁମାନେ ପ୍ଲାଷ୍ଟିକ ବୋତଲ ଗ୍ରାମବାସୀଙ୍କୁ ଦେବା ଲାଗି ମନା କରୁଛନ୍ତି ସେମାନଙ୍କୁ ହ୍ରଦ ଅଞ୍ଚଳକୁ ଛଡ଼ାଯାଉନାହିଁ। ଗ୍ରାମବାସୀଙ୍କର ଏଭଳି ସମ୍ମିଳିତ ଉଦ୍ୟମ ଯୋଗୁ ଗୁରୁଡୋଙ୍ଗମାର ହ୍ରଦର ପରିବେଶ ଏବେ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ହୋଇପାରିଛି। ଏଥିରେ ସେଠାକାର ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କର ସକ୍ରିୟ ସହଯୋଗ ମଧ୍ୟ ରହିଛି ।

## ୫୦ ବର୍ଷ ତଳର ଧରିତ୍ରୀ

### ୩୧ ମାର୍ଚ୍ଚ ୧୯୭୭

- ବରଗଡ଼ର କଂଗ୍ରେସ ଏମ୍ଏଲ୍ଏ ଭରତ ଚନ୍ଦ୍ର ହୋତାଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।
- ପୂର୍ବତନ କେନ୍ଦ୍ର ରେଲ୍‌ୱେ ମନ୍ତ୍ରୀ କମଳା ପତି ତ୍ରିପାଠୀ ରାଜ୍ୟସଭାରେ ବିରୋଧୀ ଦଳର ନେତା ମନୋନୀତ।
- କଂଗ୍ରେସ ଦଳର ରାଜ୍ୟସଭା ସଭ୍ୟ ରାମନିବାସ ମିର୍ଦ୍ଧା ସର୍ବସମ୍ମତି କ୍ରମେ ରାଜ୍ୟସଭାର ଉପାଧ୍ୟକ୍ଷ ନିର୍ବାଚିତ।

## ଚିରନ୍ତନୀ

କେଉଁ ଦେଶେ ଲୁଚି ରହେ
ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ
ମଧୁମାସ ପରଶରେ
ବଢ଼େ ମମ ପରାସ
ମୁହୁର୍ମୁହୁଃ ନିଃଶ୍ୱାସ ଛାଡ଼ଇ ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 7 | 8 |
| | 7 | | | | 1 | | | |
| | 9 | | | 5 | | | | |
| | | | | | 6 | | 2 | 3 |
| | | | | 1 | | 5 | | |
| 8 | | | 2 | | | | 6 | |
| 1 | 2 | | 9 | | | 3 | | |
| | | | | | 3 | | | 1 |
| | 6 | | | 2 | 4 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 6 | 7 | 1 | 2 | 5 | 9 | 4 |
| 1 | 7 | 9 | 6 | 5 | 4 | 8 | 2 | 3 |
| 5 | 2 | 4 | 3 | 8 | 9 | 6 | 1 | 7 |
| 2 | 1 | 8 | 4 | 7 | 5 | 3 | 6 | 9 |
| 6 | 5 | 3 | 2 | 9 | 1 | 4 | 7 | 8 |
| 4 | 9 | 7 | 8 | 6 | 3 | 1 | 5 | 2 |
| 9 | 3 | 1 | 5 | 4 | 7 | 2 | 8 | 6 |
| 7 | 6 | 2 | 1 | 3 | 8 | 9 | 4 | 5 |
| 8 | 4 | 5 | 9 | 2 | 6 | 7 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତସ୍ତରରେ ଭିନ୍ନକ୍ଷମ ସାର୍ଟିଫିକେଟ ଦିଆଯାଉ

ମହାଶୟ,

ସକାରାତ୍ମକ ମନୋଭାବ ଅଭାବରୁ ସରକାରୀ ଚାକିରିରେ ନିଯୁକ୍ତି ଓ ଭିନ୍ନକ୍ଷମ ଭତ୍ତା ପାଇବା କ୍ଷେତ୍ରରେ ଅନେକ ଭିନ୍ନକ୍ଷମ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସରକାରଙ୍କ ବହୁ ସାମାଜିକ ସୁରକ୍ଷା ଯୋଜନାର ଲାଭରୁ ସେମାନେ ବଞ୍ଚିତ ହେଉଛନ୍ତି। ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁଯାୟୀ ସରକାରୀ ଚାକିରି ଓ ଭତ୍ତା ଆଦି ପାଇଁ ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର ବାଧ୍ୟତାମୂଳକ। ଜିଲା ମୁଖ୍ୟଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜଗୁଡ଼ିକ ଏହି ପ୍ରମାଣପତ୍ର ଦେବା ପାଇଁ କ୍ଷମତାପ୍ରାପ୍ତ। ଏଥିଲାଗି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଗଠିତ କମିଟି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ପ୍ରମାଣପତ୍ର ଦିଆଯାଇଥାଏ। ଅଭିଯୋଗ ହେଉଛି ଯେ ଜିଲା ମୁଖ୍ୟ ଡାକ୍ତରଖାନାଠାରୁ ଦୂରଦୂରାନ୍ତରେ ରହୁଥିବା ଅନେକ ଶାରୀରିକ ଭିନ୍ନକ୍ଷମ ସଚେତନତାର ଅଭାବ ଓ ଆର୍ଥିକ ଦୁରବସ୍ଥା ଯୋଗୁ ବହୁ ଶାରୀରିକ ଭିନ୍ନକ୍ଷମ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ସମ୍ଭବପର ହେଉନାହିଁ। ଏମାନଙ୍କ ଲାଗି ଯଦି ପଞ୍ଚାୟତ ସ୍ତରରେ ଆବେଦନ ଗ୍ରହଣ କରିବା ସହିତ ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବିରମାନ କରିପାରନ୍ତେ ; ଫଳରେ ଏମାନେ ପଞ୍ଚାୟତ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ସହଜରେ ଭିନ୍ନକ୍ଷମ ସାର୍ଟିଫିକେଟ ପାଇବା ସହିତ ସେହିଠାରେ ମଧ୍ୟ ଭତ୍ତା ପାଇଁ ଆବେଦନ କରିପାରନ୍ତେ। ଏଭଳି କରାଯାଉ ନ ଥିବାରୁ ଅନେକ ଯୋଗ୍ୟ ଶାରୀରିକ ଭିନ୍ନକ୍ଷମମାନେ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାବେଳେ ବହୁ ନକଲି ଭିନ୍ନକ୍ଷମ ଭତ୍ତା ହାତେଇ ନେଉଛନ୍ତି।

–ଶ୍ୟାମ ସୁନ୍ଦର ସାମଲ,
ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ଲାକ୍‌ମେଲିଂ: ହଷ୍ଟେଲରେ ଏମ୍‌ବିଏ ଛାତ୍ରୀଙ୍କ ଆତ୍ମହତ୍ୟା

## ଥାନାରେ ଯୁବକଙ୍କ ନାମରେ ଅଭିଯୋଗ କଲେ ପରିବାର

ଭୁବନେଶ୍ୱର,୩୦।୩(ତ୍ରିନାଥ ମହାନ୍ତି)


ମନୋଜିତା ପ୍ରିୟଦର୍ଶିନୀ

ଇନ୍‌ଫୋସିଟି ଛକରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ଢେଙ୍କାନାଳ ଜିଲାର ମନୋଜିତା ପ୍ରିୟଦର୍ଶିନୀ। ସେ ସ୍ଥାନୀୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏକ ପୋଲିସ ଟିମ୍ ଛାତ୍ରୀ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଛାନ୍‌ଭିନ୍ କରିବା ସହ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ହେଲେ ମନୋଜିତାଙ୍କ ଆତ୍ମହତ୍ୟା ଘଟଣାକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏଥିପାଇଁ ଜଣେ ଯୁବକଙ୍କ ନାମରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମନୋଜିତାଙ୍କ ବାପା କହିଛନ୍ତି, ସେ ଦିନ ୨ଟା ବେଳେ ସ୍ୱାଭାବିକ ଭାବେ ମା'ଙ୍କ ସହ କଥା ହୋଇଥିଲେ। ହଷ୍ଟେଲ ଭଲ ଲାଗୁ ନ ଥିବା କହି ଘରକୁ ଯିବାକୁ କହିଥିଲେ। ଏହା ଭିତରେ ସେ କେମିତି ଝୁଲି ପଡ଼ିଲେ? ଜଣେ ପୁଅ ବ୍ଲାକ୍‌ମେଲିଂ କରୁଥିଲେ। ସେ ପୁଅ ହିଁ ତାଙ୍କୁ ଆତ୍ମହତ୍ୟା ପାଇଁ ବାଧ କରିଥିବା ସେ କହିଛନ୍ତି।

ପୋଲିସ ସୂଚନାନୁସାରେ, ରବିବାର ଛୁଟି ଥିବାରୁ ହଷ୍ଟେଲରେ ଥିବା ସାଙ୍ଗମାନେ ବାହାରକୁ ବୁଲିଯାଇଥିବା ବେଳେ ମନୋଜିତା ଦେହ ଭଲ ଲାଗୁ ନ ଥିବା କହି ରହିଥିଲେ। ଅପରାହ୍ଣ ୨ଟା ବେଳେ ସେ ତାଙ୍କ ମା'ଙ୍କ ସହ କଥା ହୋଇଥିଲେ। ହଷ୍ଟେଲରେ ତାଙ୍କୁ ଭଲ ଲାଗୁ ନ ଥିବା କହିବା ସହ ଘରକୁ ପଳାଇଯିବାକୁ କହିଥିଲେ। ହେଲେ ହଷ୍ଟେଲ ଛୁଟି ହେବା ପରେ ଘରକୁ ଆସିବାକୁ ମା' ପରାମର୍ଶ ଦେଇଥିଲେ। ଏପରି କି କିଛି ସମୟ କଥା ହେବା ପରେ ଅପରାହ୍ଣ ୪ଟାରେ ଫୋନ୍ କରିବେ ବୋଲି ମନୋଜିତା ତାଙ୍କ ମା'ଙ୍କୁ କହିଥିଲେ। ହେଲେ ସେ ଆଉ ଫୋନ୍ ନ କରିବାରୁ ତାଙ୍କ ମା' ତାଙ୍କ ମୋବାଇଲ୍‌କୁ କଲ୍ କରିଥିଲେ। ହେଲେ ମନୋଜିତାଙ୍କ ଫୋନ୍ ବନ୍ଦ ଥିବାରୁ ସେ ତାଙ୍କ ରୁମ୍‌ରେ ରହୁଥିବା ସାଙ୍ଗ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଫୋନ୍ କରି ଜଣାଇବାକୁ କହିଥିଲେ। ହଷ୍ଟେଲ କର୍ମଚାରୀ ପହଞ୍ଚି ମନୋଜିତାଙ୍କ ରୁମ୍ କବାଟ ଭିତରପଟୁ ବନ୍ଦ ଥିବାରୁ ଡାକିଥିଲେ। ହେଲେ କେହି ନ ଶୁଣିବାରୁ କବାଟ ଲକ୍ ଭାଙ୍ଗି ଖୋଲିବା ପରେ ମନୋଜିତା ବେକରେ ଓଢ଼ଣି ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଏନେଇ ଇନ୍‌ଫୋସିଟି ଥାନା ଅଧିକାରୀ ମହେନ୍ଦ୍ର ସ୍ୱାଇଁ କହିଛନ୍ତି, ପୋଲିସ ଏକ ୟୁଡି ମାମଲା ରୁଜୁ କରି ତଦନ୍ତ କରୁଛି। ପରିବାର ଲୋକ ଜଣେ ପୁଅ ନାମରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଆମେ ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।

# ନାବାଳିକା ୭ ମାସର ଅନ୍ତଃସତ୍ତ୍ୱା, ଅଭିଯୁକ୍ତ ଗିରଫ

ଚାନ୍ଦବାଲି, ୩୦।୩(କିଷାନ ପାତ୍ର)


ଗିରଫ ଦେବେନ୍ଦ୍ର ନାୟକ

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ନାବାଳିକା ୭ ମାସର ଅନ୍ତଃସତ୍ତ୍ୱା ହେବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦେବେନ୍ଦ୍ର ନାୟକ(୫୮)। ଏନେଇ ଥାନାରେ ଏକ ମାମଲା(ନଂ.୧୨୨/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦେବେନ୍ଦ୍ର ନିଜ ନାବାଳିକା ଝିଅ ମାଧ୍ୟମରେ ଅନ୍ୟ ଜଣେ ୧୫ ବର୍ଷର ନାବାଳିକାଙ୍କୁ ଘରକୁ ଡାକି ଦୀର୍ଘ ଦିନ ହେଲା ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ବିଭିନ୍ନ ସମୟରେ ପୀଡ଼ିତାଙ୍କୁ ଟଙ୍କା ପଇସା ଓ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଘରକୁ ଡାକି ଆଣୁଥିଲେ। ତେବେ ପୀଡ଼ିତାଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ସେ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ପରେ ନାବାଳିକା ଘଟଣା ବିଷୟରେ ପରିବାର ଲୋକଙ୍କୁ କହିଥିଲେ। ରବିବାର ରାତିରେ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଦେବେନ୍ଦ୍ରଙ୍କୁ ସୋମବାର କୋର୍ଟ ଚାଲାଣ କରିଛି।

# ୧୦.୯୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ

## ବୌଦ୍ଧରୁ ବିହାରକୁ ଚାଲାଣ ହେଉଥିଲା

ସୋନପୁର,୩୦।୩(ମୃତ୍ୟୁଞ୍ଜୟ ଶତପଥୀ)


ସୁବର୍ଣ୍ଣପୁର ସହରରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଟିମ୍ ଗଞ୍ଜେଇ ଓଜନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଗଞ୍ଜେଇ ଚୋରାଚାଲାଣର କରିଡର ପାଲଟିଛି। ଜିଲା ପୋଲିସ ମିଶନ ମୋଡରେ କାମ କରୁଥିଲା ବେଳେ ଗଞ୍ଜେଇ ଚୋରାଚାଲାଣକାରୀମାନେ ବିଭିନ୍ନ ନୂଆ ରାସ୍ତା ଦେଇ ଅଭିନବ ଉପାୟରେ ଚାଲାଣ କରୁଛନ୍ତି। ସୋମବାର ସୁବର୍ଣ୍ଣପୁର ଜିଲାର ସୋନପୁର, ବୀରମହାରାଜପୁର ଓ ବିନିକା ଥାନା ଅଞ୍ଚଳରେ ପୋଲିସ ଚଢ଼ାଉ କରି ମୋଟ ୧୦କୁଇଣ୍ଟାଲ ୯୧କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗୋଟିଏ ୧୪ ଚକିଆ ଟ୍ରକ୍ ଓ ୨ଟି ବାଇକ୍ ଜବତ ହୋଇଛି। ଗଞ୍ଜେଇ ଚାଲାଣ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବୌଦ୍ଧ ଜିଲା ପଟୁ ସୁବର୍ଣ୍ଣପୁର ଜିଲା ରାସ୍ତାଦେଇ ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ ହେଉଥିବା ଏସ୍‌ପିଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସେହି ସୂଚନା ଆଧାରରେ ପାଟ୍ରୋଲିଂ କଡାକଡି କରାଯାଇଥିଲା। ସୋମବାର ସକାଳେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଡାଲାରେ ପଲିଥିନ ଢାଙ୍କି ହୋଇ ଆସୁଥିବା ଏକ ୧୪ ଚକିଆ ଟ୍ରକ୍ (ନଂ ଜେଏଚ୧୦ବିପି-୩୪୫୪)କୁ ସୋନପୁର ଥାନା ପୋଲିସ ଟିମ୍ ପିଛା କରିଥିଲା। ବୁଢାରଜା ଛକରେ ପୋଲିସ ଟିମ୍ ଟ୍ରକ୍‌କୁ ଅଟକାଇ ତନଖି କରିଥିଲା। ଅଳ୍ପ କିଛି ଲୁହା ପାଇପ୍ ବୋଝେଇ ହୋଇଥିବା ଟ୍ରକ୍‌ରେ ୩୧ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା। ମାଜିଷ୍ଟ୍ରେଟ୍ ତଥା ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହାୟକ ଜିଲାପାଳ ସୁବାସ ଚନ୍ଦ୍ର ଭୋଇଙ୍କ ଉପସ୍ଥିତିରେ ବସ୍ତାଗୁଡିକ ଖୋଲିବା ପରେ ପ୍ରତି ବସ୍ତାରେ ୩୫ଟି ଲେଖାଏ ଛୋଟ ପ୍ୟାକେଟ୍ ମିଳିଥିଲା। ଯେଉଁଥିରେ ମୋଟ ୧୦କୁଇଣ୍ଟାଲ ୫୦କେଜି ଗଞ୍ଜେଇ ରହିଥିଲା। ଏହି ଘଟଣାରେ ବିହାର ବକ୍ସର ଜିଲାର ଲକ୍ଷ୍ମଣ ଯାଦବ(୨୯) ଓ ଲକ୍ଷ୍ମଣ ଯାଦବ(୫୯)ଙ୍କୁ ଗିରଫ କରାଯାଇଛି। ପ୍ରାରମ୍ଭିକ ତଦନ୍ତରୁ ଗଞ୍ଜେଇ ବୌଦ୍ଧ ଜିଲାରୁ ବିହାରକୁ ଚାଲାଣ ହେଉଥିବା ଜଣାପଡିଛି। ଏହି ଚୋରାଚାଲାଣ ପଛରେ ଅନ୍ୟ କେଉଁ ବ୍ୟକ୍ତିଙ୍କ ସମ୍ପୃକ୍ତି ଅଛି, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ସେହିପରି ବୀରମହାରାଜପୁର ପୋଲିସ ଖମେଣ୍ଡିଆପାଲିଠାରେ ଚଢ଼ାଉ କରି ୩୭କିଲୋ ୪୫୦ଗ୍ରାମ ଗଞ୍ଜେଇ ଜବତ କରିଛି। ବୀରମହାରାଜପୁର ଥାନା ଅଞ୍ଚଳର ରାଜେଶ ସେଠୀ(୨୩), ଭେଙ୍କଟେଶ ମହାକୁଡ(୩୬) ଓ ଜିତେନ୍ଦ୍ର ସେଠୀ(୨୪) ୨ଟି ବାଇକ୍‌ରେ ଗଞ୍ଜେଇ ବୋଝେଇ କରି ବୌଦ୍ଧ ଜିଲା ପଟୁ ବୀରମହାରାଜପୁରକୁ ଆସୁଥିଲେ। ବୀରମହାରାଜପୁର ପୋଲିସ ଏକ ମାମଲା ରୁଜୁ କରି ୨ଟି ବାଇକ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେହିପରି ବିନିକା ପୋଲିସ ଚଢାଉ କରି ଗଞ୍ଜେଇ ଚୋରାଚାଲାଣ କରୁଥିବା ଡବଲା ଅଞ୍ଚଳର ଅଭିମନ୍ୟୁ ବଢେଇ(୩୫)ଙ୍କୁ ଗିରଫ କରିଛି। ସେ ଦାନୀପାଲିରୁ ବିନିକାକୁ ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ଚୋରାଚାଲାଣ କରୁଥିଲେ। ତାଙ୍କ ନିକଟରୁ ୩କିଲୋ ୭୨୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କେ.କେ.ହରିପ୍ରସାଦ ଓ ପ୍ରତାପ କୁମାର ରଣା ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଅନୁଗୋଳ,୩୦।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ସୋମବାର ଅଭିଯୁକ୍ତ ବୁଲୁ ଓରଫ ଚନ୍ଦ୍ରକାନ୍ତ ମଲ୍ଲିକ (୩୧)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟସ୍ଥଳେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ପୀଡ଼ିତା ନାବାଳିକାଙ୍କ ପରିବାର ଅନୁଗୋଳ ସହରରେ ଭଡ଼ା ଘରେ ରହୁଥିଲେ। ଅଭିଯୁକ୍ତ ଚନ୍ଦ୍ରକାନ୍ତ ଓ ପୀଡ଼ିତାଙ୍କ ବାପା ପୂର୍ବରୁ ଜେଲରେ ପରିଚିତ ହୋଇଥିଲେ। ଜେଲରୁ ବାହାରିବା ପରେ ଚନ୍ଦ୍ରକାନ୍ତ ନାବାଳିକାଙ୍କ ପରିବାର ସହ ଉତ୍ତମ ସମ୍ପର୍କ ରଖିଥିଲେ। ଏପରି କି ତାଙ୍କ ଘରକୁ ନିୟମିତ ଯିବାଆସିବା କରୁଥିଲେ। ଏହି ସୁଯୋଗରେ ଚନ୍ଦ୍ରକାନ୍ତ ସମ୍ପୃକ୍ତା ନାବାଳିକାଙ୍କୁ ଭୟଭୀତ କରାଇ ୨୦୧୮ ମସିହାରୁ ବଳାତ୍କାର କରିଆସୁଥିଲେ। ୨୦୨୪ ଜୁନ୍ ୨୦ ତାରିଖରେ ନାବାଳିକାଙ୍କ ପରିବାର ଲୋକେ ବଳାତ୍କାର ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସବ୍‌ଇନ୍‌ସପେକ୍ଟର ସଂଘମିତ୍ରା ଶତପଥୀ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଶୁଣାଣି ସମୟରେ ମୋଟ ୧୦ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତ ଚନ୍ଦ୍ରକାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦେବାକୁ ମଧ୍ୟ ଅଦାଲତ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରଞ୍ଜନ ପାତ୍ର ମାମଲା ପରିଚାଳନା କରିଥିଲେ।

# ସମବାୟ ସମିତି ସମ୍ପାଦକଙ୍କ ଝୁଲନ୍ତା ମୃତଦେହ ଜବତ

ଛେଣ୍ଡିପଦା,୩୦।୩(ଅଜିତ୍ ଧଳ)


ପାର୍ଥସାରଥି ପ୍ରଧାନ

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଡଙ୍ଗାପାଳ ଗାଁ ନିକଟସ୍ଥ ଆମ୍ବତୋଟାରୁ ଉକ୍ତ ଗ୍ରାମର ସମବାୟ ସମିତି ସମ୍ପାଦକ ପାର୍ଥସାରଥି ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସୂଚନା ଅନୁଯାୟୀ, ପାର୍ଥସାରଥି ରବିବାର ଡଙ୍ଗାପାଳ ଗାଁରେ ଏକ ଭୋଜିରେ ସାମିଲ ହୋଇ ରାତିରେ ଘରକୁ ଫେରିଥିଲେ। ଫେରିବା ପରେ ସେ କେଉଁଆଡେ ପଳାଇଥିଲେ। ଏନେଇ ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜିବା ପରେ ତାଙ୍କର ଝୁଲନ୍ତା ମୃତଦେହ ଗାଁ ନିକଟସ୍ଥ ଆମ୍ବତୋଟାରେ ଦେଖିବାକୁ ପାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଗଡ଼ିଆ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛ। ମୃତ ପାର୍ଥସାରଥି ୩ବର୍ଷ ପୂର୍ବେ ନୂଆଗାଁ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଥିଲେ। ତାଙ୍କ ନାମରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା। ସେ ସେଥିରୁ ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପରିଶୋଧ କରିଥିବାବେଳେ ସର୍ବଦା ମାନସିକ ଚାପରେ ରହୁଥିଲେ। ତେବେ ରବିବାର ବିଳମ୍ବିତ ରାତିରେ ହଠାତ୍ କାହିଁକି ଆତ୍ମହତ୍ୟା କଲେ ଏନେଇ ସାଧାରଣ ପ୍ରଶ୍ନବାଚୀ ସୃଷ୍ଟି କରିଛ। ବାଗଡ଼ିଆ ପୋଲିସ ଏକ ଅପମୃତ୍ୟୁ ମାମଲା କେସ୍ ନଂ.-୪ରେ ଏକ ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦେବବ୍ରତ ନାୟକ ପ୍ରକାଶ କରିଛନ୍ତ।

# ବଜ୍ରପାତରେ ଯୁବକ ମୃତ

ଛେଣ୍ଡିପଦା,୩୦।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ବଜ୍ରପାତରେ କଇଥଡ଼ିପ ସାହିର ବିମଳ ଗଡ଼ନାୟକ(୩୨) ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣ ୫ଟାରେ ବିମଳ ନିଜ ଘର ସମ୍ମୁଖ ବଗିଚାରେ ଥିଲେ। ହଠାତ ଘଡ଼ଘଡି ବର୍ଷା ସହିତ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିମଳ ଟଳି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।


**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ. eT-West-WAT-07-2026 ତା.23.03.2026ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର KK-II ଲାଇନରେ ସିନିୟର ସେକ୍ସନ ଇଞ୍ଜିନିୟର (P.WAY)/ଜୟପୁର, ଜଗଦଳପୁର ଏବଂ ଦନ୍ତେୱାଡ଼ା ପରିସୀମା ଅଧିନସ୍ଥ SL, UP ଏବଂ DN ଲାଇନରେ 20.00 କି.ମି. ଲମ୍ବ ନିମନ୍ତେ ନୂଆ ୱାଇଡ ବେସ୍‌ଡ PSC ସ୍ଲିପର ଦ୍ୱାରା ବର୍ତ୍ତମାନର PSC ସ୍ଲିପରର ଥ୍ରୁ ସ୍ଲିପର ନବୀକରଣ (ପ୍ରାଥମିକ)।

**ବିଜ୍ଞାପିତ ମୂଲ୍ୟ :** ₹ 9,01,96,385.89, **EMD :** ₹ 18,03,900/-, **କାର୍ଯ୍ୟ ଶେଷ ହେବା ଅବଧି :** 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 14.04.2026, 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର

PR-1277/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-275

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 02 ଲେଭଲ୍ କ୍ରସିଂ ଗେଟ୍ (RV-124 ଏବଂ LJ-19) ରେ ପୂର୍ବରୁ ଥିବା ଯାନ୍ତ୍ରିକ ଲିଫ୍ଟିଂ ବାରିୟର ସ୍ଥାନରେ ବୈଦ୍ୟୁତିକ ଲିଫ୍ଟିଂ ବାରିୟର ବ୍ୟବସ୍ଥା ସହିତ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4,47,199.42, **EMD :** ₹ 9,000.00, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ (06) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.16.04.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-1282/Q/25-26


# ଚେନ୍ ଲୁଟୁଥିବା ୩ ଜଣିଆ ଗ୍ୟାଙ୍ଗ୍ ବନ୍ଧାହେଲେ


ଗିରଫ ୩ ଲୁଟେରା. ଜବତ ଚେନ୍ ଏବଂ ମୋବାଇଲ।

## ୭ ସୁନାଚେନ, ମୋବାଇଲ ଫୋନ୍, ବାଇକ୍ ଜବତ

ବ୍ରହ୍ମପୁର,୩୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ୨ ବର୍ଷ ହେଲା ଲୁଟତରାଜ କରିବା ସହ ଜଣେ ମହିଳାଙ୍କୁ ଗୁଳିମାଡ଼ କରି ସୁନା ଚେନ ଲୁଟିଥିବା ୩ ଜଣିଆ ଗ୍ୟାଙ୍ଗକୁ ନିମଖଣ୍ଡି ପୋଲିସ ବାନ୍ଧିଛି। ସେମାନେ ହେଲେ ଖୋଡାସିଂ କଳିଙ୍ଗନଗରରେ ରହୁଥିବା କୋଦଳାର ପ୍ରଭାକର ମୁଦୁଲି, ଖଲ୍ଲିକୋଟ ଗୁରୁଗୁପଲ୍ଲୀର ମଧୁସୂଦନ ବେହେରା ଓ ଲୁଟ ସୁନାଚେନ କ୍ରୟ କରିଥିବା ବଡ଼ବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ବିମଳା ନଗରର ବିଶ୍ୱନାଥ ନାୟକ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୮୦ ଗ୍ରାମ ଓଜନର ୭ଟି ସୁନାଚେନ, ୨ଟି ବାଇକ, ୩ ମୋବାଇଲ ଫୋନ୍ ଓ ୨ଟି ହେଲମେଟ ଜବତ ହୋଇଛି। ମାମଲା ନଂ.୨୧୮/୨୫ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଲୁଗାଁ ସାମନ୍ତରାପୁର ଗ୍ରାମର ବାବୁ ମାଝୀ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡିଛି। ସେ ଏକ ମାମଲାରେ ସମ୍ପୃକ୍ତ ଥିବାରୁ ବାଲୁଗାଁ କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ରହିଥିବା ସୂଚନା ମିଳିବା ପରେ ୨ ଦିନ ତଳେ ନିମଖଣ୍ଡି ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ରିମାଣ୍ଡ ଅବଧି ସରିବାରୁ ପୁଣିଥରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ସେହିପରି ଚେନ ଲୁଟେରା ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ କବିସୂର୍ଯ୍ୟନଗରର ସୁନୀଲ ନାହାକ ଓରଫ ମଳାଙ୍କୁ କିଛି ମାସ ତଳେ ଗୋଳନ୍ଥରା ପୋଲିସ ଏନ୍‌କାଉଣ୍ଟର କରି ଜେଲ ପଠାଇଥିଲା। ସେ ସମୟରେ ଏହି ଚେନ ଲୁଟେରା ଗ୍ୟାଙ୍ଗର ସୁରାକ ମିଳିଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ଲୁଟେରା ଗ୍ୟାଙ୍ଗ୍ ୨୦୨୪ରୁ ୨୦୨୬ ମଧ୍ୟରେ ବ୍ରହ୍ମପୁର ସହରର ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳର ବ୍ରଜନଗର, ଶକ୍ତିନଗର, ଗୋବିନ୍ଦ ବିହାର, ବାସୁଦେବ ନଗର ଓ ଅମ୍ବାପୁଆ ଅଞ୍ଚଳରେ ୭ଜଣ ମହିଳାଙ୍କ ବେକରୁ ସୁନାଚେନ ଲୁଟ କରିଥିଲେ ବୋଲି ତଦନ୍ତରୁ ଜଣାପଡିଛି । ୨୦୨୫ ଜୁଲାଇ ୨୨ ତାରିଖ ସନ୍ଧ୍ୟାରେ ଗୋବିନ୍ଦ ବିହାର ୮ମ ଲେନର ଶୁଭଶ୍ରୀ ଜେନା ପିଲାଙ୍କୁ ଟ୍ୟୁଶନରୁ ଆଣି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁନୀଲ ଓ ବାବୁ ଏକ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପିବାକୁ ଚେଷ୍ଟା କରିଥିଲେ । ଶୁଭଶ୍ରୀ ସାହସର ସହ ପ୍ରତିରୋଧ କରିବାରୁ ବାବୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ମଧ୍ୟ ସୌଭାଗ୍ୟବଶତଃ ତାହା ବାଜି ନ ଥିଲା । ଅଭିଯୁକ୍ତମାନେ ସୁନାଚେନ ଲୁଟି ଫେରାର ହୋଇଯାଇଥିଲେ । ଏ ନେଇ ଶୁଭଶ୍ରୀ ଥାନାରେ ଅଭିଯୋଗ କରିଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୩୩ — **ବିଜ୍ଞାପନ** — ତା:୧୭।୦୩।୨୦୨୬

No. 13001/827/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ବି-୧୦୬ (B-106), ବ୍ଲକ-୪(ରୂପା) ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ୧. ମନୋରମା ମହାନ୍ତି, ସ୍ୱାମୀ: ୰ଅରୁଣ କୁମାର ମହାନ୍ତି, ୨. ସୋମାନି ମହାନ୍ତି, ୩. ସନ୍ଦୀପ ମହାନ୍ତି, ପିତା: ୰ଅରୁଣ କୁମାର ମହାନ୍ତି, ସା: ପ୍ଲଟ୍ ନଂ. ୩୧, ସ୍ୱପ୍ନପୁରୀ, ପୋ: ପଟିଆ, ଥାନା: ଇନ୍‌ଫୋସିଟି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉପରୋକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହ (ଫ୍ଲାଟ)ଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସିଦ୍ଧାର୍ଥ ଗୋବିନ୍ଦ ମହାନ୍ତି, ପିତା: ତୁଷାର ରଞ୍ଜନ ମହାନ୍ତି, ସା: ଫ୍ଲାଟ ନଂ. ବି-୧୦୫, ବ୍ଲକ୍-୪ (ରୂପା), ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହ(ଫ୍ଲାଟ୍)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହ(ଫ୍ଲାଟ୍)ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/25-26/0122



**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ ବିଭାଜନ ସଂଖ୍ୟା-୬**

ଜଗତପୁର, କଟକ-୭୫୪୦୨୧

**OFFICE OF THE SUPERINTENDING ENGINEER RENGALI RIGHT CANAL DIVISION NO.VI**

Jagatpur, Cuttack-754021

E-mail Id : eerrcd6jagatpur@gmail.com

**Cancellation of Bid Identification No.SERRCDVI-04/2025-26**

**No.32001/264/2526** : The Bid Identification No.SERRCD-VI-04/2025-26 is hereby cancelled due to technical issue.

Sd./- Superintending Engineer
Rengali Right Canal Division No-VI

OIPR-32001/32527/1/25-26/0002



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**

Order No.2733 Date.26.03.26

**Quotation Call Notice No. CCEEC-03/2025-26**

**No.34001/274/2526** : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/agencies/ Proprietor for **the work: - "Arrangement of stage with all other allied services for District level Chitra Purba-2026 District level Chitra Parba-2026" to be held at Chhau Padia, Baripada from 11.04.2026 to 15.04.2026 (for 5 days).** The interested organizations can download in the e-procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from 10.00 A.M. of 30.03.2026 to 12.30 P.M of 04.04.2026. The bidders must possess compatible Digital Signature Certificate of Class II or III. Quotations received online shall be opened at 1.00 PM of 04.04.2026 in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal www.tendersodisha.gov.in.

Any addendum / corrigendum / cancellation of tender can also be seen in the said website only.

The authority reserves the right to cancel the tender/quotation at any time without assigning any reason.

Sd./- Chief Construction Engineer,
Eastern Circle (R&B), Balasore

OIPR-34001/34026/1/25-26/0018



**FAKIR MOHAN UNIVERSITY**

Vyasa Vihar, Nuapadhi, Balasore, Odisha, PIN - 756089

**No. FMU-DEV-405/2026/3253 Date: 30.03.2026**

**ADVERTISEMENT**

Applications with biodata and all credentials are invited from the eminent persons or anybody knowing the eminent person having achievements in the field of Art/Literature/Science/Culture/Education/Sports/Social Service for selection of awardees for "ବ୍ୟାସଗୌରବ ସମ୍ମାନ – ୨୦୨୬" by Fakir Mohan University. The award shall be given to the eminent persons (One from Balasore District; one from Bhadrak District) on 11th July 2026 during celebration of 28th Foundation Day of the University. The guidelines of the award are available in the University website **http://www.fmuniversity.nic.in/**. The last date for receipt of applications through **Speed Post/Regd. Post** is on or before **25.05.2026 by 3.00 P.M.** The authority reserves right to cancel any/all the application(s) without assigning any reason thereof. Also the persons knowing anybody fulfilling the criteria may be recommended their names.

By order of the Vice-Chancellor
**Sd./- Registrar**

# ଫିଜିଓଥେରାପି ସେବାକୁ ବିକଶିତ କରିବାକୁ ସମୀକ୍ଷା

କେନ୍ଦୁଝର, ୩୦।୩( ନରେଶ ଚନ୍ଦ୍ର ପଟ୍ଟନାୟକ)



ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ରିନା ପ୍ରଧାନ ସମୀକ୍ଷା କରୁଛନ୍ତି।

କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ରିନା ପ୍ରଧାନ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଙ୍କିସ୍ଥିତ ଆଡ଼ଭାନ୍ସ ରିହାବିଲିଟେସନ ସେଣ୍ଟର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆଧୁନିକ ଫିଜିଓଥେରାପି ଉପକରଣଗୁଡ଼ିକର ବ୍ୟବହାର ଆକଳନ କରିବା, କାର୍ଯ୍ୟକାରିତା ସମୀକ୍ଷା କରିବା ଏବଂ କେନ୍ଦୁଝର ଜନସାଧାରଣଙ୍କ ପାଇଁ ପୁନର୍ବାସ ଆଧାରିତ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ଚିହ୍ନଟ କରିବା ପରିଦର୍ଶନର ଉଦ୍ଦେଶ୍ୟ ଥିଲା।

ଭ୍ରମଣ ସମୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଙ୍କିସ୍ଥିତ ଏଆରସିର କାର୍ଯ୍ୟପ୍ରଣାଳୀର ବିସ୍ତୃତ ସମୀକ୍ଷା କରିଥିଲେ। ଏହି କେନ୍ଦ୍ରରେ ନିମ୍ନଅଙ୍ଗ ପୁନର୍ବାସ ପାଇଁ ରୋବୋଟିକ ଇଣ୍ଟରଭେନ୍ସନ ସିଷ୍ଟମ ସହିତ ବିଭିନ୍ନ ଆଧୁନିକ ଫିଜିଓଥେରାପି ଉପକରଣ ଉପଲବ୍ଧ ଅଛି। ଉପକରଣଗୁଡିକର ବ୍ୟବହାର ଅବସ୍ଥା ଆକଳନ କରିବା, ରୋଗୀ ଭର୍ତ୍ତି ଏବଂ ରୋଗୀ ସୁବିଧା ମୂଲ୍ୟାୟନ କରିବା ଏବଂ ଯେଉଁମାନେ ଫିଜିଓଥେରାପି ଓ ପୁନରୁଦ୍ଧାର ସହାୟତା ଆବଶ୍ୟକ କରୁଛନ୍ତି ସେମାନଙ୍କ ପାଇଁ କେନ୍ଦ୍ରଟି ସର୍ବାଧିକ କ୍ଷମତାରେ କାମ କରୁଛି କି ନାହିଁ ତାହା ନିଶ୍ଚିତ କରିବା ନେଇ ସମୀକ୍ଷା କରିଥିଲେ। ସେ ଚିକିତ୍ସକ, ଫିଜିଓଥେରାପିଷ୍ଟ ଏବଂ ପ୍ରଶାସନିକ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ। ସମ୍ପଦ ବ୍ୟବହାରକୁ ଆକଳନ କରିବା ସହ ଜିଲାର ସମସ୍ତ ରୋଗୀଙ୍କ ପାଇଁ ଏଆରସିକୁ ଆହୁରି ସୁଗମ ଏବଂ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା କରିଥିଲେ। ୨୦୨୧ରେ ଡିଏମ୍‌ଏଫ୍ କେନ୍ଦୁଝରର ଆର୍ଥିକ ସହାୟତାରେ ସ୍ଥାପିତ ରାଙ୍କିସ୍ଥିତ ଏହି ଆଡ଼ଭାନ୍ସ ରିହାବିଲିଟେସନ ସେଣ୍ଟର ଆଧୁନିକ ପ୍ରଯୁକ୍ତି ସହ ସଜ୍ଜିତ, ଯାହାରେ ନିମ୍ନ ଅଙ୍ଗ ପୁନର୍ବାସନ ପାଇଁ ବିଶେଷ ଭାବେ ଡିଜାଇନ ହୋଇଥିବା ରୋବୋଟିକ ଇଣ୍ଟରଭେନ୍ସନ ସିଷ୍ଟମ ଅନ୍ତର୍ଭୁକ୍ତ। ପ୍ରକଳ୍ପ ସମ୍ପୂର୍ଣ୍ଣଭାବେ ଡିଏମ୍‌ଏଫ୍ ପାଣ୍ଠିରୁ ସ୍ଥାପିତ ହୋଇଛି। ସମୀକ୍ଷା ମାଧ୍ୟମରେ କେନ୍ଦ୍ରଟିର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ ୨୦୨୧ଠାରୁ ଗଢ଼ି ଉଠିଥିବା ଭିତ୍ତିକୁ ଆହୁରି ମଜବୁତ କରିବାକୁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଦ୍ୟମ କରୁଛନ୍ତି।

# ଯୋଡ଼ା ଉପକଣ୍ଠରେ ୨୫ ଟିକିଆ ହାତୀପଲ

## ଜାତୀୟ ରାଜପଥରେ ଯାତାୟାତ ପ୍ରଭାବିତ

ଯୋଡ଼ା,୩୦।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଉପକଣ୍ଠର ଖଣ୍ଡବନ୍ଧ ଓ ରଣା ଶାଳ ନିକଟ ଜଙ୍ଗଲରେ ପ୍ରାୟ ୨୫ ହାତୀ ବିଚରଣ କରୁଛନ୍ତି। ଫଳରେ ଲୋକେ ହାତୀ ଉପଦ୍ରବ ଆଶଙ୍କାରେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀ ଚଳପ୍ରଚଳ ସମୟରେ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ପ୍ରଭାବିତ ହେଉଛି।

ସୂଚନା ଅନୁଯାୟୀ, ବଡ଼ବିଲ ରେଞ୍ଜ ଅନ୍ତର୍ଗତ ବିଲେଇପଦା ସେକ୍ସନର ରଣାଶାଳ ନିକଟ ଜଙ୍ଗଲରେ ୭ଟି ହାତୀ ରହିଛନ୍ତି। ଦନ୍ତା ହାତୀ ୨ଟି, ମାଈ ହାତୀ ୨ଟି ଓ ହାତୀ ଶାବକ ୩ଟି ରହିଥିବା ବନପାଳ ମୋହିନୀ ମହାନ୍ତ ସୂଚନା ଦେଇଛନ୍ତି। ଏହି ହାତୀପଲ ରଣାଶାଳ ଘାଟିର ୫୨୦ ନଂ ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଅତିକ୍ରମ କରୁଥିବାରୁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ହାତୀ ଘଣ୍ଟାଧିକ ସମୟ ରାସ୍ତା ଅବରୋଧ କରି ରଖୁଛନ୍ତି। ଏଥିପ୍ରତି ବନ ବିଭାଗ ନିୟମିତ ଦୃଷ୍ଟି ନ ଦେଲେ ଜନ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିବା କୁହାଯାଉଛି। ସେହିପରି ଯୋଡା ସେକ୍ସନର ଖଣ୍ଡ ବନ୍ଧ ଅଞ୍ଚଳରେ କିଛି ଦିନ ହେବ ହାତୀ ସଂଖ୍ୟା ୧୮ କୁ ବୃଦ୍ଧି ପାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ଗତ ୫ ଦିନ ହେବ ସୁନ୍ଦରଗଡ଼ ଜିଲାର ବଣେଇ ଅଞ୍ଚଳରୁ ହାତୀ ଆସି ଏଠାରେ ରହୁଛନ୍ତି। ହାତୀପଲରେ ୩ ଦନ୍ତା, ୧୦ ମାଈ ଓ ୫ ହାତୀ ଶାବକ ଅଛନ୍ତି। ହାତୀପଲ ଜନବସତି ମୁହାଁ ହେଉଥିବାରୁ ରାତି ସମୟରେ ଖଣ୍ଡବନ୍ଧ ଓ ନିକଟବର୍ତ୍ତୀ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଉଛି। ଲୋକେ ସନ୍ଧ୍ୟା ସମୟରେ ଘରୁ ବାହାରକୁ ବାହାରିବା ନିରାପଦ ମଣୁ ନାହାନ୍ତି। ଖଣ୍ଡବନ୍ଧ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ଯାତାୟାତ ସମୟରେ ହାତୀପଲ ବିଚରଣ କରୁଥିବାରୁ ଆତଙ୍କିତ ହୋଇପଡ଼ିଛନ୍ତି। ଯୋଡ଼ା-ଖଣ୍ଡ ବନ୍ଧ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଜଙ୍ଗଲ ରହିଥିବାରୁ ଲୋକଙ୍କ ଯାତାୟାତ ସମୟରେ ବନ ବିଭାଗ କଡ଼ା ନଜର ରଖିବାକୁ ସାଧାରଣରେ ଦାବି ହେଉଛି।

# ୨୩ ଲକ୍ଷ ଟଙ୍କା, ୩୭ ଗ୍ରାମ ସୁନା ମିଳିଲା

### ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ,୩୦।୩(ରାଜେନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀ ଠାକୁରାଣୀଙ୍କ ହୁଣ୍ଡି ସୋମବାର ଗଣତି ହୋଇଛି। ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିବା ବେଳେ ୨୩, ୭୧, ୦୨୯ ଟଙ୍କା ଓ ୩୭ ଗ୍ରାମ ୧୬୦ ମିଲିଗ୍ରାମ ସୁନା ଓ ୩୧୮ ଗ୍ରାମ ୩୪୯ ମିଲିଗ୍ରାମର ରୁପା ମିଳିଛି। ଦେବୋତ୍ତର ଡିଭିଜନଲା ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷିକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ଓ ଘଟଗାଁ ପୋଲିସ ରାଜେଶ କାହାଳି ଓ ଲୀଳାବତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଗଣତି କାର୍ଯ୍ୟରେ ମନ୍ଦିର କର୍ମଚାରୀ ଶରତ ବେହେରା, ହରେକୃଷ୍ଣ ପଲେଉ, ଅବନୀ ଜେନା, ତରଣୀସେନ ରାଉତ, ମହେଶ୍ୱର ସାହୁ ରଞ୍ଜନ ସାହୁ ନବୀନ ମହାନ୍ତ, ତୁଷାର ରାଉତ, ଦେବୀଦତ୍ତ ବଳ, ନକୁଳ ବେଜ, ଅରୁଣ ନାୟକ, ସଚିନ ଦେହୁରୀ, ଶ୍ରୀକାନ୍ତ ଦେହୁରୀ ଲକ୍ଷ୍ମୀଧର ମହାନ୍ତ, ହରିହର ମହାନ୍ତ, ମହେଶ୍ୱର ସାହୁ, ପୋଲିସ ଲୀଳାବତୀ ନାଏକ ଓ ରାଜେଶ କାହାଳି ଏବଂ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ତ୍ରିଶଳା ହାଁସଦା ଓ ହରିହର ମୋଦି ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ଜିଲାପାଳଙ୍କ ନାମରେ ଅଦାଲତ ଅବମାନନା ମାମଲା

କେନ୍ଦୁଝର/ହାଟଡ଼ିହୀ,୩୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

ଆଦେଶ ପାଳନ ନ କରିବାରୁ କିଛି ଦିନ ପୂର୍ବରୁ ସଚିବ ଶ୍ରେଣୀର ଅଧିକାରୀଙ୍କୁ ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ଅଦାଲତ ଅବମାନନା ଛାଟ ବାଜିଥିଲା। ଏବେ କେନ୍ଦୁଝର ଜିଲାପାଳ ତଥା କେନ୍ଦୁଝର ଡିଏମ୍‌ଏଫ ଅଧ୍ୟକ୍ଷ ବିଶାଲ ସିଂଙ୍କ ନାମରେ ୨୬ ମାର୍ଚ୍ଚ ୨୦୨୬ରେ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଅଦାଲତ ଅବମାନନା ମାମଲା (ନଂ. ସିଓଏନଟିସି – ୧୮୭୦/୨୦୨୬ ) ଦାୟର ହୋଇଛି।

ସୂଚନା ଯୋଗ୍ୟ, ବର୍ଦ୍ଧିତ ଦରମା ମାଗିବାରୁ ଡିଏମ୍‌ଏଫରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ବେନିୟମ ଏବଂ ମୌଖିକ ଭାବେ ଚାକିରୀରୁ ବିଦା କରି ଦେଇଥିଲେ। ଏ ନେଇ ହାଇକୋର୍ଟଙ୍କରେ ଏକ ମାମଲା( ଡବ୍ଲ୍ୟୁପିସି ନଂ –୩୫୧୭୭/୨୦୨୫) ଦାୟର ହୋଇଥିଲା । ୪ ସପ୍ତାହ ମଧ୍ୟରେ ଅଭିଯୋଗର ବିଚାର କରିବାକୁ ହାଇକୋର୍ଟ ୧୦ ଡିସେମ୍ବର ୨୦୨୫ ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜିଲାପାଳ ଅଭିଯୋଗ ଶୁଣାଣି ପାଇଁ ଚିଠି (ନଂ. ୮୪/୧୩ ଜାନୁୟାରୀ ୨୦୨୬)ରେ ନୋଟିସ ଜାରି କରି ୧୭ ଜାନୁୟାରୀ ୨୦୨୬କୁ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ। ମାତ୍ର ଶୁଣାଣି ତାରିଖ ପରେ ୨ ମାସରୁ ଅଧିକ ଦିନ ବିତି ସାରିଥିଲେ ମଧ୍ୟ ଅଭିଯୋଗ ବିଚାରର ଫଳାଫଳ ପ୍ରକାଶ ପାଇ ନ ଥିଲା। ଫଳରେ ଅଦାଲତ ଅବମାନନା ମାମଲା ଦାୟର ହୋଇଛି।

# ତ୍ରୁଟିପୂର୍ଣ୍ଣ ସୂଚନାଫଳକକୁ ନେଇ ବିବାଦ

କେନ୍ଦୁଝର,୩୦।୩( ନରେଶ ଚନ୍ଦ୍ର ପଟ୍ଟନାୟକ)




କେନ୍ଦୁଝର ସହରରେ ବିଭିନ୍ନ ୱାର୍ଡରେ ଲାଗିଥିବା ସୂଚନାଫଳକରେ ଠିକ ବନାନ୍ ଓ ଢଙ୍ଗରେ ଲେଖାଯାଇ ନ ଥିବାରୁ ବିବାଦ ଦେଖାଦେଉଛି। ଏହାର ତଦାରଖ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଭଳି ଏକ ଗୁରୁତର ଅଭିଯୋଗ ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ କରାଯାଇ ତୁରନ୍ତ ସଂଶୋଧନ କରିବାକୁ ଦାବି ହୋଇଛି।

ଅଭିଯୋଗ ମୁତାବକ, ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟ ଛକରେ (ୱାର୍ଡ ନମ୍ବର ୨୧) ଥିବା ସୂଚନା ଫଳକରେ ହରିଜନ ବସ୍ତିକୁ ରାସ୍ତା ବୋଲି ଉଲ୍ଲେଖ ହୋଇଛି। ତେବେ ହରିଜନ ଶବ୍ଦ ବ୍ୟବହାରକୁ ନେଇ କଟକଣା ରହିଥିବା ବେଳେ ଏହା କିଭଳି ଲେଖାଗଲା ଏବଂ ଦୀର୍ଘ ବର୍ଷ ହେଲା ପ୍ରଶାସନ ଜାଣି ପାରୁନାହିଁ ବୋଲି ସମିତିର ବରିଷ୍ଠ ସଦସ୍ୟ ତଥା ସ୍ଥାନୀୟ ଅଧିବାସୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି। ସେହିପରି ଉକ୍ତ ସାହିର ନାମ ଗମ୍ଭାରିଆ ରହିଥିବା ବେଳେ ଏଭଳି ଅପଶବ୍ଦ କିଭଳି ଓ କାହିଁକି ଲେଖାଗଲା ବୋଲି ଅନେକ ପ୍ରଶ୍ନ କରିଛନ୍ତି। ଏହାକୁ ତୁରନ୍ତ ଉଠାଇ ଠିକ୍ ବୋର୍ଡ ଲଗାଇବାକୁ ଦାବି କରାଯାଇଛି। ଏ ନେଇ ସୋମବାର ସମିତିର ସଦସ୍ୟମାନେ ପୌରାଧ୍ୟକ୍ଷଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏ ନେଇ ପୌରାଧ୍ୟକ୍ଷା ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ତେବେ ଯଦି ପଦକ୍ଷେପ ନିଆ ନ ଯାଏ ବାଧ୍ୟ ହୋଇ ସ୍ୱର ଉତ୍ତୋଳନ କରାଯିବ ବୋଲି ସମିତିର ବରିଷ୍ଠ ସଦସ୍ଯ ତଥା ସ୍ଥାନୀୟ ଅଧିବାସୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

# ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ବାରିପଦା,୩୦।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦାସ୍ଥିତ ଜିଲା ଶିଳ୍ପ କେନ୍ଦ୍ର (ଡିଆଇସି) ପରିସରରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଶିଳ୍ପ ନିର୍ଦ୍ଦେଶାଳୟ ପ୍ରାୟୋଜିତ ଏବଂ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ନୂତନ ଏବଂ ପୁରାତନ ଉଦ୍ୟୋଗୀମାନଙ୍କୁ ସରକାରୀ ସହାୟତା ଓ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଛି। ଏହି ଅବସରରେ ବିଶେଷ କରି ପ୍ରଧାନମନ୍ତ୍ରୀ ଫର୍ମାଲାଇଜେସନ ଅଫ ମାଇକ୍ରୋ ଫୁଡ ପ୍ରୋସେସିଂ ଏଣ୍ଟରପ୍ରାଇଜେସ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏହି ଯୋଜନାରେ ବ୍ୟକ୍ତିଗତ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା ପାଇଁ ମୋଟ ପ୍ରକଳ୍ପ ବ୍ୟୟର ୩୫ ପ୍ରତିଶତ ପର୍ଯ୍ୟନ୍ତ କ୍ରେଡିଟ-ଲିଙ୍କଡ ସବସିଡି (ରିହାତି) ପ୍ରଦାନ କରାଯାଉଛି, ଯାହାର ସର୍ବାଧିକ ସୀମା ୧୦ ଲକ୍ଷ ଟଙ୍କା ରହିଛି। ବ୍ୟକ୍ତିଗତ ଉଦ୍ୟୋଗୀଙ୍କ ବ୍ୟତୀତ ଏଫପିଓ, ଏସଏଚଜି ଏବଂ ସମବାୟ ସମିତି ଗୁଡ଼ିକ ମଧ୍ୟ ସାଧାରଣ ଭିତ୍ତିଭୂମି ଯଥା- କୋଲ୍ଡ ଷ୍ଟୋରେଜ, ୱେୟାରହାଉସ ଏବଂ ଲ୍ୟାବ ପ୍ରତିଷ୍ଠା ପାଇଁ ୩୫ ପ୍ରତିଶତ ସହାୟତା ପାଇପାରିବେ। ଏହି ସଚେତନତା ଶିବିରରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଉଦ୍ୟୋଗୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବା ସହ କିଭଳି ମୟୂରଭଞ୍ଜ ଜିଲାରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବିପ୍ଳବ ଆସିପାରିବ ସେ ନେଇ ଆଲୋଚନା କରିଥିଲେ । ସ୍ଥାନୀୟ ଉତ୍ପାଦର ବ୍ରାଣ୍ଡିଂ ଏବଂ ମାର୍କେଟିଂ ପାଇଁ ମଧ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ବାରିପଦାସ୍ଥିତ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଦୀନେଶ ଶଙ୍କର ହୋତା କହିଛନ୍ତି।

# ମନସ୍ତତ୍ତ୍ୱ ବିଭାଗର ଜାତୀୟ ସମ୍ମାନ

### ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ

ବାରିପଦା,୩୦।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସରକାରୀ ମହିଳା ମହାବିଦ୍ୟାଳର ମନସ୍ତତ୍ତ୍ୱ ବିଭାଗ ତରଫରୁ 'ପରିବର୍ତ୍ତନଶୀଳ ପୃଥିବୀରେ ମାନବ ସାମର୍ଥ୍ୟର ଉଦ୍‌ଘାଟନ' ଶୀର୍ଷକ ଏକ ଦିବସୀୟ ଜାତୀୟ ସମ୍ମାନ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଯୁକ୍ତି ସଂସ୍ଥା ଖଡ଼ଗପୁରର ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ଡ. ରବୀନ୍ଦ୍ର କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଲେଶ୍ୱରର ସହକାରୀ ପ୍ରଫେସର ଡ.ଜୟଶ୍ରୀ ମିଶ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ପ୍ରଥମ ଅଧିବେଶନର ସ୍ୱାଗତ ଭାଷଣରେ ମଣିଷର ପ୍ରତ୍ୟେକଟି କାର୍ଯ୍ୟକଳାପରେ ମନସ୍ତତ୍ତ୍ୱର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କରିଥିଲେ। ମୁଖ୍ୟ ଅଧିବେଶନର ପ୍ରଥମ ଭାଗରେ ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ.ବିଦ୍ଧାଂଶୁ ଜେନା ଓ ଦ୍ୱିତୀୟ ଭାଗରେ ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଡ. ଚନ୍ଦ୍ରକାନ୍ତ ଦାସ ସଭାପତିତ୍ୱ କରିଥିଲେ। ସମ୍ମାନର ବୈଷୟିକ ଅଧିବେଶନକୁ କଳ୍ପଲତା ବେହେରା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ.ମନୋଜ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମାନବିକ ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ମନସ୍ତତ୍ତ୍ୱ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ଡ.ଧନେଶ୍ୱର ବେହେରା ସମ୍ମାନ ସମ୍ପର୍କରେ ନିଜ ଅଭିମତ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅଞ୍ଜନା ପୃଷ୍ଟି, ସହକାରୀ ପ୍ରଫେସର ଡ. ଦେବସ୍ମିତା ଜେନା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାଢ଼ୀ ଓ ରାହୁଲ କର୍ଣ୍ଣ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମ୍ମାନ ପରିଚାଳିତ ହୋଇଥିଲା। ଲକ୍ଷ୍ମୀପ୍ରିୟା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଭାଗୀୟ ସ୍ମରଣୀକା ଉନ୍ମୋଚନ କରାଯାଇଥିଲା।

# 'ଶ୍ରାବଣୀ ନଈ' ଏବଂ 'ଚହଲା ପାଣିର କଇଁ' ଲୋକାର୍ପିତ

ବାଲେଶ୍ୱର, ୩୦।୩(ବାଞ୍ଛାନିଧି ଦେ)

ବିଶ୍ୱ ନାଟ୍ୟଦିବସ ଅବସରରେ 'ଚନ୍ଦ୍ରଭାଗା' ଓ 'ସହଯୋଗ' ଅନୁଷ୍ଠାନ ଆନୁକୂଲ୍ୟରେ ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ଶନିବାର ନବଉନ୍ମେଷକାରୀ ନାଟ୍ୟକାର ଡ. ଦିଲ୍ଲୀପ ରଥଙ୍କ 'ଶ୍ରାବଣୀ ନଈ' ଏବଂ 'ଚହଲା ପାଣିର କଇଁ' ନାଟକ ପୁସ୍ତକ ଲୋକାର୍ପଣ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗଦେଇ ପୁସ୍ତକଦ୍ୱୟକୁ ଉନ୍ମୋଚନ କରିଥିଲେ। ନାଟକ ଭିତରେ କାବ୍ୟସ୍ୱର କାରୁକାର୍ଯ୍ୟ ମନ୍ତ୍ରମୁଗ୍ଧ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଡ. ରାଖାଲ ଚନ୍ଦ୍ର ଘଡ଼ାଇ, ଡ. ଭାଗବତ ପ୍ରସାଦ ଦାସ, ଡ. ରମାକାନ୍ତ ନାୟକ ଓ ନାଟ୍ୟ ଗବେଷକ କୈଳାସ ଦାସ ଯୋଗଦେଇ ପୁସ୍ତକଦ୍ୱୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କବି ସୀତାଂଶୁ ଲେଙ୍କା ନାଟକ ଓ କବିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କବି ଶ୍ରୀଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ରାମଚନ୍ଦ୍ର ସାହୁ, ସୁଶାନ୍ତ ଦାସ, ଇଂ. ଶ୍ରୀତମ ସିଂହ, ଶରତ ବାରିକ ଓ ରମେଶ ଚନ୍ଦ୍ର ବେହେରାଙ୍କ ସହ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ଈପ୍‌ସିତ ପ୍ରୟାସ ରଥ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଧାମନଗର,୩୦।୩(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆଶିଷ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବେଦପିୟୁଷ ସମ୍ପାଦକ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ପ୍ରଶାନ୍ତ ବିଶ୍ୱାଳ, ଅନ୍ୟତମ ଅତିଥିଭାବେ ପରିଚାଳନା କମିଟିର ଉପସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଗୋପାଳ ଚନ୍ଦ୍ର ବେହେରା ଯୋଗଦେଇ ମା' ବାପାଙ୍କୁ ଦେବା ଶିଖାନ୍ତୁ ଆଣିବା ଶିଖାନ୍ତୁ ନାହିଁ। ପିଲାମାନେ ଖାଲି ଶିକ୍ଷିତ ହେଲେ ହେବ ନାହିଁ ସମାଜରେ ଜଣେ ଭଲ ମଣିଷ କରି ଗାଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶ ଅତିଥି ପରିଚୟ ଓ ଶିଶୁ ମନ୍ଦିର ସମ୍ପାଦକ ଗଦାଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ।

# ବିନ୍ଦୁଏ ବ୍ୟତିକ୍ରମ ଗଳ୍ପ ପୁସ୍ତକ ଉନ୍ମୋଚିତ



ଅତିଥି ଗଳ୍ପ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ, ୩୦।୩(ସନାତନ ରାଉତ):

ସମ୍ଭାବନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ୟୁବିଆଇର ଅବସରପ୍ରାପ୍ତ ଏଜିଏମ୍ ମଦନ ମୋହନ ମହାକୁଡ଼ଙ୍କର 'ବିନ୍ଦୁଏ ବ୍ୟତିକ୍ରମ' ଗଳ୍ପ ପୁସ୍ତକ ରବିବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ଭଦ୍ରକ ଜିଲା ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ବ୍ରଜମୋହନ ମିଶ୍ର ଯୋଗଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ନାୟକ, ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ଅଧ୍ୟାପକ ଡ. ଅଭୟ ଦାସ ପୁସ୍ତକର ସମୀକ୍ଷା କରିଥିଲେ। ସମ୍ଭାବନା ସାହିତ୍ୟ ସଂସଦ ସଭାପତି ପ୍ରଫେସର ଡ. ଅଟଳ ବିହାରୀ ନାୟକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଋତୁରାଜ ଅକ୍ଷୟ ମଞ୍ଚ ପରିଚାଳନା କରିଥିଲେ। କବୟିତ୍ରୀ ସଂଯୁକ୍ତା ବଳ ନାୟକ ମଞ୍ଚ ଆହ୍ୱାନ କରିଥିଲେ। ପ୍ରାଧାପିକା ଉଷାରାଣୀ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଳ୍ପ ପୁସ୍ତକ ରଚୟିତା ମହାକୁଡ ପୁସ୍ତକ ସମ୍ବନ୍ଧୀୟ ଲେଖକୀୟ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ସମ୍ଭାବନା ସାହିତ୍ୟ ସଂସଦର ଦୁଇ ନୂତନ ସଦସ୍ୟ କବୟିତ୍ରୀ ସାବିତ୍ରୀ ସେଠୀ ଓ ଆଇନଜୀବୀ କୃତିଦୀପା କରଙ୍କୁ ମୁଖ୍ୟଅତିଥି ମିଶ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଂସଦର ସମ୍ପାଦକ ଯୁବ ଗୀତିକାର ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଆଖିଆ ପ୍ରିମିୟର ଲିଗ୍ ସଂସ୍କରଣ ଉଦ୍‌ଯାପିତ

ବାଲେଶ୍ୱର, ୩୦।୩
(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଟିଆଖିଆ ହୋଲିପଡ଼ିଆରେ ତ୍ରିରଙ୍ଗା କମ୍ୟୁନିଟି ସେଣ୍ଟର ଆନୁକୂଲ୍ୟରେ ଚଳିତବର୍ଷ ୩ମାସ ଧରି ଚାଲିଥିବା କ୍ରିକେଟ ଖେଳ (ଟିପିଏଲ) ଟିଆଖିଆ ପ୍ରିମିୟର ଲିଗ୍‌ର ୧୪ତମ ସଂସ୍କରଣ-୨୦୨୬ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ ପରି ଇଲେଭେନ ଏବଂ ପପୁନ ଫାଇଟର ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ପ୍ରଥମେ ଟସ୍ ଜିତି ପରି ଇଲେଭେନ ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ପପୁନ ଫାଇଟର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରିଥିଲା। ଏହି ରନ୍‌କୁ ପିଛା କରି ପରି ଇଲେଭେନ ୭ ଓଭର ୩ଟି ବଲ ଓ ୩ଟି ଉଇକେଟ୍ ବିନିମୟରେ ୧୦୨ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ପରେ ପୁରସ୍କାର ବିତରଣ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୁବନେତା ମାନସ ଦାସ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କମଳଲୋଚନ ପରିଡ଼ା, ୱାର୍ଡମେମ୍ବର ଅନୀଲ ନାଥ ଓ ଆଇନଜୀବୀ ଶାନ୍ତନୁ ଦାସ ମଞ୍ଚାସୀନ ଥିଲେ। ପୂର୍ବତନ ନାଏବ ସରପଞ୍ଚ କମଳଲୋଚନ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ରବୀନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ।




ବିଜୟୀ ଦଳକୁ ଚେକ୍ ପ୍ରଦାନ କରାଯାଉଛି।

**ସଂକ୍ଷେପରେ**

## ଆକ୍ସନ୍ ମୋଡ଼ରେ ଅଧିକାରୀ, ବାଲି ଚାଲାଣକାରୀ ଛାନିଆ



**ବାଲିଆପାଳ, ୩୦ ।୩(ଗୋପାଳ ଚନ୍ଦ୍ର ସାହୁ)**

ବାଲିଆପାଳ ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀ ଅବବାହିକାରେ ବାଲି ଚୋରାଚାଲାଣ ନେଇ ବାରମ୍ବାର ଅଭିଯୋଗ ପରେ ବାଲି ଚାଲାଣକାରୀଙ୍କୁ ସାବାଡ଼୍ କରିବା ପଇଁ ବସ୍ତା ଲଘୁ ଖଣିଜ ଅଧିକାରୀ ଏବେ ଆକ୍ସନମୋଡ଼ରେ। କ୍ରମାଗତ ଭାବେ ଦୁଇ ଦିନ ଧରି ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଚାଲିଥିବା ବେଆଇନ ବାଲି ଚୋରାଚାଲାଣ ସ୍ଥାନରେ ଚଢ଼ାଉ ଜାରି ରହିଛି। ଶନିବାର ରାତିରେ ଗୋଟିଏ ହାଇୱା ଓ ଗୋଟିଏ ଟ୍ରାକ୍ଟର ଜବତ କରି ଥାନାରେ ଅଟକ ରଖିଥିବା ବେଳେ ସୋମବାର ଅପରାହ୍ନ ୪ଟାରେ ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନରେ ଅଟକ ରଖାଯାଇଛି।

ବାଲିଆପାଳ ବ୍ଲକ ସାନମଇଷାଡ଼ିଠାରେ ସୁବର୍ଣ୍ଣରେଖା ନଦୀରୁ ଜେସିବି ସାହାଯ୍ୟରେ ଚାଲାଣକାରୀମାନେ ବାଲି ଉତ୍ତୋଳନ କରି ଟ୍ରାକ୍ଟର ସାହାଯ୍ୟରେ ଚାଲାଣ କରୁଥିବା ଖବର ପାଇ ବାଲିଆପାଳ ବସ୍ତା ଜୁନିୟର ଲଘୁ ଖଣିଜ ଅଧିକାରୀ ସତ୍ୟଚିନ୍ମୟ ଜେନା ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ମାତ୍ର ବାଲିଚାଲାଣକାରୀମାନେ ଟ୍ରାକ୍ଟର ଓ ଜେସିବିକୁ କୌଶଳକ୍ରମେ ନେଇ ପଳାଇଯାଇଥିଲେ। ସେଠାରୁ ଜେନା ବାଲିଆପାଳ ଥାନାକୁ ଫେରିଥିବା ବେଳେ ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ପାଖରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାରେ ଅଟକ ରଖିଛି।

# ପୌନଃ ପୌନିଂକ ପଦ୍ଧତିରେ ଚାଷ କୃଷିର ମାନ ବୃଦ୍ଧି କରିଥାଏ

**ସିମୁଳିଆ, ୩୦ ।୩(ସନ୍ତୋଷ ନାୟକ)**



କୃଷି ବିଜ୍ଞାନକେନ୍ଦ୍ରର ବିଭିନ୍ନ ବୈଜ୍ଞାନିକ ଓ ଅଧିକାରୀ ମାନଙ୍କ ସହିତ ମାଛଚାଷୀ।

ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କରି ରାଜ୍ୟରେ ପ୍ରୋଟିନର ଭରଣ କରିବା ସହିତ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗତ ଗୁରୁବାରରୁ ଆରମ୍ଭ ହୋଇଥିବା ୫ଦିନିଆ ତାଲିମ ଶିବିର ସୋମବାର ଶେଷ ହୋଇଛି। ଏଥିରେ ବିଭିନ୍ନ ବିଶେଷଜ୍ଞ, ବୈଜ୍ଞାନିକ, କୃଷକ ଓ ମତ୍ସ୍ୟ ଉଦ୍ୟୋଗୀ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ବୈଜ୍ଞାନିକ ପ୍ରଣାଳୀ ସହିତ ସରଳ ଉପାୟରେ ପୋଖରୀ ପ୍ରସ୍ତୁତି, ଯାଆଁଳ ପରିଚାଳନା, ମାଛ ଚାଷ, ରୋଗ ଓ ଔଷଧ ପ୍ରୟୋଗ, ମାଛ ଚାଷରେ ମୁଖ୍ୟ ଉପାଦାନ ପ୍ରାକୃତିକ ଓ ପରିପୂରକ ଆହାର ଆଦି ସମ୍ପର୍କରେ ସୂଚନା ପ୍ରଦାନ କରି ପୌନଃ ପୌନିଂକ ପଦ୍ଧତିରେ ଚାଷ କୃଷିର ମାନ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ।

ବାସୁଦେବପୁର ମେରାଇନ ବିଭାଗର ସହକାରୀ ମତ୍ସ୍ୟ ଅଧିକାରୀ ଜଗଦୀଶ ବାରିକ ହାତ ପାଆନ୍ତାରେ ମିଳୁଥିବା ମାଛ ଖାଦ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଜିଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ ସରକାରଙ୍କ ବିଭିନ୍ନ ଯୋଜନା ଓ ରିହାତି ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ନାୟକ ଯୁବକମାନଙ୍କ ଉଦ୍ଦେଶ୍ୟରେ ନିଜ ଅଞ୍ଚଳରେ କାର୍ଯ୍ୟ ନ କରି ବାହାର ରାଜ୍ୟରେ କାମ କରିବା ପରି ମାନସିକତାଠାରୁ ଦୂରେଇ ରହିଲେ ନିଜ ପରିବାର ସହିତ ରାଜ୍ୟର ଉନ୍ନତି ହେବ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ଛୋଟ ଚାଷୀରୁ ଅଭିଜ୍ଞତା ପରେ ବଡ ଉଦ୍ୟୋଗରେ ପ୍ରବେଶ କରିବା ପାଇଁ ପରାମର୍ଶ ଦେବା ସହିତ ରିକ୍ସ ନେଲେ ସଫଳ ହେବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଉଦ୍ୟୋଗୀ ଦୀପକ କୁମାର ସ୍ୱାଇଁ ନିଜର ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ। ରବିବାର ଅପରାହ୍ନରେ ସ୍ଥାନୀୟ ଶ୍ରୀରାମପୁର ଅଞ୍ଚଳର ମାଛ ଖାଦ୍ୟ ପ୍ରସ୍ତୁତ କରୁଥିବା ଉଦ୍ୟୋଗୀ ପ୍ରଭାତ ମହାନ୍ତିଙ୍କ କ୍ଷେତ୍ର ପରିଦର୍ଶନରେ ଚାଷୀମାନେ ଯାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିର ପ୍ରଣାଳୀ ସମ୍ପର୍କରେ ସୂଚନା ଦେବା ସହିତ ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ମଧୁର ଜଳ ମାଛ ଚାଷର ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହେବା ସହିତ ଚାଷୀମାନଙ୍କୁ ବଣ୍ଟନ କରାଯାଇଥିଲା। ଶିବିରରେ ତାଲିମପ୍ରାପ୍ତ ୪୦ଜଣ ମାଛ ଚାଷୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ସିରିଏଲ୍ ଅଭିନେତାଙ୍କ ମୃତ୍ୟୁ ଘଟଣା
# ତାଳସାରୀରେ ପଶ୍ଚିମବଙ୍ଗ ପୋଲିସ

**ଭୋଗରାଇ, ୩୦।୩(ପ୍ରଦୀପ ଦାସ)**



ଅଭିନେତା ରାହୁଳ ଅରୁଣୋଦୟ ବାନାର୍ଜୀ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ରକୂଳରେ ରବିବାର ଅପରାହ୍ନରେ ପଶ୍ଚିମବଙ୍ଗ ସିରିଏଲ୍ ଜଗତର ଅଭିନେତା ରାହୁଳ ଅରୁଣୋଦୟ ବାନାର୍ଜୀ (୪୩)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାରେ ପଶ୍ଚିମବଙ୍ଗର ଏକ ଉଚ୍ଚସ୍ତରୀୟ ପୋଲିସ ଟିମ୍ ସୋମବାର ତଦନ୍ତ ଆରମ୍ଭ କରିଛି। ତାଳସାରୀ ବେଳାଭୂମିରେ ଏହି ପୋଲିସ ଟିମ୍ ଘଟଣା ଘଟିଥିବା ସ୍ଥାନ ଅନୁଧ୍ୟାନ କରିବା ସହ ଏହି ବେଳାଭୂମିରେ ସ୍ଥାନୀୟ ଦୋକାନୀ, ମତ୍ସ୍ୟଜୀବୀ ସହ ତାଳସାରୀ ମେରାଇନ ଥାନାକୁ ଯାଇ ସ୍ଥିତି ବୁଝିବା ସହିତ ସିରିଏଲ ସୁଟିଂ ନିମନ୍ତେ ପୋଲିସର ଅନୁମତି ଥିଲା କି ନାହିଁ ସବିଶେଷ ତଥ୍ୟ ଜାଣିବାକୁ ଚାହିଁଥିଲେ।

ସୂଚନାନୁଯାୟୀ, ତାଳସାରୀ ବେଳାଭୂମିକୁ ଲାଗି ସମୁଦ୍ର ଓ ସୁବର୍ଣ୍ଣରେଖାରେ ନାଳ ସଂଯୋଗ ହୋଇଛି। ଏହି ନାଳ ସମୁଦ୍ର ଜୁଆର ଓ ଭଟ୍ଟାରେ ପ୍ରଖର ସ୍ରୋତ ହୋଇଥିବା ବେଳେ ସିରିଏଲର ସହ ଅଭିନେତ୍ରୀ ଶତୋ ମିଶ୍ର ସହିତ ଅଭିନେତା ରାହୁଳ ଅରୁଣୋଦୟ ବାନାର୍ଜୀ ଏକ ନୃତ୍ୟ ଦୃଶ୍ୟ ସୁଟିଂ ହେଉଥିଲା। ଆଣ୍ଠୁ ତଳକୁ ପାଣିରେ ଏହି ସୁଟିଂ ଚାଲିଥିବାବେଳେ ହଠାତ୍ ସମୁଦ୍ର ଜୁଆର ମାଡିଆସିବାରୁ ଅଭିନେତା ବୁଡିଯାଉଥିଲେ ଓ ଅଭିନେତ୍ରୀ ଗଭୀର ପାଣିରେ ବଞ୍ଚାଅ ବୋଲି ଚିତ୍କାର କରୁଥିଲେ। ସେମାନେ ବୁଡ଼ି ଯାଉଥିବା ବେଳେ ଅନ୍ୟ କଳାକାରମାନେ ଚିତ୍କାର କରିବାରୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅଭିନେତ୍ରୀଙ୍କୁ ପାଣିରୁ ଉଠାଇ ଆଣିବା ସହିତ ଅଭିନେତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଅଭିନେତାଙ୍କୁ ତୁରନ୍ତ ଦୀଘା ଜେନେରାଲ ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିନେତାଙ୍କ ମୃତ୍ୟୁରେ କଳାକାର ଜଗତରେ ଶୋକର ଛାୟା ଖେଳିଯାଇଛି।

# ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ରାସ୍ତାରୋକୋ



ରାସ୍ତାରୋକୋସ୍ଥଳରେ ଆନ୍ଦୋଳନକାରୀଙ୍କୁ ଉପଜିଲାପାଳ ଶୁଭଶ୍ରୀ ରଥ ବୁଝାଉଛନ୍ତି।

**ନୀଳଗିରି, ୩୦ ।୩(ପ୍ରଶାନ୍ତ ବିଶ୍ୱାଳ)**

**ମରାମତି ପ୍ରତିଶ୍ରୁତି ପରେ ପ୍ରତ୍ୟାହାର**

ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡ଼ିଆ (ପିଡବ୍ଲୁଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ ପୀଠକୁ। ଏହି ରାସ୍ତାର ଉନ୍ନତୀକରଣ, ଜନବସତିରୁ ଇକୋ ସେନ୍‌ସିଟିଭ୍ ଜୋନ୍ ପ୍ରତ୍ୟାହାର ଓ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ତୁରନ୍ତ ସୋଲାର ଫିନ୍ସି କରି ବନ୍ୟଜନ୍ତୁ କବଳରୁ ଧନଜୀବନକୁ ରକ୍ଷା ଦାବି ହୋଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦ କରି ସୋମବାର ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାଡଁଶବଣିଆ ଛକରେ ଆଞ୍ଚଳିକ କୃଷକ ମଞ୍ଚ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ମଞ୍ଚ ସଭାପତି ରାମଚନ୍ଦ୍ର ବେହେରା, ଉପ-ସଭାପତି ଉମାକାନ୍ତ ମଲିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବିଜୟ କୁମାର ସ, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବିକ୍ଷୋଭସ୍ଥଳରେ ପହଞ୍ଚି ପୂର୍ଣ୍ଣ ସମର୍ଥନ କରିଥିଲେ। ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିବା ସହ ମଞ୍ଚର ନେତୃତ୍ୱଙ୍କଠାରୁ ଦାବିପତ୍ର ଗ୍ରହଣ କରି ଆସନ୍ତା ଏପ୍ରିଲ ୧୫ ତାରିଖ ମଧ୍ୟରେ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ଦାବିଗୁଡ଼ିକ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏଥିସହ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୧୫ଦିନ ମଧ୍ୟରେ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆସନ୍ତା ମେ' ପ୍ରଥମ ସପ୍ତାହରେ ପୁଣି ଅନିର୍ଦ୍ଦିଷ୍ଟ କାଳ ନୀଳଗିରି ବଉଳଗଡ଼ିଆ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାରୋକୋ କରିବାକୁ ଚେତାବନୀ ଦେଇଥିଲେ।

## ଧାନକିଣାରେ ବ୍ୟାପକ ଅନିୟମିତତା ଅଭିଯୋଗ

**ଜଳେଶ୍ୱର, ୩୦ ।୩(ନବୀନ ସାହୁ)**

ଧାନକିଣା ପ୍ରକ୍ରିୟାରେ ବ୍ୟାପକ ଅନିୟମତତା ଅଭିଯୋଗରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ରବିବାର ଭଞ୍ଜଭବନ ପରିସର ନୂଆବଜାରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସ ଯୋଗଦେଇ ଜଳେଶ୍ୱରର ମିଲର, ଯୋଗାଣ ବିଭାଗର ଅଧିକାରୀ ତଥା ଅନ୍ୟ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ସ୍ଥାନୀୟ ଚାଷୀଙ୍କଠାରୁ ଧାନକିଣା ନାମରେ ବ୍ୟାପକ ଲୁଟ୍ ଚାଲିଛି। ପଞ୍ଜିକୃତ ଚାଷୀମାନଙ୍କ ଭିତରୁ କିଏ ୮୦ ପ୍ରତିଶତ ତ' କିଏ ମାତ୍ର ୫୦ ପ୍ରତିଶତ ଧାନ ବିକ୍ରି କରିବାକୁ ସକ୍ଷମ ହୋଇଥିବା ବେଳେ ଏବେ ବି ବ୍ଲକ୍‌ର ୨ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଫଳରେ ସେହି ଚାଷୀମାନେ ଆଶଙ୍କା ମଧ୍ୟରେ ରହିଛନ୍ତି। ସେମାନଙ୍କ ଏହି ଅସହାୟତାର ସୁଯୋଗ ନେଇ ଏକ ବଡ଼ ଧରଣର ଦୁର୍ନୀତି ପାଇଁ ଷଡ଼ଯନ୍ତ୍ର ହୋଇଛି। ଏବେ ଚାଷୀମାନଙ୍କୁ କୁହାଯାଉଛି ସମସ୍ତଙ୍କଠୁ ଧାନ ନିଆଯିବ ; କିନ୍ତୁ ୮୦/୨୦ ପ୍ରତିଶତ ଫର୍ମୁଲାରେ। ଅର୍ଥାତ ଚାଷୀ ଯେଉଁ ଧାନ ଦେବ ସେଥିରେ ଆଉ ୨୦ ପ୍ରତିଶତ ଅଧିକ ଧାନକୁ ଯୋଡି ସେହି ଅନୁସାରେ ତାଙ୍କ ଖାତାକୁ ଟଙ୍କା ଯିବ। ଚାଷୀ ନିଜର ପ୍ରାପ୍ୟ ୮୦ ପ୍ରତିଶତ ଧାନର ସହାୟକ ମୂଲ୍ୟ(ବୋନସ) ଟଙ୍କା ରଖି ଅବଶିଷ୍ଟ ୨୦ ପ୍ରତିଶତ ମିଲ୍ ବା ସମିତିକୁ ଫେରାଇବେ। ଧାନକିଣା ଦାୟିତ୍ୱରେ ଥିବା ଅଧିକାରୀମାନେ ଚାଷୀଙ୍କୁ ଏଭଳି କହୁଥିବାର ଦାସ ପ୍ରକାଶ କରିଛନ୍ତି। ଯଦି ସମସ୍ତ ଚାଷୀଙ୍କଠାରୁ ଧାନ କିଣା ନ ଯାଏ ଏବଂ ରବି ଚାଷ ପାଇଁ ସମସ୍ତଙ୍କୁ ପଞ୍ଜିକରଣର ସୁଯୋଗ ନ ମିଳେ, ତେବେ ଏପ୍ରିଲରେ ବ୍ଲକ ଅଫିସ ସମ୍ମୁଖରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବ୍ଲକ ସଭାପତି ହେମନ୍ତ ଗିରି, ନଗର କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ତ୍ରିଲୋଚନ ନାୟକ, ପଦ୍ମଲୋଚନ ବେହେରା, ଶ୍ରୀକାନ୍ତ ସିଂ, ସୌଭିକ ଜେନା, ଗତିକୃଷ୍ଣ ଦଳେଇ, ଦୁର୍ଗାଶଙ୍କର ଆଶ, ଦୀପକ ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୨ ବ୍ରାଉନସୁଗାର ବେପାରୀ ଗିରଫ

**ନୀଳଗିରି, ୩୦ ।୩(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ପୋଲିସ ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୦.୨୪୬ମିଲି ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳବଳେ ରାଉଳ ଖୁଣ୍ଟା ଛକରେ ସନ୍ତରାଗଡ଼ିଆ ଗ୍ରାମରେ ଜଗଦୀଶ ପାଣିଗ୍ରାହୀ (୩୦) ଓ କଣ୍ଟିଆ ଟିକର ଗ୍ରାମର ବଳରାମ ମହାକୁଡ଼ (୨୧) ମିଶି ବିକ୍ରି କରୁଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୧୬୨/୨୬) ରୁଜୁ ହୋଇଥିବା ବେଳେ ତଦନ୍ତକାରୀ ଅଫିସର ରଞ୍ଜିତ ବେହେରା ଜବତ ବ୍ରାଉନସୁଗାରକୁ ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନାଙ୍କ ଉପସ୍ଥିତିରେ ଓଜନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ଚାଲାଣବେଳେ ଦେଶୀ ମଦ ଜବତ

**ଜଳେଶ୍ୱର, ୩୦ ।୩(ନବୀନ ସାହୁ)**

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳରେ ସୋମବାର ସକାଳୁ ଏକ କାର୍‌ରେ ଚୋରା ଚାଲାଣ ହେଉଥିବା ପ୍ରାୟ ୨ଶହ ଲିଟର ମହୁଲି ମଦକୁ ପୋଲିସ ଜବତ କରିଛି। ସକାଳ ପ୍ରାୟ ୬ଟା ବେଳେ ରାଇବଣିଆ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। କାଳିକ ପଞ୍ଚାୟତ ନିକଟସ୍ଥ ଭାଦୁଆ ଗ୍ରାମ ପାଖରେ ପାଟ୍ରୋଲିଂ ଭ୍ୟାନ ଯିବା ବେଳେ ଏକ କାର୍ ଦ୍ରୁତଗତିରେ ଯାଉଥିବାରୁ ପୋଲିସର ସନ୍ଦେହ ହୋଇଥିଲା। ପୋଲିସ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ କାର୍ ଚାଳକଜଣକ ଧରାପଡ଼ିବା ଭୟରେ ଗାଡ଼ିକୁ ରାସ୍ତାକଡ଼ରେ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ କାର୍‌କୁ ଯାଞ୍ଚ କରିବା ପରେ ସେଥିରୁ ୩ଟି ବସ୍ତାରେ ଭର୍ତ୍ତି ହୋଇଥିବା ବିପୁଳ ପରିମାଣର ଦେଶୀ ମଦ ପାଉଚ ଉଦ୍ଧାର କରିଥିଲା। ଜବତ ମଦର ପରିମାଣ ପ୍ରାୟ ୨୦୦ ଲିଟରେ ହେବ ବୋଲି ଆକଳନ କରାଯାଇଛି। ପୋଲିସ ମଦ ସହ ବ୍ୟବହୃତ କାର୍‌କୁ ଜବତ କରି ଥାନାକୁ ନେଇଛି। ଚଢ଼ାଉ ସମୟରେ ରାଇବଣିଆ ଥାନା ଏଏସ୍‌ଆଇ କାଳିନ୍ଦୀ ସାହୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବର୍ତ୍ତନା ସମିତିକୁ ଟାର୍ଗେଟ ଆସିଲାନି
# ଧାରଣାରେ ବସିଲେ ଚାଷୀ



ତହସିଲଦାର ଓ ଏମ୍‌ଆଇ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

**ଖଇରା, ୩୦।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ସେବା ସମବାୟ ସମିତିକୁ ଟାର୍ଗେଟ ଆସୁ ନ ଥିବାରୁ ଏହି ସମିତି ଅଧୀନ ୧୩୧ଜଣ ଚାଷୀ ସୋମବାର ଧାରଣାରେ ବସିଛନ୍ତି। ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଯୋଗାଣ ନିରୀକ୍ଷିକା ସୁବାସିନୀ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସମସ୍ତ ଧାନକିଣା ଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଧାନକିଣା ଅବଧି ମାତ୍ର ଆଉ ଗୋଟିଏ ଦିନ ଥିବା ବେଳେ ଯୋଗାଣ ବିଭାଗ ଟାର୍ଗେଟ ଦେଉ ନ ଥିବା କାରଣରୁ ଉକ୍ତ ସେବା ସମବାୟ ସମିତିରେ ଆହୁରି ୧୩୧ଜଣ ଚାଷୀ ଧାନବିକ୍ରିରୁ ବଞ୍ଚିତ ରହିଛନ୍ତି। ପ୍ରତିବାଦରେ ଚିନ୍ତାମଣି ପାଣିଗ୍ରାହୀ, ସୁଧାକର ଦାସ, ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ତରଫରୁ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ମ ଶ୍ରେଣୀ ଖୋଲିବାକୁ ଦାବି

**ବାହାନଗା, ୩୦ ।୩(ଅରୂପ କୁମାର ଦାସ)**

ବାହାନଗା ବ୍ଲକ ଅଧୀନ କଲ୍ୟାଣୀ ପଞ୍ଚାୟତ ଗିଳିଦା ଗ୍ରାମରେ ଥିବା ଲକ୍ଷ୍ମୀଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ମ ଶ୍ରେଣୀ ଖୋଲାଯିବାକୁ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବାହାନଗା ଶିକ୍ଷା ଅଧିକାରୀଙ୍କଠାରେ ଗ୍ରାମବାସୀ, ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଲକ୍ଷ୍ମୀଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୯୧ ମସିହାରେ ସ୍ଥାପନ କରାଯାଇଥିବା ବେଳେ ସେତେବେଳେ ୮ମ ଶ୍ରେଣୀ ଖୋଲାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କର ବ୍ଲକଗ୍ରାଣ୍ଟ ନୂତନ ନିୟମ ଅନୁସାରେ ବିଦ୍ୟାଳୟରୁ ୮ମ ଶ୍ରେଣୀକୁ ବାଦ୍ ଦିଆଯାଇଥିଲା । ଗୋଟିଏ ହତା ମଧ୍ୟରେ ଦୁଇଟି ଶିକ୍ଷାନୁଷ୍ଠାନ ଅଛି। ଗୋଟିଏ ଗିଳିଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଅନ୍ୟଟି ଲକ୍ଷ୍ମୀଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ତେବେ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଦୁଇ ଗୋଟି ଶ୍ରେଣୀ ଥିବାରୁ ଲକ୍ଷ୍ମୀଦେବୀ ଉଚ୍ଚ ବିଦ୍ୟାଳୟରୁ ୭ମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ୮ମ ଶ୍ରେଣୀ ଅଧ୍ୟୟନ ପାଇଁ ୩/୪କି.ମିଟ. ବାଟ ପିଲାମାନଙ୍କୁ ଯିବାକୁ ପଡୁଛି। ଏବେ ଲକ୍ଷ୍ମୀଦେବୀ ଉଚ୍ଚ ବିଦ୍ୟାଳୟ ସରକାରଙ୍କ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହୋଇଥିବାରୁ ଏହି ବିଦ୍ୟାଳୟରେ ୮ମ ଶ୍ରେଣୀ ଖୋଲିବାକୁ ଦାବି ହେଉଛି। ଏନେଇ ଗତ ୨୮ ତାରିଖରେ ବିଦ୍ୟାଳୟ ପରିସରରେ ଏକ ବୈଠକ ବସି ରିଜୋଲେଶନ କରାଯାଇ ଏହି ଦାବିପତ୍ର ୩୦ ତାରିଖରେ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇ ୮ମ ଶ୍ରେଣୀ ଖୋଲିବାକୁ ଅନୁରୋଧ କରାଯାଇଛି।

## ବାପା ଆଗରେ ଚାଲିଗଲା ପୁଅର ଜୀବନ

**ନୀଳଗିରି, ୩୦ ।୩(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଅଧୀନ ଧୋବଶିଳା ଗ୍ରାମର ଗାଧୋଉଥିବା ବେଳେ ବାପା ଆଗରେ ଚାଲିଗଲା ପୁଅର ଜୀବନ। ସୋମବାର ଅପରାହ୍ନ ୩ଟା ସମୟରେ ୩ବର୍ଷର ପୁଅକୁ ଧରି ବାପା ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁ ପୁଅଟି ବୁଡ଼ିଯାଇଥିଲା। ପରେ ମୃତ ଅବସ୍ଥାରେ ପୁଅକୁ ଉଦ୍ଧାର କରିଥିଲେ ବାପା। ଏପରି ଏକ ଦୁଃଖଦ ଘଟଣା ଘଟିଛି ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମରେ। ଜଡ଼ା ସିଂଙ୍କ ୩ ବର୍ଷର ପୁଅ ମୁନା ପୋଖରୀରେ ଗାଧୋଉଥିବା ବେଳେ ଏପରି ଅଘଟଣା ଘଟିଛି। ସଙ୍ଗେ ସଙ୍ଗେ ପୁଅଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବରିଷ୍ଠ କିରାଣିଙ୍କ ପରଲୋକ

**ଖଇରା, ୩୦।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ପୂର୍ବତନ କିରାଣି ପର୍ଶୁରାମ ମହାରଥା(୮୦)ଙ୍କର ସୋମବାର ସକାଳେ ଆଳଦା ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଅବସର ପରେ ସେ ନିଜକୁ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିଥିଲେ। ମୃତ୍ୟୁ ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଲୋକପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ।

# ନଳକୂପରୁ ବାହାରୁଛି ଲୁଣିଆ ପାଣି

**ବାହାନଗା, ୩୦। ୩(ଅରୂପ କୁମାର ଦାସ)**



ବାଲେଶ୍ୱର ଜିଲା ରେମୁଣା ବ୍ଲକ ଇଞ୍ଚୁଡ଼ି ପଞ୍ଚାୟତ ୧୧ ନମ୍ବର ୱାର୍ଡ କଳାମାଟିଆ ପାହିରେ ଥିବା ଏକମାତ୍ର ସରକାରୀ ନଳକୂପରୁ ବାହାରୁଛି ଲୁଣିଆ ପାଣି। ଫଳରେ ସ୍ଥାନୀୟ ଲୋକ ପାଣି ପାଇଁ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯଦିବା ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯାଉଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପ୍ରତ୍ୟେକ ପରିବାରକୁ ପାଇପ ସଂଯୋଗ ହୋଇଛି, ମାତ୍ର ପାଣି ଯାଉନାହିଁ। ଗାଁ ମୁଣ୍ଡ ପୂର୍ବରୁ ପାଣିକୁ ଚିଙ୍ଗୁଡ଼ି ମାଫିଆମାନେ ମୋଟର ଯୋଗେ ସେମାନଙ୍କ ପ୍ଲାଣ୍ଟ ଓ ଘେରିକୁ ଟାଣି ନେଉଛନ୍ତି। ଆଉ କିଛି ଲୋକ ଦୁଇମହଲା ଉପରକୁ ମୋଟର ଯୋଗେ ପାଣି ନେଉଥିବାରୁ ଏହି କଳାମାଟିଆ ପାହିକୁ ଶୁଦ୍ଧ ପାଣି ଆସିପାରୁନାହିଁ। ଫଳରେ ଲୋକମାନେ ଗ୍ରାମର ଆଡେଶ୍ୱର ମହାଦେବ ପୀଠରେ ସରକାରୀ ଭାବେ ବସିଥିବା ନଳକୂପରୁ ଲୁଣିଆ ପାଣି ବାହାରୁଥିଲେ ମଧ୍ୟ ସେହି ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଲୋକେ ବିଭିନ୍ନ ପେଟ ରୋଗ ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ୱାର୍ଡରେ ୧୨୦ ପରିବାର ବାସ କରୁଛନ୍ତି। ଏଥିରେ ୩ଶହ ଭୋଟର ଅଛନ୍ତି। ୱାର୍ଡବାସିନ୍ଦା ଶିବ ପ୍ରସାଦ ଜେନା, ଶ୍ୟାମଳ ଜେନା, ଜ୍ୟୋତ୍ସ୍ନା କଳା, ରବୀନ ଜେନା ପ୍ରମୁଖ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଏ ନେଇ ଇଞ୍ଚୁଡ଼ି ସରପଞ୍ଚ ରମଣୀ ରଞ୍ଜନ ମହାଳିକ କହିଛନ୍ତି, ଏହି ୱାର୍ଡ ଉଚ୍ଚା ହୋଇଥିବାରୁ ପାଇପ୍ ପାଣି ଆସିପାରୁନାହିଁ। ରାସ୍ତାରେ ଚିଙ୍ଗୁଡ଼ି ଘେରି ମାଲିକମାନେ ମୋଟର ବସାଇ ପାଣି ଟାଣିନେଉଛନ୍ତି। ସେଥିପାଇଁ ପାଣି ଏଠି ପହଞ୍ଚି ପାରୁନାହିଁ। ଓଭରହେଡ ଟାଙ୍କି ହେଲା ପରେ ଆବଶ୍ୟକ ପାଣି ଆସିପାରିବ। ଖୁବ୍‌ଶୀଘ୍ର ଟାଙ୍କି କାମ ସରିଯିବ। ତା'ପରେ ପାଣିର ଅଭାବ ରହିବ ନାହିଁ ବୋଲି ପ୍ରକାଶ କରିଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ୩୦ ।୩(ବାଞ୍ଛାନିଧି ଦେ)**



ଏଫ୍‌ଏମ୍‌ୟୁରେ ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

- 'ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା'
- 'ଅରଣ୍ୟ ଭୂମି' ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ 'ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା' ବିଷୟକ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ସୋମବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶାର ଜନଜାତୀୟ ସମୁଦାୟଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ଜ୍ଞାନପ୍ରଣାଳୀ ଓ ମୌଖିକ ପରମ୍ପରାକୁ ଅନ୍ୱେଷଣ ଓ ପ୍ରାୟୋଗିକ ସ୍ତରରେ ପ୍ରଚାର ପ୍ରସାର କରିବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ। ଜନଜାତୀୟ ଜୀବନର ବିଭିନ୍ନ ପ୍ରାସଙ୍ଗିକ ଦିଗ ଲୋକକଥା, ପୌରାଣିକ ଗାଥା, ଲୋକସଙ୍ଗୀତ, ଆଚାର-ବିଚାର, ଜନଜାତୀୟ ଜ୍ଞାନ ସହ ପାରମ୍ପରିକ, ଦେଶୀୟ ତଥା ପରିବେଶୀୟ ପ୍ରଚଳନ ଉପରେ ଆଲୋଚନା କରିବାର ପ୍ରୟାସ ନେଇ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ଶିକ୍ଷାବିତ୍, ଗବେଷକ ଓ ସାଂସ୍କୃତିକ ଅଭିଯାନୀମାନେ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରି ଓଡ଼ିଶାର ଜନଜାତିଙ୍କ ଲୁପ୍ତପ୍ରାୟ ଜ୍ଞାନ ପରମ୍ପରା ଉପରେ ସମ୍ପୂର୍ଣ୍ଣ ଗବେଷଣା କରି ଏହାକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଉପପ୍ରତିପାଳକ ଭାବେ ଯୋଗଦେଇ ନିଜ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରକାଶ ପଟ୍ଟନାୟକ, ମୁଖ୍ୟବକ୍ତା ଡ. ଚିତ୍ରସେନ ପଶାୟତ ଯୋଗଦେଇ ଜନଜାତିଙ୍କ ମୌଖିକ ପରମ୍ପରାର ପୁନରୁଦ୍ଧାର, ସଂରକ୍ଷଣ ତଥା ଲିପିବଦ୍ଧ ଦିଗରେ ସଚେତନ କରାଇଥିଲେ। ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଜନଜାତିଙ୍କ ଜ୍ଞାନପ୍ରଣାଳୀକୁ ଅନ୍ତର୍ଭୁକ୍ତ କରି ତାହାର ଉନ୍ନତିକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମ ଦିନରେ ତିନୋଟି ପ୍ରାସଙ୍ଗିକ ଅଧିବେଶନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ରାଜେନ୍ଦ୍ର ପାଢ଼ୀ ଓ ଡ. ସମୀର କୁମାର ଭୋଇ, ପ୍ରଫେସର ସତ୍ୟପ୍ରିୟ ମହାଳିକ, ପ୍ରଫେସର ଜଲି ଦାସ ଓ ପ୍ରଫେସର କମଳ କୁମାର ତାନ୍ତି, ପ୍ରଫେସର ଦେବାଶିଷ ପାତ୍ର, ଡ. ରଞ୍ଜନ ପ୍ରଧାନ ଓ ନିରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ର ମାଧ୍ୟମରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିସହିତ 'ଅରଣ୍ୟ ଭୂମି' ନାମକ ଏକ ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ଭିଜୁଆଲ ଆର୍ଟ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଜନଜାତିଙ୍କ ଉପରେ ପର୍ଯ୍ୟବେସିତ ଚିତ୍ରକଳା ସହ ଜନଜାତିଙ୍କ ଉପରେ ଲିଖିତ ଅନେକ ପୁସ୍ତକ ପ୍ରଦର୍ଶିତ କରାଯାଇଛି। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କ ତତ୍ତ୍ୱାବଧାନରେ ଡ. ହେମଲତା ବେହେରା, ଡ. ଜୟନ୍ତ କୁମାର ଦାସ ଓ ଡ. ପ୍ରହ୍ଲାଦ ଖିଲ୍ଲା ପରିଚାଳନାରେ ସହଯୋଗ କରିଥିଲେ।

# ରନ୍ଧନ ଗ୍ୟାସ୍ ପାଇଁ ରାସ୍ତାରୋକୋ


ଉପଭୋକ୍ତା ଗ୍ୟାସ୍ ସିଲିଣ୍ଡର ରଖି ରାସ୍ତା ଅବରୋଧ କରିଛନ୍ତି।

**କେନ୍ଦୁଝର,୩୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ କେନ୍ଦୁଝର-ବେଲଦା ରାସ୍ତାର ଶଙ୍କରପୁର ନିକଟରେ ସୋମବାର ରନ୍ଧନ ଗ୍ୟାସ୍ ପାଇଁ ଉପଭୋକ୍ତା ରାସ୍ତାରୋକୋ କରିଛନ୍ତି। ଦୀର୍ଘଦିନ ଧରି ଗ୍ୟାସ ନ ମିଳିବା ଓ ଏଜେନ୍ସିରେ ତାଲା ପଡ଼ିବାକୁ ନେଇ ଲୋକେ ପ୍ରତିବାଦ କରିଥିଲେ। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅତିରିକ୍ତ ଯୋଗାଣ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ଗ୍ୟାସ୍ ବିତରଣରେ ଅନିୟମିତତା ଓ ଏହାକୁ ନେଇ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇବା ପରେ ତୈଳ ବିତରଣ କମ୍ପାନୀ ଯୋଗାଣ କରି ଆସୁଥିବା ବ୍ରହ୍ମେଶ୍ୱର ଗ୍ୟାସ୍ ଏଜେନ୍ସିକୁ ବନ୍ଦ କରି ଅନ୍ୟ ଏକ ସଂସ୍ଥାକୁ ଦିଆଯାଇଛି। ଏପରିକି ବିତରଣ କମ୍ପାନୀର ଅଧିକାରୀ ଏହାର ତଦାରଖ କରୁଛନ୍ତି। ଏହାସତ୍ତ୍ୱେ ଘରକୁ ଗ୍ୟାସ୍ ପହଞ୍ଚାଇବା କମ୍ପାନୀର ନିୟମ ଥିଲେ ବି ଦିଆଯାଉନାହିଁ। ଫଳରେ ଲୋକଙ୍କୁ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଧରି ଦୀର୍ଘ ବାଟ ଅସୁରକ୍ଷିତ ଅବସ୍ଥାରେ ବୋହି ନେଇ ଯିବାକୁ ପଡୁଛି। ଅନେକ ସମୟରେ ଗ୍ୟାସ୍ ମିଳୁ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ନେଉଛି ବୋଲି ଇଂ. ବିନୋଦ ବିହାରୀ ନାୟକ କହିଛନ୍ତି। ସୋମବାର ଉପଭୋକ୍ତା ଗ୍ୟାସ୍ ପାଇଁ ଆସିଥିବା ବେଳେ ଗ୍ୟାସ୍ ଗୋଦାମରେ ତାଲା ପଡ଼ିଥିବା, କର୍ମଚାରୀ ଆସିବାରେ ବିଳମ୍ବ ସହ ଦୀର୍ଘଦିନ ଧରି ଗ୍ୟାସ୍ ମିଳୁ ନ ଥିବାରୁ କଳାବଜାର ହେଉଥିବା ଆଶଙ୍କା କରି କେନ୍ଦୁଝରରୁ ବେଲଦା ରାସ୍ତାର ଶଙ୍କରପୁର ନିକଟରେ ଅବରୋଧ କରି ପ୍ରତିବାଦ କରିଥିଲେ। ଘରକୁ ଗ୍ୟାସ୍ ଯୋଗାଣ କରାଯାଉ ନ ଥିବାରୁ ବହୁ ବରିଷ୍ଠ ନାଗରିକ, ମହିଳା ଦୀର୍ଘ ୮ କି.ମି. ଯାଇ ଆଣିବାକୁ ପଡୁଥିବା ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜିଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉପଭୋକ୍ତାଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ ବୀରକିଶୋର ମାରାଣ୍ଡି କହିଛନ୍ତି, ରବିବାର ଛୁଟି ଥିବାରୁ ଗ୍ୟାସ୍ ଆସିପାରି ନ ଥିଲା। ସୋମବାର ଅପରାହ୍ନରେ ଗ୍ୟାସ ଆସିଲେ ବଣ୍ଟନ କରାଯିବ। କଳାବଜାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି।

ତେବେ ଗ୍ୟାସ୍ ବଣ୍ଟନ ନେଇ ବିତରକ ସଂସ୍ଥା ପକ୍ଷରୁ କୌଣସି ସୂଚନା ଦିଆଯାଉ ନ ଥିବାରୁ ବହୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବାଟ ସିଲିଣ୍ଡର ଧରି ଗୋଦାମକୁ ଯାଉଛନ୍ତି ଏବଂ ନିରାଶ ହୋଇ ଫେରୁଛନ୍ତି ବୋଲି ମତ ପ୍ରକାଶ ପାଇଛି। ଦିବ୍ୟାଙ୍ଗ ମନୋଜ ସାହୁ କହିଛନ୍ତି, ଘର ପାଖରେ ଗ୍ୟାସ ଡେଲି ଭରି ଦେବାକୁ ପଇସା ନେଉଛନ୍ତି। କିନ୍ତୁ ଆମୁକ ୮ କି.ମି ଦୂର ଗୋଦାମରୁ ଆଣିବାକୁ ପଡୁଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କ ମୃତଦେହ ଜବତ ଘଟଣାରେ ସ୍ୱାମୀ ଗିରଫ

**ଢେଙ୍କିକୋଟ,୩୦।୩(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ଥାନା ବାଲିପୋଖରୀ ପଞ୍ଚାୟତ ଟାଙ୍ଗରତଳି ଗ୍ରାମରେ ରବିବାର ଘରୁ ମହିଳାଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗ୍ରାମର ସିପୁନ ଗିରି। ଶନିବାର ରାତିରେ ସିପୁନ ଓ ତାଙ୍କ ସ୍ତ୍ରୀ ଜ୍ୟୋତ ଖାଇ ପିଇ ଶୋଇଥିବା ବେଳେ ରବିବାର ସକାଳେ ଜ୍ୟୋତିଙ୍କ ମୃତଦେହ ଘରୁ ମିଳିଥିଲା। ଆତ୍ମହତ୍ୟା କରିଥିବା ନେଇ ସିପୁନ ଶ୍ୱଶୁର ଯଦୁମଣି ବନପଦିଆଙ୍କୁ ଜଣାଇଥିଲେ। ମାତ୍ର ଭଉଣୀଙ୍କୁ ହତ୍ୟା କରାଯାଇଥିବା ଜ୍ୟୋତିଙ୍କ ଭାଇ କୃଷ୍ଣଚନ୍ଦ୍ର ବନପଦିଆ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ମାମଲା(ନଂ.୨୧୧/୨୬)ରୁଜୁ କରି ଜ୍ୟୋତିଙ୍କ ସ୍ୱାମୀ ସିପୁନଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା ପ୍ରକାଶ କରିଛନ୍ତି।

### ରାମନବମୀ ବାର୍ଷିକ ଉତ୍ସବ

**ବଞ୍ଚୋ,୩୦।୩(ପ୍ରଦୋଷ କୁମାର ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମରେ ବାର୍ଷିକ ପ୍ରଭୁ ଶ୍ରୀରାମନବମୀ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶରେ ପାଳିତ ହେଉଛି। ଚତୁର୍ଦ୍ଦଶତମ ବର୍ଷରେ ପ୍ରବେଶ କରିଥିବା ଉତ୍ସବ ଅବସରରେ ବଞ୍ଚୋ ସାଂସ୍କୃତିକ ମଞ୍ଚରେ ବିଭିନ୍ନ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଉପ ଜିଲାପାଳ ନୀଳମାଧବ ସୁନା, ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ, ହାଟଡ଼ିହୀ ବ୍ଲକ୍ ଉପାଧକ୍ଷ ରତିକାନ୍ତ ରାଉତ ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ କଂଗ୍ରେସ ନେତା ଜୟଦେବ ଜେନା ଯୋଗଦେଇଥିଲେ। ତୃତୀୟ ସନ୍ଧ୍ୟାରେ ବିନାପାଣି କଳା ନିକେତନ ପକ୍ଷରୁ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଭୋର କରିଥିଲା। ଚତୁର୍ଥ ସନ୍ଧ୍ୟାରେ ଗ୍ରାମୀଣ ପ୍ରତିଭାଙ୍କ କଳା ପ୍ରଦର୍ଶନ କରିଥିଲେ। ରାଧାଗୋବିନ୍ଦ ଦାଶ, ଗିରିଧାରୀ ପଟ୍ଟନାୟକ, ଶଶାଙ୍କ ଶେଖର ପୁହାଣ, ସତ୍ୟାନନ୍ଦ ବରାଳଙ୍କ ସହ ଗ୍ରାମବାସୀ ପରିଚାଳନା କରୁଛନ୍ତି।

### କୈରାଳି କଲେଜ୍ ଅଫ୍ ନର୍ସିଂରେ ଜାତୀୟ କର୍ମଶାଳା

**ଚମ୍ପୁଆ,୩୦।୩(ମହେଶ୍ୱର ଦାସ)**

କେରଳ ଟ୍ରଷ୍ଟ ଅଧୀନରେ ଥିବା 'କୈରାଳି କଲେଜ ଅପ୍ ନର୍ସିଂ' ଏବଂ କୈରାଳି ମେଡିକାଲ ସାଇନ୍ସ ଅନୁଷ୍ଠାନର ୩ ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୪ ଦିନିଆ କର୍ମଶାଳାରେ କେରଳ ଟ୍ରଷ୍ଟ ଅଧକ୍ଷ ଡ. ରାଜମୋହନ ପିଏସ୍ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବରେ ସମ୍ପାଦକ କେରଳ ଟ୍ରଷ୍ଟ ଡ. ଉମା ରାଜମୋହନ ଏସ୍‌ଡିଏମ୍‌ଓ ସବ୍‌ଡିଭିଜନାଲ ହସ୍ପିଟାଲ ଚମ୍ପୁଆ ଡ. ଉମାକାନ୍ତ ସାହୁ ଏବଂ ପ୍ରଫେସର ଡ. ସନା କମେଇ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ନର୍ସିଂ ଏବଂ ମେଡିକାଲ ସାଇନ୍ସର ଛାତ୍ରୀଛାତ୍ର ଯୋଗଦାନ କରିଛନ୍ତି। ମୁଖ୍ୟ ବକ୍ତାଭାବରେ ଡ. ଅଶୋକ ଶର୍ମା ନର୍ସିଂ ଚାମ୍ପର ପ୍ରତିଷ୍ଠାତା ଏବଂ ସହଯୋଗୀ ବକ୍ତାଭାବରେ ଦୀପ ନାୟକ, ଦିଭେସ ମାକୱାନା, ରିତ ମୀନା ଯୋଗଦେଇଥିଲେ।

# ଭୁଲ୍ କରୁଥିବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଉପଜିଲାପାଳ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସମଗ୍ର ଶିକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି


ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଓ ଅନ୍ୟ ଅଧିକାରୀମାନେ।

**ଚମ୍ପୁଆ,୩୦।୩(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସଭାଗୃହଠାରେ ସୋମବାର ଏମଜିଏନ୍‌ଆର୍‌ଇଜିଏସ୍ ଓ ସମଗ୍ର ଶିକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସ୍ମୃତି ରଞ୍ଜନ ସାହୁ ଅଧକ୍ଷତା କରି ଶିବିରରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଯୋଗଗୁଡ଼ିକ ଉପରେ ଶୁଣାଣି କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ସାମାଜିକ ଅଡିଟର୍ ଚନ୍ଦନ କୁମାର ଆଇଚ୍ ଏବଂ ବ୍ଲକ୍ ସାମାଜିକ ଅଡିଟର ଦେବୁ ପ୍ରସାଦ ମିଶ୍ର ପ୍ରମୁଖ ସମଗ୍ର ଶିକ୍ଷା ବ୍ୟବସ୍ଥା ପାଇଁ ଆସୁଥିବା ସରକାରୀ ଅନୁଦାନଗୁଡ଼ିକର କେସ ରେକର୍ଡ ଓ ଫାଇଲ ପତ୍ର ଅପଲୋଡ୍ କରାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଉପ ଜିଲାପାଳ ଆଗାମୀ ୭ ଦିନ ଭିତରେ ଏ ସମ୍ବନ୍ଧୀୟ ସମସ୍ତ ରେକର୍ଡ ଅପଲୋଡ କରିବାକୁ ତାଗିଦ୍ କରିଥିଲେ। ନ ହେଲେ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁଣାଇଥିଲେ। ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ୨୨ ପଞ୍ଚାୟତରେ ସମଗ୍ର ଶିକ୍ଷାରେ ୯୦ଟି ସମସ୍ୟା ଅମିମାଂସିତ ହୋଇ ପଡ଼ିରହିଛି। ସେସବୁକୁ ତୁରନ୍ତ ସମାଧାନ କରି ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏମଜିଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା କରାଯାଇ ଅନୁମୋଦିତ ଯୋଜନା କେତେ, କେତେ କାର୍ଯ୍ୟକାରୀ ହୋଇଛି, କେତୋଟି ସମ୍ପୂର୍ଣ୍ଣ ହୋଇଛି ଏବଂ କେତୋଟି ଅସମ୍ପୂର୍ଣ୍ଣ ରହିଛି, ତାହା ଉପରେ ଆଲୋଚନା କରାଯାଇ ସମସ୍ୟା ସମାଧାନର ବାଟ ବାହାର କରାଯାଇଥିଲା। ସେହିପରି ସମସ୍ତଙ୍କୁ ଜବ୍‌କାର୍ଡ ସହ ୨୦୦ ଦିନର କାମ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ସୁରେଶ ଚନ୍ଦ୍ର ନାୟକ, ଏବିଡିଓ ତୁନୁ ହାଁସଦା, ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚୀ ନାଏକ, ଏପିଓ ସଙ୍ଗୀତା ମାଝୀ, ସମସ୍ତ ଜେଇ, ଶିକ୍ଷକ ଶିକ୍ଷୟିତ୍ରୀ, ପିଇଓ, ଏଡିଓ ଓ ବିଭିନ୍ନ ଲାଇନ୍ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଭାଜପାରେ ମିଶିଲେ କେନ୍ଦୁଝରଗଡ଼ ଉପାଧକ୍ଷ, ୮ କାଉନ୍‌ସିଲର


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପା ନେତୃବୃନ୍ଦଙ୍କ ସହ ଭାଜପାରେ ମିଶିଥିବା ଉପାଧକ୍ଷ ଓ ୮ କାଉନ୍‌ସିଲର।

**କେନ୍ଦୁଝର,୩୦।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରଗଡ଼ ପୌରପାଳିକା ଉପାଧକ୍ଷ ଓ ୮ କାଉନ୍‌ସିଲର ଭାଜପାରେ ଯୋଗଦାନ କରିଛନ୍ତି। ଜିଲାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱକୁ ସ୍ୱୀକାର କରି ବିଜେଡିର ଉପାଧକ୍ଷ ବରଦା ଦାସ ଓ ଅନ୍ୟ ୮ କାଉନ୍‌ସିଲର ଭାଜପା ହାତ ଧରିଥିବା କହିଛନ୍ତି। ସମସ୍ତେ ରବିବାର ବିଜେଡ଼ିରୁ ସମୁହ ଇସ୍ତଫା ଦେଇଥିବା ବେଳେ ଗତ ୨ ଦିନ ଧରି ଭୁବନେଶ୍ୱରରେ ଡେରା ପକାଇଥିଲେ। ସୋମବାର ବିଧିବଦ୍ଧଭାବେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦୁଝର ଜିଲା ଭାଜପା ସଭାପତି ଶୁକ ମହାନ୍ତ, କେନ୍ଦୁଝର ପୌରପାଳିକା ଅଧକ୍ଷା ନିକୁ ସାହୁ, ଜିଲା ସମ୍ପାଦକ ବିଶ୍ୱଜିତ୍ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପୌର ନିର୍ବାଚନ ଆଉ ଅଳ୍ପ ଦିନ ବାକିଥିବା ବେଳେ ବିଜେଡିର ଉପାଧକ୍ଷ ଓ କାଉନ୍‌ସିଲରଙ୍କ ଭାଜପାରେ ଯୋଗଦାନ ବିଜେଡି ପାଇଁ ନିଶ୍ଚିତ ଭାବେ କ୍ଷତି ପହଞ୍ଚାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ପାଟଣାର ୫, ସାହାରପଡ଼ାର ଗୋଟେ ପଞ୍ଚାୟତକୁ ଆଇଏସ୍‌ଓ ମାନ୍ୟତା

**ପାଟଣା,୩୦।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ୨୦ ପଞ୍ଚାୟତରୁ ୫ ପଞ୍ଚାୟତକୁ କେନ୍ଦ୍ର ସରକାରଙ୍କ ଆଇଏସଓ (ଆନ୍ତର୍ଜାତୀୟ ମାନକ ସଂଗଠନ ପ୍ରମାଣ ପତ୍ର) ମିଳିଛି। ସାହାରପଡ଼ା ବ୍ଲକ୍‌ର ଗୋଟେ ପଞ୍ଚାୟତକୁ ମଧ୍ୟ ଆଇଏସ୍‌ଓ ମାନ୍ୟତା ମିଳିଥିବା ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ ତଥା ସାହାରପଡ଼ା ବିଡ଼ିଓ ରଞ୍ଜିତ ମହାନ୍ତ କହିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଓ ଉନ୍ନୟନ ମୂଳକ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ, ଲୋକଙ୍କ ନିକଟରେ ପହଞ୍ଚାଇବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପଞ୍ଚାୟତଗୁଡ଼ିକୁ ଉକ୍ତ ମାନ୍ୟତା ପ୍ରଦାନ କରାଯାଇଛି। ଏଥିସହ ମାନଦଣ୍ଡରେ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, କାର୍ଯ୍ୟର ଗୁଣବତ୍ତା ସହ ଅଫିସ ରେକର୍ଡ ଅପଡେଟ୍ ଓ ନିଜସ୍ୱ ପାଣ୍ଠି ସୃଷ୍ଟି କରିବାରେ ସଫଳ ହୋଇଥିବା ପଞ୍ଚାୟତଗୁଡ଼ିକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ପଞ୍ଚାୟତ ସମୀକ୍ଷା ଓ ପରିଦର୍ଶନ କରିବା ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ୧୬ ମାର୍ଚ୍ଚ ୨୦୨୯ ପର୍ଯ୍ୟନ୍ତ ଏହି ସାର୍ଟିଫିକେଟ୍ ବଳବତ୍ତର ରହିବ। ପାଟଣା ବ୍ଲକ୍‌ର ପଞ୍ଚାୟତଗୁଡ଼ିକ ମଧ୍ୟରେ ବଡ଼ପାଟଣା, ମୁଷାଖୋରୀ, ଟାଙ୍ଗରପଡ଼ା, କେନ୍ଦେଇପଶି ଓ ଖିରେଇଟାଙ୍ଗରୀ ଏବଂ ସାହାରପଡ଼ା ବ୍ଲକ୍‌ର କପୁଣ୍ଡି ପଞ୍ଚାୟତ ଏହି ସଫଳତା ପ୍ରାପ୍ତ ହୋଇଛନ୍ତି। ଏ ନେଇ ୩ ଦିନ ପୂର୍ବେ ବ୍ଲକ୍‌କୁ କେନ୍ଦ୍ର ସରକାରଙ୍କ ତରଫରୁ ସାର୍ଟିଫିକେଟ ପ୍ରେରଣ କରାଯାଇଛି। ସଫଳ ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କୁ ୨ ବିଡିଓ ଶୁଭେଚ୍ଛା ଜଣାଇଛନ୍ତି।

# ପୂର୍ବତନ ସୈନିକଙ୍କୁ ସ୍ୱାସ୍ଥ୍ୟସେବା


ଜଣେ ସେନା କର୍ମଚାରୀ ପୂର୍ବତନ ସୈନିକଙ୍କ ପରିବାରକୁ ସମ୍ମାନିତ କରୁଛନ୍ତି।

**କେନ୍ଦୁଝର,୩୦।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

ଭାରତୀୟ ସେନା ପକ୍ଷରୁ କେନ୍ଦୁଝର ଜିଲାରେ ପୂର୍ବତନ ସୈନିକ, ବୀର ନାରୀ, ବୀର ମାତା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ କଲ୍ୟାଣ ନିମନ୍ତେ ଏକ ସ୍ୱତନ୍ତ୍ର 'ମଡେଲ ସମନ୍ୱିତ ଚିକିତ୍ସା ଶିବିର' ଆୟୋଜିତ ହୋଇଯାଇଛି। ବାଲେଶ୍ୱର (ଚାନ୍ଦିପୁର) ଷ୍ଟେଶନ ମୁଖ୍ୟାଳୟ, କେନ୍ଦୁଝର ଜିଲା ପ୍ରଶାସନ ଏବଂ କେନ୍ଦୁଝର ଜିଲା ପୂର୍ବତନ ସୈନିକ ସଂଘର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଛତିଶଗଡ଼ ଏବଂ ଓଡ଼ିଶା ସବ୍ ଏରିଆର କମାଣ୍ଡର ବ୍ରିଗେଡିୟର୍ ଟି.ଏସ. ବାୱା ମୁଖ୍ୟ ଅତିଥିଭାବେ ଯୋଗଦେଇ ୨ ଦିନିଆ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଶିବିରରେ ପୂର୍ବତନ ସୈନିକଙ୍କ ପାଇଁ ଏକାଧିକ ସେବା ପ୍ରଦାନ କରାଯାଉଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ କଲେଜର ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ, ଦନ୍ତ, ଅସ୍ଥିଶଲ୍ୟ ଏବଂ ସାଧାରଣ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ସ୍ପର୍ଶ ମାଧ୍ୟମରେ ପେନ୍‌ସନ୍ ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ସମାଧାନ କରାଯାଉଛି। ଇସିଏଚଏ ପଞ୍ଜୀକରଣ, ସିଏସ୍‌ଡି ସୁବିଧା ଏବଂ ଆଇନଗତ ସହାୟତା ପାଇଁ ସ୍ୱତନ୍ତ୍ର କାଉଣ୍ଟର କରାଯାଇଛି। ଶିବିରରେ ପ୍ରଥମ ଥର ପାଇଁ ଦିବ୍ୟାଙ୍ଗଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ଗୋଟିଏ ସ୍ଥାନରେ କରାଯାଇଛି। ମାନସିକ ଓ ସ୍ନାୟୁଗତ ରୋଗର ପରୀକ୍ଷା ସହ ଘଟଣାସ୍ଥଳରେ ହିଁ ୟୁଡିଆଇଡି କାର୍ଡ ପ୍ରଦାନ କରାଯାଉଛି। ଏହା ସହିତ ବୟସ୍କ ନାଗରିକଙ୍କ ପାଇଁ ଆୟୁଷ୍ମାନ ବୟା ବନ୍ଦନା ଯୋଜନାର ସୁବିଧା ଉପଲବ୍ଧ କରାଯାଉଛି। ବ୍ରିଗେଡିୟର୍ ବାୱା ନିଜ ଅଭିଭାଷଣରେ କହିଛନ୍ତି, ଦୂରଦୂରାନ୍ତରେ ରହୁଥିବା ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରକୁ ମର୍ଯ୍ୟାଦାଜନକ ସେବା ଓ ଉପଯୁକ୍ତ ସମୟରେ ସହାୟତା ଯୋଗାଇଦେବା ଆମର ମୁଖ୍ୟ ଲକ୍ଷ୍ୟ। କାର୍ଯ୍ୟକ୍ରମ ଦ୍ୱାରା ସେନା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହେବ। ଚିକିତ୍ସା ଶିବିର ମଙ୍ଗଳବାର ପର୍ଯ୍ୟନ୍ତ ଜାରି ରହିବ ଏହି ପରିପ୍ରେକ୍ଷୀରେ, ସମସ୍ତ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶିବିରରେ ଉପସ୍ଥିତ ରହି ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

# ଆଦିବାସୀ ଧାର୍ମିକ ସ୍ୱତନ୍ତ୍ରତା ପାଇଁ ରାଲି

**ଆନନ୍ଦପୁର /ବଞ୍ଚୋ ୩୦।୩ : (ପ୍ରଦୋଷ କୁମାର ବିଶ୍ୱାଳ/ ସୁଶାନ୍ତ କୁମାର ସାହୁ )**


ଆଦିବାସୀ ସଂଗଠନର କର୍ମକର୍ତ୍ତା।

ଆଦିବାସୀ ଧାର୍ମିକ ସ୍ୱତନ୍ତ୍ରତା, ସଂସ୍କୃତି ଓ ପରମ୍ପରା ସୁରକ୍ଷା ସହ ସାମ୍ବିଧାନିକ ଅଧିକାର ଦାବିରେ ସୋମବାର ଆନନ୍ଦପୁରରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ରାଲି ଆୟୋଜିତ ହୋଇଛି। ରାଲି ଆନନ୍ଦପୁର ଷ୍ଟାଡ଼ିୟମ ପଡ଼ିଆରୁ ଆରମ୍ଭ ହୋଇ ଉପ-ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ରାଲିରେ ଶତାଧିକ ଆଦିବାସୀ ଉଉଣୀ, ଭାଇ ଯୋଗଦେଇ ଆମ ପରିଚୟ, ଆମ ଅଧିକାର ନାରା ଦେଇଥିଲେ। ପରେ ପ୍ରତିନିଧିମଣ୍ଡଳ ଉପ ଜିଲାପାଳଙ୍କୁ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଆଇନଶୃଙ୍ଖଳା ରକ୍ଷା ସହ ଦାବିଗୁଡ଼ିକ ପୂରଣ ପାଇଁ ଅନୁରୋଧ କରିଥିଲେ।

ପ୍ରକାଶ ଯେ, ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ପୁରୁଣାପାଣି, ମଧୁବନ, ଟିଲଗଡିଆ ଆଦି ଗ୍ରାମରୁ ସାନ୍ତାଳୀ ସମ୍ପ୍ରଦାୟର ଜାହେରଗାଳଙ୍କ ପୂଜାସ୍ଥଳରୁ ଦେବଦେବୀଙ୍କ ମୂର୍ତ୍ତି ଗାଏବ ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯାହାକୁ ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ଅନେକ ହଜାର ଆଦିବାସୀ ଏକତ୍ରିତ ହୋଇ ବ୍ରିଜ ଛକ ପଡ଼ିଆରୀରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜାହେର ଗାଲ ଅପମାନ ଘଟଣାର ଏସଆଇଟି ମାଧ୍ୟମରେ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କୁ କଠୋର ଶାସ୍ତି, ସମସ୍ତ ଜାହେର ଗାଲ ଓ ଆଦିବାସୀ ପୂଜାସ୍ଥଳର ସୁରକ୍ଷା, ଘଟଣାକୁ ସଂଗଠିତ ଷଡ଼ଯନ୍ତ୍ରଭାବେ ତଦନ୍ତ କରି ଜଡ଼ିତ ନେଟୱାର୍କକୁ ଧରାଯିବା, ଥାନାର ଅବହେଳା ଉପରେ କାର୍ଯ୍ୟାନୁଷ୍ଠାନ ଓ ୨୦୨୬-୨୭ ଜନଗଣନା ପୂର୍ବରୁ ଏସ୍‌ଟି ପାଇଁ ସ୍ୱତନ୍ତ୍ର ଧର୍ମ କଲମ ସମ୍ମିଳନ ଦାବି କରାଯାଇଥିଲା। ଅନ୍ଧାରିଆ ମାଝିବାବା ଓ ଅନ୍ୟାନ୍ୟ ସଂଗଠନ ଆନ୍ଦୋଳନକୁ ସମର୍ଥନ କରିଥିଲେ।

## ମିଟୁ ମେମୋରିଆଲ ରାତ୍ରକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ

# ରିବେଲ ଏକ୍ସଆର ଚାମ୍ପିୟନ

**ଢେଙ୍କିକୋଟ,୩୦।୩(ନୀଳମଣି ମଣ୍ଡଳ)**



କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ଜାମପଶି ପଞ୍ଚାୟତ ଦେହୁରୀପଶୀ ଗ୍ରାମ ୟୁଥ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ୧୭ତମ ରାଜ୍ୟସ୍ତରୀୟ ମିଟୁ ମେମୋରିଆଲ ରାତ୍ରକାଳୀନ ଫ୍ଲଡ଼ଲାଇଟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ଗତ ଶୁକ୍ରବାର ଉଦ୍‌ଘାଟନ କରିଥିବା ବେଳେ ଫାଇନାଲ ମ୍ୟାଚ୍ ସମ୍ଭିତ ସୁଗର କ୍ରିକେଟ୍ ଟିମ ଢେଙ୍କିକୋଟ୍ ସହିତ ରିବେଲ ଏକ୍ସଆର ବାଇଗଣପାଳ ମଧ୍ୟରେ ଖେଳାଯାଇଥିଲା। ରିବେଲ ଏକ୍ସଆର ଟିମ୍ ଚାମ୍ପିୟନ ହୋଇଥିଲା।

ପ୍ରଥମେ ସମ୍ଭିତ ସୁଗର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରିଥିଲା। ରିବେଲ ଏକ୍ସଆର ବିଜୟ ଲକ୍ଷ୍ୟ ପିଛା କରି ୭ ଓଭର ୨ଟି ବଲ ଖେଳି ୬ ଉଇକେଟ ହରାଇ ୮୫ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପିଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ପାତ୍ର, ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ ପରିଷଦ ସଦସ୍ୟ ଅମର ସିଂହ, ଭାଜପା ଜିଲା ସାଧାରଣ ସମ୍ପାଦିକା ଜେସସ୍ୱିନୀ ବଳ, ମୁକୁନ୍ଦପୁର ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ଦେହୁରୀ, ବଡ଼ଜାମପଷି ସରପଞ୍ଚ ଜମୁନା ମୁଣ୍ଡା, ଭାଜପା ଯୁବନେତା ରତନ ପଲେଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ବବଲୁ କୁମାର, ସର୍ବେଶ୍ୱର ନାଏକ ଓ ସୌମ୍ୟକାନ୍ତ ରଣା ଖେଳ ପରିଚାଳନା କରିଥିଲେ। କୁନାଲ ପଣ୍ଡା, ଅଜୟ ବେହ, ମାଇକେଲ ଡେଭିସ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋର ବୋର୍ଡରେ ନିର୍ମଳ ମୋଦୀ ଓ ଜଗଦିଶ ମୋଦୀ ଥିଲେ। ମିଟୁ ମେମୋରିଲା କ୍ରିକେଟ୍ କପ୍ ଆସୋସିଏଶନର ସଭାପତି ବଳରାମ ସେଠୀ, ସମ୍ପାଦକ ଯୁଗଳକିଶୋର ମୁଦିଙ୍କ ସମେତ ୮୦ରୁ ଉର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ।

# ଗୋଟିଏ ଦିନରେ ସୂଚନା ଫଳକ ସହ କାର୍ଯ୍ୟ ଶେଷ

**ପାଟଣା,୩୦।୩(ବୀର କିଶୋର ଦାଶ)**

## କଂକ୍ରିଟ୍ ରାସ୍ତା ନିର୍ମାଣ ନିମ୍ନମାନର


ନିର୍ମାଣ ହୋଇଥିବା ରାସ୍ତା।

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ବଡ଼ବିଲ ପଞ୍ଚାୟତ ଡିଲବେଡ଼ା ଗ୍ରାମରେ କଂକ୍ରିଟ୍ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି। ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ତରବରିଆ ଭାବେ ଦିନକରେ ସବୁ କାମ ସାରିଦେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଗ୍ରାମର କେତେକ ଯୁବକ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଅଭିଯୋଗ କରିଥିଲେ ବି ଯନ୍ତ୍ରୀ କାର୍ଯ୍ୟ ତଦାରଖ କରିବାକୁ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ମୁତାବକ, ୧୦୦ ମିଟର ରାସ୍ତା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬ରେ ୪ ଲକ୍ଷ ୨୬ ହଜାର୪୦୪ ଟଙ୍କା ବ୍ୟୟ ବରଦା ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନ୍‌ଆର୍‌ଇଜିଏସ୍)ରେ ମାଟି ମୋରମ କାର୍ଯ୍ୟ ସରି ନ ଥିବା ବେଳେ ତାହାରି ଉପରେ ନିମ୍ନମାନର କଂକ୍ରିଟ୍ କରି ଟଙ୍କା ଉଠାଇ ନେବାକୁ ଯୋଜନା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ଏବଂ ଶେଷ ତାରିଖ ନ ଥିବା ବେଳେ ଗତ ଶନିବାର କାର୍ଯ୍ୟ ଆରମ୍ଭ ହୋଇ ଗୋଟିଏ ଦିନରେ ଶେଷ ହୋଇଛି। ଗୋଟିଏ ଦିନରେ ସୂଚନା ଫଳକ, ରାସ୍ତାରେ ବାଲି ଫିଲିଂ, ମେଟାଲିଂ, ଚିପ୍ସ ଆଦି ପକାଇ ତରବରିଆ ଭାବେ କାର୍ଯ୍ୟ କରିବାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। କାର୍ଯ୍ୟ ସମୟରେ ବ୍ଲକ୍ କାର୍ଯ୍ୟାଳୟରୁ କୌଣସି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ମେଟ ଉପସ୍ଥିତ ନ ରହିବା ସମସ୍ତଙ୍କୁ ତାଜୁବ କରିଛି। ସମଗ୍ର ଘଟଣା ଓ ନିର୍ମାଣକୁ ଜିଲାପାଳ ସ୍ୱତନ୍ତ୍ର ଟିମ୍ ପଠାଇ ତଦନ୍ତ କରିବାକୁ ଦାବି ହୋଇଛି। ସାହାରପଡ଼ା ବିଡିଓ ରଣଜିତ ମହାନ୍ତ କହିଛନ୍ତି, ଏ ନେଇ ତାଙ୍କ ନିକଟରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଘଟଣାର ତଦନ୍ତ କରାଯିବ।

## ଚୋରି ଛେଳି ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର,୩୦।୩ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ଜଗନ୍ନାଥପୁର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଗୁହାଳରୁ ଛେଳି ଚୋରାଇ ନେଇ ପଳାଇ ଆସୁଥିବା ଦୁର୍ବୃତ୍ତଙ୍କ ଗାଡ଼ିକୁ ରାଇରଙ୍ଗପୁର ସହରାଞ୍ଚଳରୁ ପୋଲିସ ଜବତ କରିଛି। ଜଗନ୍ନାଥପୁର ଗ୍ରାମର ଜନ୍ମେଜୟ ମହାନ୍ତଙ୍କ ୮ଟି ଛେଳିକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଚୋରି କରି ଏକ ମାରୁତି କାର୍‌ରେ ନେଇ ପଳାଇ ଆସୁଥିବାବେଳେ ରାଇରଙ୍ଗପୁର ସହରାଞ୍ଚଳ ପୁରୁଣାଘାଟି ବସ୍ତି ନିକଟସ୍ଥ ରାସ୍ତା ପାର୍ଶ୍ୱ ଏକ ଗଛରେ ଗାଡ଼ିଟି ପିଟି ହୋଇଯାଇଥିଲା। ଦୁର୍ଘଟଣାସ୍ଥଳରେ ଛେଳି ବୋଝେଇ ଗାଡ଼ିକୁ ରଖି ଦୃର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପୋଲିସ ଛେଳିଗୁଡ଼ିକୁ ଉଦ୍ଧାର କରି ମାଲିକ ଜନ୍ମେଜୟଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୫୫/୨୬) ରୁଜୁ ହୋଇଛି।

# ଶିମିଳିପାଳ ସୁରକ୍ଷା ପାଇଁ ଏକାଠି ହେଲେ ଗ୍ରାମବାସୀ

ବାରିପଦା,୩୦।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟ ବ୍ଲକ ଅଧୀନ ରଙ୍ଗମାଟିଆସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଶିମିଳିପାଳର ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶିମିଳିପାଳ ପାଦଦେଶରେ ଥିବା ୧୪ଟି ଗ୍ରାମର ୨୫୦ରୁ ଅଧିକ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଏକାଠି ହୋଇଥିଲେ। ପରିବେଶ ପ୍ରହରୀ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପ-ନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ପରିବେଶ ପ୍ରହରୀ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ତଥା




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, କଳାପଥରା ସରପଞ୍ଚ ଶ୍ୟାମ ଚରଣ ସିଂ, ଭାଲୁକି ସରପଞ୍ଚ ପଦ୍ମାବତୀ ହାଁସଦା, ଆଇନଜୀବୀ ପଦ୍ମଲୋଚନ ମହାନ୍ତ, ସାମାଜିକ କର୍ମୀ ବିଲକାନ ପ୍ରଭୁଦୟାଲ ନାଗ, ପିଠାବଟା ରେଞ୍ଜ ଅଫିସର ଜିତେନ କୀସ୍କୁ, ସ୍ୱାଡାର ଚୈତନ୍ୟ ପ୍ରସାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶିମିଳିପାଳର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଡ. ଗୌଡା ବିସ୍ତୃତ ସୂଚନା ଦେଇଥିଲେ। ଶିମିଳିପାଳ ନିକଟରେ ଥିବା ଗ୍ରାମବାସୀ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଗଠନ କରିବା ପାଇଁ ଏକ ଖସଡା ପ୍ରସ୍ତୁତ କରିବାକୁ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଉପସ୍ଥିତ ସମସ୍ତ ସରପଞ୍ଚ ନିଜ ଅଞ୍ଚଳର ଜଙ୍ଗଲ ସହିତ ଶିମିଳିପାଳ ଜଙ୍ଗଲର ସୁରକ୍ଷା ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍କୁଲ ପିଲାମାନେ ଶିମିଳିପାଳ ପାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଶିମିଳିପାଳ ସମ୍ବନ୍ଧୀୟ ଅନେକ ଛୋଟ ଛୋଟ ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ସୁମନ୍ତ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ସ୍ୱାଡାର ବୈଦ୍ୟନାଥ ମାରାଣ୍ଡି ଓ କଳେବର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ଛୁରାମାଡ଼

ଠାକୁରମୁଣ୍ଡା,୩୦।୩ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଥାନା ଅଧୀନ ଜୁଡାମ୍ବ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ଚରଣ ମହାନ୍ତଙ୍କୁ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେହି ଗ୍ରାମର ଜଣେ ଯୁବକ ଛୁରିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡ଼ିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏହି ଆକ୍ରମଣ ଘଟିଥିବା କୁହାଯାଉଛି।

## ୧୨୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଉପସ୍ଥିତ ଅତିଥିମାନେ।

ବାରିପଦା,୩୦।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପଶ୍ଚିମ ଏସିଆରେ ଯୁଦ୍ଧ ଥମୁ ନ ଥିବା ଯୋଗୁ ଏହାର ପ୍ରଭାବ ଅନେକ କ୍ଷେତ୍ର ଉପରେ ପଡ଼ିଛି। ଏହି କ୍ରମରେ ସାର କାରଖାନାଗୁଡ଼ିକ ପାଇଁ ବ୍ୟବହୃତ ପ୍ରାକୃତିକ ଗ୍ୟାସ୍ ଦରରେ ୬୦ % ବୃଦ୍ଧି ଘଟିଛି। ଏହାଦ୍ୱାରା ସରକାରଙ୍କ ଉପରେ ସାର ସବ୍‌ସିଡି (ରିହାତି) ବୋଝ ବଢ଼ିବା ଆଶଙ୍କା ଦେଖାଦେଇଛି। ଶକ୍ତି ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଆମୋନିଆ ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା ପ୍ରାକୃତିକ ଗ୍ୟାସ୍ ଯୋଗାଣ ଚାହିଦା ତୁଳନାରେ ୮୦ ପ୍ରତିଶତକୁ ହ୍ରାସ ପାଇଛି। ଏହି ଅଭାବକୁ ଦୂର କରିବା ପାଇଁ ସାର କମ୍ପାନୀଗୁଡ଼ିକ ସ୍ପଟ ମାର୍କେଟରୁ ମହଙ୍ଗା ଦରରେ ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) କିଣୁଛନ୍ତି। ପୂର୍ବରୁ ପ୍ରତି ମିଲିୟନ ବ୍ରିଟିଶ୍ ଥର୍ମାଲ ୟୁନିଟ୍ (ଏମ୍‌ଏମ୍‌ବିଟିୟୁ) ଗ୍ୟାସ୍ ଦର ୧୧-୧୨ ଡଲାର ଥିବାବେଳେ ଏବେ ସ୍ପଟ ମାର୍କେଟରେ ଏହା ୧୯.୫-୧୯.୬ ଡଲାରକୁ ବୃଦ୍ଧି ପାଇଛି।

ଖରିଫ ୨୦୨୬ ପାଇଁ ଦେଶରେ ପ୍ରାୟ ୩୯ ନିୟୁତ ଟନ ସାର ଆବଶ୍ୟକ। ବର୍ତ୍ତମାନ ଦେଶରେ ୧୮ ନିୟୁତ ଟନ ସାର ମହଜୁଦ ଅଛି, ଯାହା ଗତବର୍ଷ ତୁଳନାରେ ଅଧିକ। ଗ୍ୟାସ ଦର ବଢ଼ିଲେ ମଧ୍ୟ ଚାଷୀଙ୍କ ପାଇଁ ସାର ଦର ବଢ଼ିବ ନାହିଁ। ୟୁରିଆ ପୂର୍ବଭଳି ୨୬୬ ଟଙ୍କା (୪୫ କିଲୋ ବ୍ୟାଗ) ଏବଂ ଡିଏପି ୧,୩୫୦ ଟଙ୍କା (୫୦ କିଲୋ ବ୍ୟାଗ) ରେ ଉପଲବ୍ଧ ହେବ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ସାର ବିଭାଗର ଯୁଗ୍ମ ସଚିବ ଅପର୍ଣ୍ଣା ଏସ୍. ଶର୍ମା ଏକ ଆନ୍ତଃ ମନ୍ତ୍ରଣାଳୟ ବିବୃତିରେ କହିଛନ୍ତି ଯେ, ବର୍ତ୍ତମାନର ସ୍ଥିତି ଜଟିଳ ଥିଲେ ମଧ୍ୟ ସରକାର ଏହାକୁ ରଣନୈତିକ ଭାବେ ମୁକାବିଲା କରୁଛନ୍ତି। ଆସନ୍ତା ଖରିଫ ଋତୁ ପାଇଁ ଦେଶରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ସରକାର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଗଲ୍ଫ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା କମାଇବା ପାଇଁ ରୁଷିଆ, ମରକ୍କୋ, ଅଷ୍ଟ୍ରେଲିଆ, କାନାଡା ଏବଂ ଇଜିପ୍ଟ ଭଳି ଦେଶରୁ ସାର ଆମଦାନୀ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସାରର କଳାବଜାର ଏବଂ ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷା କରାଯାଉଛି। ଏଥିପାଇଁ ଏକ ସ୍ୱତନ୍ତ୍ର 'ୱାର ରୁମ୍' ମଧ୍ୟ ସ୍ଥାପନ କରାଯାଇଛି।

# ୮ମ ତ୍ରୈମାସିକ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୩୦।୩ (ପି.ଟି.)

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସୋମବାର ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଏବଂ ନ୍ୟାଶନାଲ ସେଭିଙ୍ଗ୍ସ ସାର୍ଟିଫିକେଟ (ଏନ୍‌ଏସ୍‌ସି) ସମେତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧହାରରେ କୌଣସି ପରିବର୍ତ୍ତନ କରିନାହାନ୍ତି। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପାଇଁ ଏହି ସୁଧ ହାର ସ୍ଥିର ରହିବ।

କ୍ରମାଗତ ଅଷ୍ଟମଥର ପାଇଁ ସରକାର ସୁଧ ହାରରେ 'ଯଥାସ୍ଥିତି' ବଜାୟ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଡାକଘର ସଞ୍ଚୟ ଯୋଜନା ଉପରେ ନିର୍ଭର କରୁଥିବା ବହୁ କୋଟି କ୍ଷୁଦ୍ର ନିବେଶକ ଏବଂ ବରିଷ୍ଠ ନାଗରିକମାନେ ଉପକୃତ ହେବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୨୬ ଏପ୍ରିଲ ୧ରୁ ଜୁନ ୩୦ ପର୍ଯ୍ୟନ୍ତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧହାର, ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ (ଜାନୁଆରୀ-ମାର୍ଚ୍ଚ) ପାଇଁ ଧାର୍ଯ୍ୟ ହୋଇଥିବା ହାର ସହ ସମାନ ରହିବ। ବିଜ୍ଞପ୍ତି ମୁତାବକ, ସୁକନ୍ୟା ସମୃଦ୍ଧି ଯୋଜନା (ଏସ୍‌ଏସ୍‌ଏ)ରେ ସର୍ବାଧିକ ୮.୨ ପ୍ରତିଶତ ସୁଧ ମିଳୁଥିବାବେଳେ, ନ୍ୟାଶନାଲ ସେଭିଙ୍ଗ୍ସ ସାର୍ଟିଫିକେଟ (ଏନ୍‌ଏସ୍‌ସି) ଉପରେ ସୁଧହାର ୭.୭ ପ୍ରତିଶତ ରହିଛି। ଦୀର୍ଘକାଳୀନ ଟିକସ ସଞ୍ଚୟ ପାଇଁ ଲୋକପ୍ରିୟ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍)ରେ ସୁଧହାର ୭.୧ ପ୍ରତିଶତ ଅପରିବର୍ତ୍ତିତ ରହିଛି। ସେହିପରି ଡାକଘର ମାସିକ ଆୟ ଯୋଜନା (ଏମ୍‌ଆଇଏସ୍) ରେ ନିବେଶକମାନଙ୍କୁ ପୂର୍ବଭଳି ୭.୪ % ସୁଧ ମିଳିବ। ଅନ୍ୟାନ୍ୟ ଯୋଜନା ମଧ୍ୟରେ ୩ ବର୍ଷିଆ ଟାଇମ୍ ଡିପୋଜିଟ ଉପରେ ୭.୧ ପ୍ରତିଶତ ଏବଂ କିଷାନ ବିକାଶ ପତ୍ର (କେଭିପି) ଉପରେ ୭.୫ ପ୍ରତିଶତ ସୁଧ ମିଳିବ (ଯାହା ୧୧୫ ମାସରେ ପରିପକ୍ୱ ହେବ)। ସାଧାରଣ ଡାକଘର ସଞ୍ଚୟ ଆକାଉଣ୍ଟରେ ସୁଧ ହାର ୪ ପ୍ରତିଶତ ରଖାଯାଇଛି।

ବଜାର ବିଶେଷଜ୍ଞଙ୍କ ମତରେ ନୂତନ ଆର୍ଥିକ ବର୍ଷ ଆରମ୍ଭରେ ସରକାର ଆର୍ଥିକ ସ୍ଥିରତାକୁ ଗୁରୁତ୍ୱ ଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ସରକାର ଶେଷଥର ପାଇଁ ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ କିଛି ଯୋଜନାର ସୁଧହାରରେ ପରିବର୍ତ୍ତନ କରିଥିଲେ। ସାଧାରଣତଃ ସରକାରୀ ସିକ୍ୟୁରିଟି (ଜି-ସେକ୍)ର ରିଟର୍ନକୁ ଆଧାର କରି ପ୍ରତି ୩ ମାସରେ ଏହି ସୁଧ ହାରର ସମୀକ୍ଷା କରାଯାଇଥାଏ।

# ବିଜିୟୁ ପକ୍ଷରୁ ମାନବ ଅଧିକାର ଓ ଅଭିବ୍ୟକ୍ତି ସ୍ୱାଧୀନତା ସମ୍ପର୍କିତ ସମ୍ମିଳନୀ



ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ୍ ଅଫ୍ ଲ' ପକ୍ଷରୁ 'ମାନବ ଅଧିକାର ଓ ଅଭିବ୍ୟକ୍ତି ସ୍ୱାଧୀନତାରେ ସମ୍ପ୍ରତିକ ଆହ୍ୱାନ, ସମସ୍ୟା ଓ ସୁଯୋଗ' ବିଷୟବସ୍ତୁ ଆଧାରିତ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ତଥା ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ମାନବାଧିକାର କମିଶନର ପୂର୍ବତନ ସଦସ୍ୟ ଅସୀମ ଅମିତାଭ ଦାସ ଯୋଗ ଦେଇଥିବା ବେଳେ ନ୍ୟାଶନାଲ ଲ' ୟୁନିଭରସିଟି ଓଡ଼ିଶାର ରେଜିଷ୍ଟ୍ରାର ପ୍ରଫେସର ଡ. ରଙ୍ଗିନ ପଲ୍ଲବ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ଷଡ଼ଙ୍ଗୀ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ବିଜିୟୁର କୁଳପତି ପ୍ରଫେସର ଡ. କୁଲଭୂଷଣ ବାଲୁନି କହିଥିଲେ ଯେ, 'ଶହେ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ ନ୍ୟାୟପାଳିକା ହେଉଛି ଆଶାର ଏକ ସ୍ତମ୍ଭ, ଯାହା ଉପରେ ଅଧିକାରର ସୁରକ୍ଷା ଏବଂ ଏକ ନ୍ୟାୟପୂର୍ଣ୍ଣ ତଥା ସମାନତା ଭିତ୍ତିକ ସମାଜ ଗଠନର ଦାୟିତ୍ୱ ନ୍ୟସ୍ତ ଅଛି। ବିର୍ଲା ସ୍କୁଲ ଅଫ୍ ଲ' ର ଡିନ୍ ପ୍ରଫେସର ଡ. ଏସ୍.କେ. ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ରେଜିଷ୍ଟ୍ରାର ପ୍ରଫେସର ଡ. ବି.କେ. ଦାସ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ।

# ଅଏଲ୍ ଇଣ୍ଡିଆ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ' (ଏନ୍‌ସିଏମ୍‌ଏମ୍) ଅଧୀନରେ ସର୍ବବୃହତ 'କ୍ରିଟିକାଲ ମିନେରାଲ୍ସ ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବେ ସ୍ୱୀକୃତିପ୍ରାପ୍ତ ସିଏସ୍‌ଆଇଆର-ଇନ୍‌ଷ୍ଟିଚ୍ୟୁଟଅଫ୍‌ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି) ସହ ଅଏଲ ଇଣ୍ଡିଆ ଲିମିଟେଡ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଅଏଲ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ରଞ୍ଜିତ ରଥଙ୍କ ଉପସ୍ଥିତିରେ ଅଏଲ ଇଣ୍ଡିଆର ନିର୍ଦ୍ଦେଶକ (ଅନ୍ୱେଷଣ ଏବଂ ବିକାଶ) ସାଲୋମାୟୋମଦୋ ଏବଂ ସିଏସଆଇଆର-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମରେ ସିଏସଆଇଆର-ଆଇଏମଏମଟିର ବରିଷ୍ଠ ବୈଜ୍ଞାନିକ କାଳୀ ସଞ୍ଜୟ ଏବଂ ସତ୍ୟଜିତ ରଥ ଉପସ୍ଥିତ ଥିଲେ। ଏହି ଅବସରରେ ରଞ୍ଜିତ ରଥ କହିଛନ୍ତି ଯେ, ଏହି ଏମ୍‌ଓୟୁ ଫଳରେ ଏନସିଏମ୍‌ଏମ୍ ଅଧୀନରେ କେବଳ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ନୁହେଁ ବରଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅଏଲ ଇଣ୍ଡିଆର ସହଭାଗିତା ବୃଦ୍ଧି ପାଇବ। ସେ ଆହୁରି ସୂଚନା ଦେଇଛନ୍ତି ଯେ, ଅଏଲ ଇଣ୍ଡିଆ ପୂର୍ବରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକ - ଅରୁଣାଚଳ ପ୍ରଦେଶର 'ଫୋସ୍ଫାଫାଇଟ-ଭାନାଡିୟମ୍ବିଏଲ ବ୍ଲକ' ଏବଂ ରାଜସ୍ଥାନର 'ଜୋରକିଆନ ପୋଟାସ ବ୍ଲକ' ହାସଲ କରିସାରିଛି। ଏହି ସମ୍ପତ୍ତିଗୁଡ଼ିକର ଖଣିଜ ପ୍ରକ୍ରିୟାକରଣ ଏବଂ ଉନ୍ନତୀକରଣ ଅଧ୍ୟୟନରେ ସିଏସଆଇଆର-ଆଇଏମଏମଟି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଡ. ରାମାନୁଜ ନାରାୟଣ କହିଛନ୍ତି, ସିଏସଆଇଆର-ଆଇଏମଏମଟି ପାଖରେ ମୌଳିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ କାର୍ଯ୍ୟକ୍ରମରେ ବ୍ୟାପକ ଅଭିଜ୍ଞତା ରହିଛି, ଯାହା ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଖଣି ଓ ଧାତୁ ଶିଳ୍ପର ଆହ୍ୱାନଗୁଡ଼ିକର ସମାଧାନ କରିବାରେ ସକ୍ଷମ।

# ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କକୁ ୩୧.୮ ଲକ୍ଷର ଜରିମାନା

ନୂଆଦିଲ୍ଲୀ, ୩୦।୩

ଆର୍ଥିକ ବିବରଣୀରେ ନିୟମ ଉଲ୍ଲଂଘନ କରିବାରୁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କକୁ ୩୧.୮ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଆରବିଆଇ ସୋମବାର ଏହି ତଥ୍ୟ ପ୍ରକାଶ କରି କହିଛି ଯେ, ୨୦୨୫ ମାର୍ଚ୍ଚ ୩୧ର ଆର୍ଥିକ ସ୍ଥିତି ଉପରେ ତଦାରଖ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣରେ ଆରବିଆଇ ନିର୍ଦ୍ଦେଶର ଉଲ୍ଲଂଘନ ଜାଣିବା ପରେ ବ୍ୟାଙ୍କକୁ ନୋଟିସ ଜାରି କରାଯାଇଥିଲା। ବ୍ୟାଙ୍କର ଉତ୍ତର ଓ ଅତିରିକ୍ତ ବିବରଣୀ ବିଚାର କରି ଆରବିଆଇ କହିଛି ଯେ, ୨୦୨୪-୨୫ ଆର୍ଥିକବର୍ଷର ବାର୍ଷିକ ଆର୍ଥିକ ବିବରଣୀରେ କିଛି ଅଭିଯୋଗକୁ ପ୍ରକାଶ ନ କରିବା ଅଭିଯୋଗ ପ୍ରମାଣିତ ହୋଇଛି। ଏଥିପାଇଁ ଜରିମାନା ଲଗାଯାଇଛି।

# ରାମଦେବ ବାବାଙ୍କ ୩୨ତମ ସନ୍ନ୍ୟାସ ଦିବସ



ହରିଦ୍ୱାର,୩୦।୩

ରାମନବମୀ ଅବସରରେ ପତଞ୍ଜଳି ଯୋଗପୀଠର ଅଧ୍ୟକ୍ଷ ରାମଦେବ ବାବାଙ୍କ ୩୨ତମ ସନ୍ନ୍ୟାସ ଦିବସ ଯୋଗଭବନରେ ପାଳନ କରାଯାଇଛି। ଏହି ଅବସରରେ ରାମଦେବ କହିଛନ୍ତି, ଆଜି ଆମେ ରାମନବମୀ, ନବରାତ୍ରିର ପୂର୍ଣ୍ଣତା ଓ ପତଞ୍ଜଳିର ସନ୍ନ୍ୟାସ ଦିବସ ଏକାଠି ପାଳନ କରୁଛୁ। ଗତ ୩୨ ବର୍ଷରେ ପତଞ୍ଜଳି ଶିକ୍ଷା, ଚିକିତ୍ସା, କୃଷି, ଯୋଗ, ଆୟୁର୍ବେଦ ଓ ସନାତନ ଧର୍ମର ସେବାରେ ଐତିହାସିକ ଯୋଗଦାନ ଦେଇଛି ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକ୍ରିଷ୍ଣ ରାମଦେବଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଭଗବାନ ଆମକୁ ସ୍ୱାମିଜୀଙ୍କର ସହଯୋଗୀ ଭାବେ କାର୍ଯ୍ୟ କରିବାର ସୌଭାଗ୍ୟ ଦେଇଛନ୍ତି। ଏହି ଅବସରରେ ଏନ.ପି. ସିଂହ ମଧ୍ୟ ଉପସ୍ଥିତ ଥିଲେ।

# ବେସରକାରୀ ଅଣ-ଆର୍ଥିକ କମ୍ପାନୀଗୁଡ଼ିକର ବିକ୍ରୟ ୭.୮% ବୃଦ୍ଧି

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

୨୦୨୪-୨୫ ଆର୍ଥିକ ବର୍ଷରେ ବଛା ବେସରକାରୀ ଅଣ-ଆର୍ଥିକ (ଏନ୍‌ଜିଏନ୍‌ଏଫ୍) ପବ୍ଲିକ ଲିମିଟେଡ କମ୍ପାନୀଗୁଡ଼ିକର ନେଟ୍ ସେଲ୍ସ ବୃଦ୍ଧି ୬.୩%ରୁ ବଢ଼ି ୭.୮%କୁ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ସୋମବାର ଏହି ତଥ୍ୟ ପ୍ରକାଶ ପାଇଛି। ଉତ୍ପାଦନ (ମ୍ୟାନୁଫ୍ୟାକ୍ଚରିଂ) କ୍ଷେତ୍ରର ବିକ୍ରୟ ବୃଦ୍ଧି ୫%ରୁ ବଢ଼ି ୬.୩% ଏବଂ ସେବା କ୍ଷେତ୍ରର ବୃଦ୍ଧି ୭.୪% ରୁ ବଢ଼ି ୧୦.୧% ହୋଇଛି। ଆରବିଆଇ ଏହି ତଥ୍ୟ ଭାରତୀୟ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ (ଇଣ୍ଡ-ଏଏସ୍) ଫର୍ମାଟରେ ରିପୋର୍ଟ କରିଥିବା ୭,୯୯୨ଟି କମ୍ପାନୀର ଅଡିଟ ହୋଇଥିବା ଆର୍ଥିକ ହିସାବରୁ ପ୍ରସ୍ତୁତ କରିଛି। ସେବା କ୍ଷେତ୍ରର ବିକ୍ରୟ ମୁଖ୍ୟତଃ 'ପରିବହନ ଓ ଷ୍ଟୋରେଜ ସେବା' ଏବଂ 'ସୂଚନା ଓ ଯୋଗାଯୋଗ' କ୍ଷେତ୍ରର ବିସ୍ତାର ଯୋଗୁ ବୃଦ୍ଧି ପାଇଛି ବୋଲି ଆରବିଆଇ କହିଛି। ବିକ୍ରୟ ବୃଦ୍ଧି ସହ ଅପରେଟିଂ ଖର୍ଚ୍ଚ ୮.୪% ବଢ଼ିଛି, ଯାହାର ମୁଖ୍ୟ କାରଣ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି। ମୋଟ ଖର୍ଚ୍ଚ ବୃଦ୍ଧି ଯୋଗୁ ଅପରେଟିଂ ପ୍ରଫିଟ୍ ବୃଦ୍ଧି ୧୫.୩%ରୁ କମି ୮.୪%କୁ ଆସିଛି। ତଥାପି ଟ୍ୟାକ୍ସ ପରବର୍ତ୍ତୀ ଲାଭ (ପ୍ରଫିଟ ଆଫ୍ଟର୍ ଟ୍ୟାକ୍ସ) ୨୩.୧% ବୃଦ୍ଧି ପାଇଛି, ଯାହାର ମୁଖ୍ୟ କାରଣ ନନ୍ ଅପରେଟିଂ ଆୟ ଏବଂ କମ ଟ୍ୟାକ୍ସ ଖର୍ଚ୍ଚ। ସେବା କ୍ଷେତ୍ରର କମ୍ପାନୀଗୁଡ଼ିକର ଟ୍ୟାକ୍ସ ପରବର୍ତ୍ତୀ ଲାଭ ବୃଦ୍ଧି ୪୦.୨% ଥିବାବେଳେ ଉତ୍ପାଦନ କ୍ଷେତ୍ରରେ ଏହା ୧୨.୮% ରହିଛି। ଆରବିଆଇ କହିଛି ଯେ, ଆଭ୍ୟନ୍ତରୀଣ ଉତ୍ସ ହିଁ ମୁଖ୍ୟ ଫଣ୍ଡିଂ ଉତ୍ସ ରହିଛି, ଯାହା ମୋଟ ଫଣ୍ଡର ୫୭.୨% ଅଟେ। ଗ୍ରସ୍ ଫିକ୍ସଡ ଆସେଟ ଗଠନ ମଧ୍ୟ ମଜଭୁତ ରହି ୪୧.୧% ରେ ପହଞ୍ଚିଛି।

## ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ର. ନଂ. | ଗ୍ରାମର ନାମ | ଖାତା ନଂ. | ଖସରା / ପ୍ଲଟ୍ ନଂ. | ମୋଟ କ୍ଷେତ୍ରଫଳ (ଏକରରେ) | ଅଧିଗ୍ରହଣିତ ଅଞ୍ଚଳ (ଏକରରେ) | ଜମିର କିସମ | ଜମିର ପ୍ରକାର |
|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 |
| 726 | ବୋଡ୍ରିଆ | 95 | 118 | 2.720 | 0.050 | ବାହାଲ | ନିଜସ୍ୱ |
| 727 | ବୋଡ୍ରିଆ | 107 | 135 | 2.800 | 0.900 | ଆଟ | ନିଜସ୍ୱ |
| 728 | ବୋଡ୍ରିଆ | 107 | 134 | 1.380 | 1.380 | ଜଳ ଏକଫସଲି | ନିଜସ୍ୱ |
| 729 | ବୋଡ୍ରିଆ | 1 | 133 | 0.720 | 0.070 | ବାହାଲ | ନିଜସ୍ୱ |
| 730 | ବୋଡ୍ରିଆ | 107 | 132 | 0.670 | 0.030 | ବାହାଲ | ନିଜସ୍ୱ |
| 731 | ବୋଡ୍ରିଆ | 63 | 154 | 0.880 | 0.530 | ଜଳ ଏକଫସଲି | ନିଜସ୍ୱ |
| 732 | ବୋଡ୍ରିଆ | 107 | 153 | 2.230 | 1.360 | ବାହାଲ | ନିଜସ୍ୱ |
| 733 | ବୋଡ୍ରିଆ | | 151 | 0.950 | 0.700 | | ନିଜସ୍ୱ |
| 734 | ବୋଡ୍ରିଆ | | 149 | 0.800 | 0.720 | ବାହାଲ | ନିଜସ୍ୱ |
| 735 | ବୋଡ୍ରିଆ | | 140 | 1.390 | 0.020 | | ନିଜସ୍ୱ |
| 736 | ବୋଡ୍ରିଆ | | 148 | 0.110 | 0.090 | ଆଟ | ନିଜସ୍ୱ |
| 737 | ବୋଡ୍ରିଆ | 1 | 148/823 | 0.150 | 0.150 | | ନିଜସ୍ୱ |
| 738 | ବୋଡ୍ରିଆ | | 147 | 0.950 | 0.865 | ବାହାଲ | ନିଜସ୍ୱ |
| 739 | ବୋଡ୍ରିଆ | | 199 | 1.420 | 0.230 | | ନିଜସ୍ୱ |
| 740 | ବୋଡ୍ରିଆ | | 145 | 1.420 | 0.460 | ଆଟ | ନିଜସ୍ୱ |
| 741 | ବୋଡ୍ରିଆ | 118 | 146 | 0.130 | 0.130 | ଆଟ | ନିଜସ୍ୱ |
| 742 | ବୋଡ୍ରିଆ | 1 | 144/822 | 0.430 | 0.120 | ଆଟ | ନିଜସ୍ୱ |
| 743 | ବୋଡ୍ରିଆ | 118 | 144 | 1.870 | 0.050 | ଆଟ | ନିଜସ୍ୱ |
| 744 | ବୋଡ୍ରିଆ | 41 | 292 | 0.700 | 0.040 | ଜଳ ଏକଫସଲି | ନିଜସ୍ୱ |
| 745 | ବୋଡ୍ରିଆ | | 286 | 0.400 | 0.030 | ଜଳ ଏକଫସଲି | ନିଜସ୍ୱ |
| 746 | ବୋଡ୍ରିଆ | 6 | 45 | 2.140 | 0.005 | ମାଳ | ନିଜସ୍ୱ |
| 747 | ବୋଡ୍ରିଆ | 23 | 77 | 5.080 | 0.100 | ବାହାଲ | ନିଜସ୍ୱ |
| 748 | ବୋଡ୍ରିଆ | 107 | 198 | 0.270 | 0.025 | ବାହାଲ | ନିଜସ୍ୱ |
| | | | ମୋଟ | 78.450 | 29.510 | | |

ଗ୍ରାମ ଅନୁଯାୟୀ ସାରାଂଶ (ତହସିଲ: କୋକସରା)

| କ୍ରମିକ ନଂ | ଗ୍ରାମର ନାମ | କ୍ଷେତ୍ରଫଳ (ଏକରରେ) |
|---|---|---|
| 1 | କୋକସରା | 17.584 |
| 2 | କୁସୁମଖୁଣ୍ଟି | 35.214 |
| 3 | କଚରପଦର | 6.275 |
| 4 | ପାଣିଗାଁ | 33.720 |
| 5 | ବଡପୋଡାଗୁଡା | 38.454 |
| 6 | ରେଙ୍ଗାଲପାଲି | 32.720 |
| 7 | ଡାଙ୍ଗରିଗୁଡା | 24.422 |
| 8 | ମୋଟର | 6.580 |
| 9 | ବାଙ୍ଗମୁଣ୍ଡା | 15.806 |
| 10 | କାର୍ଲାଗୁଡା | 0.225 |
| 11 | ମଝିଗୁଡା | 17.790 |
| 12 | ଡେଙ୍ଗାଗୁଡା | 26.025 |
| 13 | ବଡକେନ୍ଦୁଗୁଡା | 47.074 |
| 14 | ବୋଡ୍ରିଆ | 29.510 |
| | ମୋଟ | 331.400 |

PR-330/CI/25-26 ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଜଗଦଲପୁର

# ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ସଙ୍କଟ

## କ୍ୟାଟରିଂ ଆସୋସିଏଶନକୁ ମନ୍ତ୍ରୀଙ୍କ ଆଶ୍ୱାସନା



ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ରାଜ୍ୟରେ ଦେଖାଯାଇଥିବା ବାଣିଜ୍ୟିକ ଗ୍ୟାସ ସଙ୍କଟ ସମ୍ପର୍କରେ ଓଡ଼ିଶା କ୍ୟାଟରିଂ ଆସୋସିଏଶନ(ସିଏଓ)ର ଏକ ପ୍ରତିନିଧି ଦଳ ଖାଦ୍ୟ ଯୋଗାଣ ଓ ସାମାଜିକ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସୋମବାର ଅବଗତ କରାଇଛନ୍ତ। ଏନେଇ ମନ୍ତ୍ରୀ ପାତ୍ର ଏହି ପ୍ରତିନିଧି ଦଳକୁ ଆଶ୍ୱାସନା ଦେଇ କହିଛନ୍ତି, ଏହି ସଙ୍କଟ ସମୟରେ କେହି ମଧ୍ୟ ଆତଙ୍କିତ ହେବା ଆବଶ୍ୟକ ନାହିଁ। ସରକାର ଏହି ପରିସ୍ଥିତି ସମ୍ବନ୍ଧରେ ସଚେତନ ଓ ରାଜ୍ୟର ସମସ୍ତ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ କାମ କରୁଛନ୍ତି। ସିଏଓ ସଦସ୍ୟଙ୍କ କହିବାନୁସାରେ, ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ଅଭାବ ଏହାର ମୁଖ୍ୟ ସମସ୍ୟା ହୋଇଯାଇଛି। କ୍ୟାଟରିଂ ଆସୋସିଏଶନ ଓଡ଼ିଶା ରାଜ୍ୟରେ ନୀରବ ଭାବରେ ୧ ଲକ୍ଷରୁ ଅଧିକ ପରିବାର ଯେପରିକି ସଫେଇ କର୍ମଚାରୀ, ଡ୍ରାଇଭର, ରୋଷେୟା, ଅର୍ଦ୍ଧ-କୁଶଳୀ ଓ ପ୍ରଶିକ୍ଷିତ କର୍ମୀଙ୍କୁ ଜୀବିକା ଯୋଗାଇ ଆସୁଛି। ଏହି ସମସ୍ତ ପରିବାର କ୍ୟାଟରିଂ ବ୍ୟବସାୟ ଉପରେ ନିର୍ଭରଶୀଳ ବୋଲି ସିଏଓ ଅଧ୍ୟକ୍ଷ ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତି। ସଚିବ ଦେବୀ ପ୍ରସାଦ ରଥ କହିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମରେ ଖାଦ୍ୟ ପରିବେଷଣ କରି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ କାମ କରୁଛନ୍ତି। ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଅଭାବରୁ ଅନେକ ସଦସ୍ୟ ତାଙ୍କର ବ୍ୟବସାୟ ବନ୍ଦ କରିଦେଇଛନ୍ତି। ଯଦି ଏହି ପରିସ୍ଥିତି ଲାଗିରହେ, ତେବେ କ୍ୟାଟରିଂ ଶିଳ୍ପ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ ଓ ଏହା ସହିତ ସଂପୃକ୍ତ ଅନେକ ଲୋକ ରୋଜଗାର ହରାଇବେ।

# ବ୍ରହ୍ମପୁରରେ ଖୋଲିଲା ଟାଇଟନ୍ ଆଇ ପ୍ଲସ୍

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)



ସିଲ୍କ ସିଟି ବ୍ରହ୍ମପୁରରେ ଟାଇଟନ୍ ଆଇ ପ୍ଲସ୍ ପକ୍ଷରୁ ଓଡ଼ିଶାର ପ୍ରଥମ ଫ୍ଲାଗଶିପ୍ ଶୋ'ରୁମ୍ ଖୋଲାଯାଇଛି। ସୋମବାର ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ ଟାଇଟନ୍ ଆଇ ପ୍ଲସ୍‌ର ସିଇଓ ରାଘବ ଏନ୍ ଏସ୍ ଓ ରିଟେଲ ହେଡ୍ ଜ୍ୟୋତି ସ୍ୱରୂପ ଏହାର ଉଦଘାଟନ କରିଛନ୍ତି। ଏହି ଅବସରରେ ବିଜନେସ୍ ପାର୍ଟନର ପ୍ରତୀକ ଜେନା, ଆରବିଏମ୍(ଇଷ୍ଟ) କୁଶଳ ଦାସ ଏବଂ ଏବିଏମ୍(ଇଷ୍ଟ) ନିକେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟୋରରେ ଗ୍ରାହକ ୧୫ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବ୍ରାଣ୍ଡର ପ୍ରିମିୟମ୍ ଏବଂ ଲଗଜୁରି ଆଇୱିୟର ପାଇପାରିବେ। ଏହା ସହ ଅତ୍ୟାଧୁନିକ ଆଇ ଟେଷ୍ଟିଂ ଟେକ୍ନୋଲୋଜି, କଣ୍ଟାକ୍ଟ ଲେନ୍ସ, ଭିଜନ୍ କେୟାର ସଲ୍ୟୁଶନ ସହ ବିଶେଷଜ୍ଞଙ୍କ ଦ୍ୱାରା ଷ୍ଟାଇଲିଂ ସୁବିଧା ମଧ୍ୟ ପାଇପାରିବେ। ବ୍ରହ୍ମପୁର ସହ ଆଖପାଖ ଜିଲାର ଗ୍ରାହକ ମଧ୍ୟ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି।

# ହାଇଟେକ୍‌ରେ ନୂତନ ପ୍ରତିରୋପଣ ୟୁନିଟ୍

## ଅତ୍ୟାଧୁନିକ ଏକ୍ସ-ରେ ମେଶିନ ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ହାଇ ଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲ ପକ୍ଷରୁ ନୂତନ ପ୍ରତିରୋପଣ ବିଭାଗର ଶୁଭାରମ୍ଭ କରାଯିବା ସହ ଅତ୍ୟାଧୁନିକ ଏକ୍ସ-ରେ ମେଶିନ ଉଦ୍‌ଘାଟନ କରାଯାଇଛି। ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ପ୍ରତିରୋପଣ ୟୁନିଟ ଓ ଅତ୍ୟାଧୁନିକ ୮୦୦ଏମ୍‌ଏ ଡିଆରଏଫ ଏକ୍ସ-ରେ ମେଶିନକୁ ହାଇ-ଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଲୋକାର୍ପଣ କରିଛନ୍ତି। ହସ୍ପିଟାଲର ଦ୍ୱିତୀୟ ମହଲାରେ ଅତ୍ୟାଧୁନିକ ଟ୍ରାନ୍ସପ୍ଲାଣ୍ଟ ୟୁନିଟ ଏବଂ ଗ୍ରାଉଣ୍ଡ ଫ୍ଲୋରରେ ଅତ୍ୟାଧୁନିକ ଏକ୍ସ-ରେ ମେଶିନ ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ରୋଗୀମାନେ ଉନ୍ନତ ଚିକିତ୍ସା ସୁବିଧା ପାଇବେ। ଅତ୍ୟାଧୁନିକ ପ୍ରତିରୋପଣ ବିଭାଗରେ ବହୁ ଜଟିଳ ରୋଗର ଚିକିତ୍ସା ସହ ମାନବ ଅଙ୍ଗ ପ୍ରତିରୋପଣ କରାଯାଇପାରିବ। ଏହା ସହିତ ଡର୍ମାଟୋଲୋଜି ଏବଂ ଜେନେରାଲ ସର୍ଜରି ବିଭାଗର ସମ୍ପ୍ରସାରିତ କୋଠା ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ଏହି ବ୍ୟବସ୍ଥା ଦ୍ୱାରା ରୋଗୀମାନେ କମ୍ ଖର୍ଚ୍ଚରେ ଉନ୍ନତମାନର ଚିକିତ୍ସା ପାଇପାରିବେ ଏବଂ ଅଙ୍ଗ ପ୍ରତିରୋପଣ ସୁବିଧା ପାଇପାରିବେ ବୋଲି ଡ. ପାଣିଗ୍ରାହୀ କହିଛନ୍ତି। ଉଦଘାଟନ ଉତ୍ସବରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ପ୍ରଫେସର ରବୀନ୍ଦ୍ରନାଥ ବେହେରା,ଡାକ୍ତର ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ତମ ଆଇ-ୱିମେନ ଅଫ୍ ସବଷ୍ଟାନ୍ସ ପୁରସ୍କାର ପ୍ରଦାନ



ଭୁବନେଶ୍ୱର,୩୦।୩(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ଜାତୀୟ ମିଡିଆ କନକ୍ଲେଭ୍ ୨୦୨୬ ଏବଂ ୧୩ତମ 'ଆଇ-ୱିମେନ ଅଫ ସବଷ୍ଟାନ୍ସ' ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨୭ ଜଣ ମହିଳାଙ୍କୁ ଆଇ-ୱିମେନ ଅଫ ସବଷ୍ଟାନ୍ସ ପୁରସ୍କାର ଏବଂ ଓ ୩୧ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନ୍ୟାଶନାଲ ବିଲ୍ଡର୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରମୁଖ ବ୍ୟକ୍ତିତ୍ୱ, ମିଡିଆ ବ୍ୟକ୍ତିତ୍ୱ ଓ ସାମାଜିକ କର୍ମୀ ଏଥିରେ ଯୋଗଦେଇଥିଲେ। ଉଦଘାଟନୀ ଅଧିବେଶନରେ ସାପ୍ତାହିକ ଖବରକାଗଜ 'ଆଜିର ସମ୍ପର୍କ' ଏବଂ କଳିଙ୍ଗ ଗୌରବ ଫାଉଣ୍ଡେଶନ' ଅଫିସିଆଲ ୱେବସାଇଟ ଉଦଘାଟନ କରାଯାଇଥିଲା। କନକ୍ଲେଭରେ ମିଡିଆ ଦାୟିତ୍ୱ, ରାଜନୈତିକ ଦୃଷ୍ଟିଭଙ୍ଗୀ ଓ ଜାତି ଗଠନରେ ମହିଳାଙ୍କ ଭୂମିକା ଭଳି ବିଷୟରେ ପ୍ୟାନେଲ ଆଲୋଚନା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚାପ ପକାଇଥିଲେ ଭାଲଙ୍କା: ଏଆଇଏଫ୍‌ଏଫ୍

**ନୂଆଦିଲ୍ଲୀ,୩୦।୩(ପି.ଟି.)**

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ସୋମବାର ଏହାର କାର୍ଯ୍ୟକାରୀ କମିଟି ସଦସ୍ୟ ଭାଲଙ୍କା ଆଲେମାଓ ଓ ତାଙ୍କ ପରିବାର ବିରୋଧରେ ଶୀର୍ଷ ସ୍ତରୀୟ ଇଣ୍ଡିଆନ ସୁପର ଲିଗ୍‌ରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସିକୁ ସାମିଲ କରିବାକୁ ଚାପ ପକାଉଥିବା ଅଭିଯୋଗ କରାଯାଇଛି। ଭାଲଙ୍କା ହେଉଛନ୍ତି ଗୋଆରେ ଅବସ୍ଥିତ କ୍ଲବ

### ଚର୍ଚ୍ଚିଲ ବ୍ରଦର୍ସକୁ ଆଇଏସ୍‌ଏଲ୍‌ରେ ସାମିଲ କରିବା ପ୍ରସଙ୍ଗ

ଚର୍ଚ୍ଚିଲ ବ୍ରଦର୍ସର ସିଇଓ। ଏହି କ୍ଲବକୁ ଦୀର୍ଘ ଦଶନ୍ଧି ହେଲା ଉଦ୍ୟୋଗୀ ଓ ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଚର୍ଚ୍ଚିଲ ଆଲେମାଓ ପରିଚାଳନା କରୁଛନ୍ତି। ଚର୍ଚ୍ଚିଲ ବ୍ରଦର୍ସ ୨୦୨୪-୨୫ ସିଜନରେ ଦ୍ୱିତୀୟ ସ୍ତରର ଆଇ-ଲିଗ୍ ଟାଇଟଲ ହାସଲ କରିଥିବା ଦାବି କରିଥିଲା। ହେଲେ ପଏଣ୍ଟ ବିବାଦ କାରଣରୁ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ଇଣ୍ଟର କାଶୀକୁ ଚାମ୍ପିୟନ ଘୋଷଣା କରିବା ସହ ଆଇଏସ୍‌ଏଲ୍‌କୁ ଉନ୍ନୀତ ହୋଇଥିଲା।

ଚଳିତବର୍ଷ ଜାନୁଆରୀ ୮ରୁ ଫେବୃଆରୀ ୧୫ ମଧ୍ୟରେ ଆଲେମାଓ ଓ ତାଙ୍କ ପରିବାର ସଦସ୍ୟ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆକୁ ଅସାଧାରଣ ଉପାୟରେ ଆଇଏସ୍‌ଏଲ୍‌ରେ ସାମିଲ କରିବାକୁ ଚାପ ପକାଇଥିଲେ। ହେଲେ ମହାସଂଘର ସମ୍ବିଧାନରେ ଥିବା ନିୟମ ଓ ସମସ୍ତ ଅଂଶୀଦାରଙ୍କ ସହ ହୋଇଥିବା ଚୁକ୍ତି କାରଣରୁ ଫେଡେରେଶନ ସେମାନଙ୍କ ଅନୁରୋଧକୁ ରଖିପାରି ନ ଥିଲା। ଜାନୁଆରୀ ୬ ତାରିଖରେ ସମସ୍ତ ଅଂଶୀଦାରଙ୍କ ଉପସ୍ଥିତିରେ ଆଇଏସ୍‌ଏଲ୍ ସିଜନରେ ୧୪ ଦଳ ଭାଗନେବେ ଓ ୯୧ ମ୍ୟାଚ୍ ଖେଳାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଲିଗ୍ ଡାଞ୍ଚା ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ଠାରୁ ଅନୁମତି ନିଆଯାଇଥିଲା। ଏହାପରେ ଆଲେମାଓ ପରିବାର ସଦସ୍ୟଙ୍କ ଦ୍ୱାରା ଅନେକ ପିଟିଶନ ଦାଖଲ କରାଯାଇଥିଲା। କାର୍ଯ୍ୟକାରୀ କମିଟିର ସଦସ୍ୟ ହେବା ସତ୍ତ୍ୱେ ଆଲେମାଓ ବାରମ୍ବାର ବୈଠକର ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଜରୁରିକାଳୀନ କାର୍ଯ୍ୟକାରୀ କମିଟି ବୈଠକ ଡକାଇଥିଲେ। ଫେବୃଆରୀ ୯ ତାରିଖରେ ଜରୁରିକାଳୀନ ବୈଠକ ବସିଥିଲା। ହେଲେ ଆବଶ୍ୟକ ଥିବା ସଦସ୍ୟ ଯୋଗ ନ ଦେବାରୁ ବୈଠକ ଆଗକୁ ବଢ଼ି ପାରି ନ ଥିଲା। ଏହାପରେ ଆଲେମାଓ ବ୍ୟକ୍ତିଗତ ଭାବେ ସମସ୍ତ ସଦସ୍ୟଙ୍କୁ ଫୋନ କରି ଆଉ ଏକ ଜରୁରିକାଳୀନ ବୈଠକ ଡକାଇଥିଲେ। ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ କମିଟି ଚର୍ଚ୍ଚିଲ ବ୍ରଦର୍ସକୁ ଆଇଏସ୍‌ଏଲ୍‌ରେ ସାମିଲ କରିବାକୁ ଦେଇଥିବା ପ୍ରସ୍ତାବକୁ ଖାରଜ କରିଥିଲା। ଏହାସତ୍ତ୍ୱେ ଫେବୃଆରୀ ୧୪ ତାରିଖରେ ଲିଗ୍ ଆରମ୍ଭ ହେଲା ବେଳେ ମଧ୍ୟ ତୃତୀୟ ଜରୁରିକାଳୀନ ବୈଠକ ଲାଗି ଆଲେମାଓ ଚାପ ପକାଇଥିଲେ। ଏହାସତ୍ତ୍ୱେ ସେମାନଙ୍କ ଲକ୍ଷ୍ୟ ପୂରଣ ନ ହେବାରୁ ସେମାନେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ବିବୃତିରେ କୁହାଯାଇଛି।


କଲ୍ୟାଣ ଚୌବେ


ଭାଲଙ୍କା ଆଲେମାଓ

### ନିର୍ଯାତନା ଅଭିଯୋଗ

ଏଆଇଏଫ୍‌ଏଫ୍ ସୋମବାର ବିବାଦରେ ଘେରି ହୋଇଯାଇଛି। କାର୍ଯ୍ୟକାରୀ ସଦସ୍ୟଙ୍କ ବିରୋଧରେ ଫେଡେରେଶନ ପକ୍ଷରୁ ଅଭିଯୋଗ କରାଯିବା ପରେ ଫେଡେରେଶନ ମୁଖ୍ୟ କଲ୍ୟାଣ ଚୌବେଙ୍କ ବିରୋଧରେ ଓମେନ୍ସ କମିଟି ମୁଖ୍ୟ ଭାଲଙ୍କା ଆଲେମାଓ ପାଲଟା ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ସିଇଓ ଆଲେମାଓ ଏକ ଚିଠି ଜରିଆରେ ଚୌବେ, ଉପ ସଭାପତି ଏନଏ ହାରିସ ଓ ଉପସମ୍ପାଦକ ଏମ୍. ସତ୍ୟନାରାୟଣଙ୍କ ବିରୋଧରେ ବଳ ପ୍ରୟୋଗ କରି ତାଙ୍କ ସ୍ୱରକୁ ଚାପିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ କରିଛନ୍ତି। ହେଲେ ଏଆଇଏଫ୍‌ଏଫ୍ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି।

# ଭାରତୀୟ ଦଳରେ ସ୍ୱସ୍ତିକ, ପ୍ରଶିକ୍ଷକ ଗୌରୀଶଙ୍କର


ସ୍ୱସ୍ତିକ ମହାପ୍ରସାଦ ପତି କୋଚ୍ ଗୌରୀଶଙ୍କରଙ୍କ ସହ।

**ଭୁବନେଶ୍ୱର, ୩୦।୩ (ବିଜୟ ରଣା)**

ଉଜ୍‌ବେକିସ୍ତାନର ସମରକନ୍ଦ ଠାରେ ମଙ୍ଗଳବାରଠାରୁ ଏପ୍ରିଲ ୭ ପର୍ଯ୍ୟନ୍ତ ପଞ୍ଚମ ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ

### ସେଣ୍ଟ୍ରାଲ ଏସିଆ ସିନିୟର ହ୍ୟାଣ୍ଡ୍‌ବଲ

ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଭାରତୀୟ ଦଳରେ ଓଡ଼ିଶାର ସ୍ୱସ୍ତିକ ମହାପ୍ରସାଦ ପତି ସ୍ଥାନ ପାଇଥିବା ବେଳେ ଗୌରୀଶଙ୍କର ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସୂଚନାଯୋଗ୍ୟ ସ୍ୱସ୍ତିକ ଗତବର୍ଷ ସେପ୍ଟେମ୍ବରରେ ଏସିଆନ ଯୁବ ହ୍ୟାଣ୍ଡ୍‌ବଲ ଭାରତୀୟ ଦଳରେ ସ୍ଥାନ ପାଇ ଜୋର୍ଡାନ ଗସ୍ତ କରିଥିଲେ। ସ୍ୱସ୍ତିକ ଓ ପ୍ରଥମ ଅନ୍ତର୍ଜାତୀୟ ଓ ଷ୍ଟାର ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନଙ୍କ ଖେଳରେ ଅନୁପ୍ରାଣିତ ହୋଇ କୋଚ ଗୌରୀ ଶଙ୍କର ମିଶ୍ରଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସ୍ୱସ୍ତିକ ଓ ଗୌରୀଶଙ୍କରଙ୍କୁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ମୁହଁ ଖୋଲିଲା କ୍ରିକେଟ ଅଷ୍ଟ୍ରେଲିଆ

**ମୁମ୍ବାଇ,୩୦।୩**

ଅଷ୍ଟ୍ରେଲିଆନ ଅଲରାଉଣ୍ଡର କାମେରନ ଗ୍ରୀନ ଚଳିତ ଆଇପିଏଲ୍‌ର ପ୍ରାରମ୍ଭିକ କିଛି ମ୍ୟାଚ୍‌ରେ କେବଳ ଜଣେ ବ୍ୟାଟର ଭାବେ ଖେଳିବେ। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ୨୨୧ ରନର ଟାର୍ଗେଟ ଛିଡ଼ା କରିବା ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ୬ ଉଇକେଟରେ ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ନଂ-୩ରେ ବ୍ୟାଟିଂ କରି ୧୦ ବଲରେ ୧୮ ରନ କରିଥିବା ଗ୍ରୀନଙ୍କୁ ଅଧିନାୟକ ଅଜିଙ୍କ୍ୟ ରାହାନେ ବୋଲର ଭାବେ ବ୍ୟବହାର କରି ନ ଥିଲେ। ଏ ସମ୍ପର୍କରେ ରାହାନେଙ୍କୁ ମ୍ୟାଚ୍ ପରେ ପ୍ରଶ୍ନ କରାଯିବା ପରେ ସେ କ୍ରିକେଟ ଅଷ୍ଟ୍ରେଲିଆକୁ ପଚାରିବାକୁ କହିଥିଲେ।

# ପ୍ରୀତି, ଦୀପକଙ୍କ ବିଜୟ ସହ ଅଭିଯାନ

**ଉଲାନବାତାର, ୩୦।୩ (ପି.ଟି.)**

ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ପ୍ରୀତି ପାୱାର ଓ ଦୀପକଙ୍କ ବିଜୟ ସହ ଭାରତ ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ଏହାର ଅଭିଯାନ ସକାରାତ୍ମକ ଭାବେ ଆରମ୍ଭ କରିଛି। ମହିଳା ୫୪କେଜି ଶ୍ରେଣୀରେ ପ୍ରୀତି ସର୍ବସମ୍ମତି ନିଷ୍ପତ୍ତିରେ କାଜାଖସ୍ତାନର ଏଲିନା ବାଜାରୋଭାଙ୍କ ବିପକ୍ଷରେ ୫-୦ରେ ବିଜୟ ଲାଭ କରିଛନ୍ତି। ବାଜାରୋଭା ହେଉଛନ୍ତି ଜଣେ ପୂର୍ବତନ ଏସିଆନ ୨୨ ବର୍ଷରୁ କମ୍ ଚାମ୍ପିୟନ (୨୦୨୫)। ପୁରୁଷ ୭୦ କେଜି ଶ୍ରେଣୀ ବର୍ଗରେ ଦୀପକ ଏକ ବିଭାଜିତ ନିଷ୍ପତ୍ତିରେ ଉଜବେକିସ୍ତାନର ଖୋଭାସବେକ୍ ଆସାଦୁଲ୍ଲାଏଭଙ୍କୁ ୩-୨ରେ ପରାସ୍ତ କରିଛନ୍ତି। ସୂଚନାଯୋଗ୍ୟ, ଦୀପକ ହେଉଛନ୍ତି ଜଣେ ବକ୍ସାମ ଏଲିଟ୍ ଇଣ୍ଟରନ୍ୟାଶନାଲ ୨୦୨୬ ରୌପ୍ୟ ବିଜେତା ଏବଂ ଏସିଆନ ଯୁଥ ବକ୍ସିଂ ଚାମ୍ପିୟନଶିପ୍ ୨୦୨୨ର ଜଣେ ବ୍ରୋଞ୍ଜ ବିଜେତା। ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ୨୦୨୬ରେ ମହାଦେଶର ପ୍ରତିଭାସମ୍ପନ୍ନ ବକ୍ସରମାନେ ଅଂଶଗ୍ରହଣ କରିଛନ୍ତି।

# ଓସିଏ କ୍ଲବ ଲିଗ୍: କ୍ୱାର୍ଟର ଲାଇନ୍‌ଅପ୍ ଚୂଡାନ୍ତ

**କଟକ,୩୦।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଛି। ଏପ୍ରିଲ ପହିଲାରେ ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ବାରବାଟୀ ଷ୍ଟାଡିୟମରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ଜଗତ୍‌ପୁର ଆଥଲେଟିକ ଆସୋସିଏଶନ, ଡ୍ରିମ୍ସ ଗ୍ରାଉଣ୍ଡରେ ଜୁଭେନାଇଲ କ୍ଲବ ଏବଂ ରୟାଲ କ୍ଲବ, ରେଭେନ୍‌ଶା ଗ୍ରାଉଣ୍ଡରେ ବିଶ୍ୱଭାରତୀ ଏବଂ ସନ୍‌ସାଇନ୍ କ୍ଲବ, ସନସାଇନ ଗ୍ରାଉଣ୍ଡରେ ବାରବାଟୀ କଲଚରାଲ ୟୁନିୟନ ଏବଂ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ କ୍ୱାର୍ଟର ମୁକାବିଲା ହେବ। ୨ ତାରିଖରେ ଉଭୟ ସେମିଫାଇନାଲ ଏବଂ ୩ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ସୋମବାର ଶେଷ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଜୟଦୁର୍ଗା କ୍ଲବ ୫ ଉଇକେଟରେ ଜୁଭେନାଇଲକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ୍ ୧୪୩ରନରେ ଅଲଆଉଟ ହୋଇଥିଲା। ଓପନର ସ୍ୱସ୍ତିକ ସାମଲ ସର୍ବାଧିକ ୪୩ରନ କରିଥିଲେ। ସନଭୀର ସିଂ ୩୦ରନ ଏବଂ ବାଦଲ ମଲ୍ଲିକ ୨୭ରନର ଉପଯୋଗୀ ଇନିଂସ ଖେଳିଥିଲେ। ଜୟଦୁର୍ଗା ପକ୍ଷରୁ ବି. ସଚେତ୍ ୩ଟି ଉଇକେଟ ଦଖଲ କରିଥିଲେ। ୩୪.୧ ଓଭରରେ ୫ ଉଇକେଟ ହରାଇ ଜୟଦୁର୍ଗା କ୍ଲବ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ତନ୍ମୟ ବିଶ୍ୱାଳ ସର୍ବାଧିକ ୪୯ରନ କରିଥିଲେ। ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସଚେତ୍ ମ୍ୟାଚ୍ ବିଜୟୀ ୨୫ରନର ଅପରାଜିତ ପାଳି ଖେଳିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ସଚେତ୍‌ଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ୍ ବି. ସଚେତ୍‌ଙ୍କୁ ପୁରସ୍କୃତ କରାଯାଉଛି।

# କ୍ୱାର୍ଟରରେ ଓସ୍କାର, ପାରାମାଉଣ୍ଟ ସ୍ପୋର୍ଟିଂ

**ଭୁବନେଶ୍ୱର,୩୦।୩(ଅନାଦି କର)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇଟେକ୍ ମେଡିକାଲ କଲେଜ ଖେଳପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ସୋମବାର ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଓସ୍କାର ଓ ପାରାମାଉଣ୍ଟ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ୮୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମହେଶ ପଣ୍ଡା ସର୍ବାଧିକ ୨୦ ରନ କରିଥିବା ବେଳେ ୭ ବ୍ୟାଟର ଖାତା ଖୋଲି ପାରି ନ ଥିଲେ। ଓସ୍କାର ପକ୍ଷରୁ ଆର୍ଯ୍ୟବୀର ଲେଙ୍କା ଓ ସୋୟମ ଦାଶ ୩ ଲେଖାଏ ଏବଂ ଲୋକେଶ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ଲୋକେଶ କୁମାରଙ୍କ ୪୦ ରନର ପାଳି ବଳରେ ଓସ୍କାର ଦଳ ୧୮.୩ ଓଭରରେ ୩ ଉଇକେଟ ହରାଇ ୯୦ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଲୋକେଶ କୁମାରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଶେଖର ସ୍ପୋର୍ଟିଂ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳ ପାଇଁ ଆୟାନ ନାୟକ ୬୨ ରନ କରିଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୩୬ ରନ କରି ନେଇଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସମଲ ୬୦ ଓ ସ୍ୱାଗତ ମିଶ୍ର ୪୦ ରନ କରିଥିଲେ। ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା କ୍ରିଷ୍ଣା ସାସମଲଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।


୧୮ତମ ଜନ୍ମ ବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
**ପ୍ରଜ୍ଞାଶ୍ରୀ ବେହେରା**
ମା' ବାପାଙ୍କ ସମେତ ତନ୍ମୟ, ସାଇକ୍ରିଷ୍ଟା, ରାଜା ଓ ବେହେରା ପରିବାର ବର୍ଗଙ୍କ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତୋର ଚଲାପଥ କୁସୁମିତ ହେଉ।
ଧ-୩୭୯୩

# ପିଏସ୍‌ଏଲ୍‌ରେ ବଲ ଟାମ୍ପରିଂ: ଜମାନ, ଆଫ୍ରିଦି, ରଜାଙ୍କ ଅସ୍ୱୀକାର

**ଲାହୋର,୩୦।୩(ପି.ଟି.)**

ପାକିସ୍ତାନର ଭେଟେରାନ ବ୍ୟାଟର ଫଖର ଜମାନ, ପେସର ଶାହିନ ଶାହ ଆଫ୍ରିଦି ଓ ଜିମ୍ବାୱେର ସିକନ୍ଦର ରଜା ସ୍ଥାନୀୟ ଗଦ୍ଦାଫି ଷ୍ଟାଡିୟମରେ ଲାହୋର କଲନ୍ଦର୍ସ ଓ କରାଚୀ କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ମ୍ୟାଚ୍‌ରେ ବଲ ଟାମ୍ପରିଂ ନେଇ ଆସିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ୩୫ ବର୍ଷୀୟ ଜମାନ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପିଏସ୍‌ଏଲ୍‌ର ପ୍ଲେଇଂ କଣ୍ଡିଶନର ଧାରା ୪୧.୩ ଉଲ୍ଲଂଘନ କରିଥିଲେ, ଯାହାକି ଖେଳାଳିଙ୍କୁ ବଲର କଣ୍ଡିଶନରେ ପରିବର୍ତ୍ତନ କରିବାରୁ ବାରଣ କରେ। ତେବେ ମ୍ୟାଚ୍ ରେଫରି ରୋଶନ ମହାନାମାଙ୍କ ସମ୍ମୁଖରେ ଜମାନ ବଲ ଟାମ୍ପରିଂ ଅଭିଯୋଗକୁ ଅସ୍ୱୀକାର କରିଥିଲେ।

ବ୍ୟାଟିଂ କରୁଥିବା କରାଚୀ କିଙ୍ଗ୍ସକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୪ ରନ ଦରକାର ଥିଲା। ଓଭର ଆରମ୍ଭ ହେବା ପୂର୍ବରୁ ଜମାନ ବୋଲର ହାରିସ ରୌଫ ଓ ଅଧିନାୟକ ଆଫ୍ରିଦିଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ ସେମାନଙ୍କଠାରୁ ଅମ୍ପାୟର ଫଇଜଲ ଆଫ୍ରିଦି ବଲ ମାଗିଥିଲେ। ଅନ୍ୟ ଫିଲ୍ଡ ଅମ୍ପାୟରଙ୍କ ସହ ବଲ ଯାଞ୍ଚ କରିବା ପରେ ବଲର କଣ୍ଡିଶନରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଥିଲା। ଏ ଘଟଣା ସମ୍ପର୍କରେ ମ୍ୟାଚ୍ ରେଫରି ଆଗାମୀ ୪୮ ଘଣ୍ଟା ମଧ୍ୟରେ ପୁଣି ଥରେ ଶୁଣାଣି କରିବେ ବୋଲି ଆଶା କରାଯାଉଛି। ଯଦି ମ୍ୟାଚ୍ ରେଫରି ନିଶ୍ଚିତ ଯେ, ବଲ ସହ ଟାମ୍ପରିଂ ହୋଇଛି, ତେବେ ଜମାନ ଓ ଲାହୋର କଲନ୍ଦର୍ସ ଦଳକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବ।

ବଲର କଣ୍ଡିଶନରେ ପରିବର୍ତ୍ତନ କରିବା ଲାଗି ଅମ୍ପାୟରମାନେ କଲନ୍ଦର୍ସ ଦଳକୁ ୫ ରନର ପେନାଲ୍ଟି ଦେଇଥିଲେ ଏବଂ ବଲ ବଦଳାଇଥିଲେ।

# ସାବାଲେଙ୍କାଙ୍କ ପରେ ସିନରଙ୍କୁ 'ସନ୍‌ସାଇନ୍ ଡବଲ'

**ମାୟାମି ଗାର୍ଡେନ୍ସ, ୩୦।୩ (ଏପି)**

ଜିରି ଲେହେକାଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରି ଜାନିକ ସିନର ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫଳତଃ ସିନର ଏଥର 'ସନସାଇନ୍ ଡବଲ୍' ସଫଳତା ହାସଲ କରିଛନ୍ତି। ଦିନକ ପୂର୍ବରୁ ଆରିନା ସାବାଲେଙ୍କା ମହିଳା ସିଙ୍ଗଲ୍ସ ଫାଇନାଲରେ କୋକୋ ଗଫ୍‌ଙ୍କୁ ପରାସ୍ତ କରିବା ପରେ ଏହି ସଫଳତା ହାସଲ କରିଥିଲେ। ଏହା ପୂର୍ବରୁ ଗୋଟିଏ ସିଜନରେ ଜଣେ ପୁରୁଷ ଖେଳାଳି ହିସାବରେ ପ୍ରଥମେ ଇଣ୍ଡିଆନ ୱେଲ୍ସ ଏବଂ ପରେ ମାୟାମିରେ ଟାଇଟଲ ଜିତି ଥିବା ଖେଳାଳି ହେଲେ ୨୦୧୭ରେ ରୋଜର ଫେଡରର। ସିନର କିନ୍ତୁ ପ୍ରଥମ ଖେଳାଳି ଭାବେ ଉଭୟ ଟୁର୍ନାମେଣ୍ଟରେ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ୨୦୧୬ରେ ଦୁଇ ପୁରୁଷ ଓ ମହିଳା ଖେଳାଳି ନୋଭାକ ଜୋକୋଭିଚ୍ ଓ ଭିକ୍ଟୋରିଆ ଆଜାରେଙ୍କା 'ସନ୍ ସାଇନ୍' ଡବଲ ସଫଳତା ହାସଲ କରିଥିଲେ। ୩ବର୍ଷ ମଧ୍ୟରେ ସିନରଙ୍କର ଏହା ହେଉଛି ଦ୍ୱିତୀୟ ମାୟାମି ଓପନ ଟାଇଟଲ। ୨୦୨୪ପରଠାରୁ ହାର୍ଡ ରକ୍ ଷ୍ଟାଡିୟମରେ ତାଙ୍କର ବିଜୟ ଧାରା ୧୨ରେ ପହଞ୍ଚିଛି। ଗତବର୍ଷ ନିଷିଦ୍ଧ ପଦାର୍ଥ ପାଇଁ ଟେଷ୍ଟରେ ପଜିଟିଭ ଆସିବାରୁ ସସ୍‌ପେଣ୍ଡ ହୋଇଥିବାରୁ ଟୁର୍ନାମେଣ୍ଟରେ ଖେଳି ପାରି ନ ଥିଲେ। ୨୪ବର୍ଷୀୟ ଲେହେକାଙ୍କର ଏହାଥିଲା ପ୍ରଥମ ଏଟିପି ୧୦୦୦ ଫାଇନାଲ। ଟୁର୍ନାମେଣ୍ଟରେ ସେ ଜଣେ ବଡ଼ ଅଣ୍ଡରଡଗ୍ ଖେଳାଳି ଥିଲେ। ଏହା ପୂର୍ବରୁ ସିନରଙ୍କ ବିପକ୍ଷରେ ଖେଳିଥିବା ତାଙ୍କର ସମସ୍ତ ୩ଟି ମ୍ୟାଚରେ ପରାଜିତ ହୋଇଥିଲେ। ତୃତୀୟ ରାଉଣ୍ଡରେ ସେବାଷ୍ଟିଆନ କୋର୍ଡା ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ କାର୍ଲୋସ ଅଲ୍‌କାରାଜଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଡାହାଣ କାନ୍ଧରେ ସମସ୍ୟା ଯୋଗୁ ନୋଭାକ୍ ଜୋକୋଭିଚ୍ ଇଭେଣ୍ଟରୁ ଓହରି ଯାଇଥିଲେ।


ଟ୍ରଫି ସହ ଜାନିକ ସିନର।

**Classified Everyday**
0674-2580101, 9692975378


REAL ESTATE
**SALE**

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

**DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-249

**LOST**

କ୍ରୟ କବଲା ହଜିଥିବା ସମ୍ବନ୍ଧେ- ମୁଁ ସୁରେନ୍ଦ୍ର କୁମାର ଦୋରା, ପିତା ପଦ୍ମନାଭ ଦୋରା, ଗ୍ରାମ/ପୋଷ୍ଟ- ଉକ୍ସେଲା, ଥାନା- କେସିଙ୍ଗା, ଜିଲା- କଳାହାଣ୍ଡିର ସ୍ଥାୟୀ ବାସିନ୍ଦା ଅଟେ। ମୋର ଜମି କ୍ରୟ କବଲା Deed ସଂଖ୍ୟା- ୪୫/୧୯୯୯ ଗତ ତା୧।୩।୨୦୨୬ରିଖ ଦିନ କେଉଁଠି ହଜିଯାଇଛି। ଏଥିପାଇଁ କେସିଙ୍ଗା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା Affidavit କରାଯାଇଛି, ଯାହାର ସଂଖ୍ୟା 671/7.1.26 ଓପି ଏସ୍‌ଡିଇ ନଂ. ୦୩/୧୭।୩।୨୦୨୬। ଉକ୍ସେଲା ଫାଣ୍ଡିରେ ସୂଚିତ କରାଯାଇଛି। ଯେକୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ନିମ୍ନ ଠିକଣାରେ ଦେବାପାଇଁ ବିନମ୍ର ଅନୁରୋଧ।
ସୁରେନ୍ଦ୍ର କୁମାର ଦୋରା
ଉକ୍ସେଲା, କେସିଙ୍ଗା
ଧ-୩୩୯୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Sarita Rungta, W/o- Subhash Chandra Rungta, R/o. Near Samada U.P. School, Belpahar, Jharsuguda, Odisha, PIN- 768217, declare by this affidavit No.-02, Date- 25.3.26 that now onwards I shall be known as Sarita Devi Rungta for all future purposes. D-3790

I, Subash Chandra Rungta, S/o- Ratan Lal Rungta, R/o. Near Samada U.P. School, Belpahar, Jharsuguda, Odisha, PIN- 768217, declare by this affidavit No.-01, Date- 25/3/26 that now onwards I shall be known as Subhash Chandra Rungta for all future purposes. D-3791

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ସୌନ୍ଦର୍ଯ୍ୟ

# ଏମିତି ଲଗାନ୍ତୁ ଲିପ୍‌ଷ୍ଟିକ୍

**ଅଧିକ ସୁନ୍ଦର ଦେଖାଯିବା ପାଇଁ ସାଧାରଣତଃ ମହିଳାମାନେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ହେଲେ ଠିକ୍ ଢଙ୍ଗରେ ନ ଲଗାଇଲେ ତାହା ଶୀଘ୍ର ଛାଡ଼ିଯିବା ସହ ଖରାପ ବି ଦେଖାଯାଇଥାଏ।**



➔ ଋତୁ ଅନୁସାରେ ଓଠରେ ପ୍ରଥମେ କୌଣସି ଲିପ୍‌ବାମ୍ କିମ୍ବା ମଶ୍ଚରାଇଜର ଲଗାଇବା ପରେ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଫଳରେ ଲିପ୍‌ଷ୍ଟିକ୍ ସୁନ୍ଦର ଦେଖାଯିବ।

➔ପିଏଚ୍ ବାଲାନ୍ସ ଫର୍ମୁଲା ଦେଖି ଲିପ୍‌ଷ୍ଟିକ୍ ଆଣନ୍ତୁ। ଓଠର ପିଏଚ୍ ୪.୫ ରୁ ୭ ମଧ୍ୟରେ ରହିବା ଦରକାର। ଏହି ଆଧାରରେ ଲିପ୍‌ଷ୍ଟିକ୍ ଲଗାଇଲେ ତାହା ଅଧିକ ସୁନ୍ଦର ଦେଖାଯାଏ। ପିଏଚ୍ କମ୍ ହେଲେ ଲିପ୍‌ଷ୍ଟିକ୍ ଅଧିକ ପିଙ୍କ୍ କିମ୍ବା ୱାର୍ମ କଲର ଦେଖାଯାଏ। ଠିକ୍ ସେମିତି ଅଧିକ ପିଏଚ୍ ବାଲାନ୍ସ ଥିଲେ ଲିପ୍‌ଷ୍ଟିକ୍‌ର ରଙ୍ଗ ଟିକେ ହଳଦିଆ ଦେଖାଯାଏ।

➔ଯଦି ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ଲଗାଉଥାନ୍ତି ତେବେ ପ୍ରଥମେ ଉପର ଓଠରେ ଇଂରାଜୀ ଅକ୍ଷର ଏକ୍ସ ଭଳି କରନ୍ତୁ। ଏହାପରେ ଏହି ଅକ୍ଷର ଶେଷର ଗାରଠାରୁ ଓଠର ଶେଷ ଯାଏଁ ଲଗାନ୍ତୁ। ଏହାପରେ ଅନ୍ୟ ଅଂଶରେ ଲଗାନ୍ତୁ। କିନ୍ତୁ ଓଠର ତଳଭାଗରେ ଗୋଟିଏ ପ୍ରକାର ଢଙ୍ଗରେ ଏପଟରୁ ସେପଟ କରି ଲଗାନ୍ତୁ।

➔ ଲିପ୍‌ଷ୍ଟିକ୍‌ରେ ପାଉଡର ସାଣ୍ଡୱିଚ୍ ଟେକ୍‌ନିକ୍ ବ୍ୟବହାର କରନ୍ତୁ। ଅର୍ଥାତ୍ ଲିପ୍‌ଷ୍ଟିକ୍ ଲଗାଇବା ପରେ ସିଙ୍ଗଲ ଲେୟର ଟିସୁ ନେଇ ଓଠ ଉପରେ ଦବାନ୍ତୁ। ଏହା ଉପରେ ଟ୍ରାନ୍ସଲ୍ୟୁସେଣ୍ଟ ପାଉଡର ପକାନ୍ତୁ। ଏହା ପରେ ଟିସୁ କାଢ଼ି ପୁଣି ଥରେ ଲିପ୍‌ଷ୍ଟିକ୍ ଲଗାନ୍ତୁ।

➔ ଲିପ୍‌ଷ୍ଟିକ୍ ଅଧିକ ସମୟ ଓଠରେ ରହିବା ପାଇଁ ଚାହୁଁଥିଲେ ପ୍ରଥମେ ଏକ ହାଲ୍‌କା କୋଟ୍ ଲଗାନ୍ତୁ। ଏହାପରେ ଟିସୁ ବ୍ଲଟ୍ କରନ୍ତୁ। ଏହାପରେ ପୁଣିଥରେ ଗାଢ଼ା କରି ଲିପ୍‌ଷ୍ଟିକ୍ ଲଗାଇ ପୁଣି ଥରେ ଟିସୁ ବ୍ଲଟ୍ କରନ୍ତୁ। ଏପରି କଲେ ଓଠରେ ଅଧିକ ସମୟ ପର୍ଯ୍ୟନ୍ତ ଲିପ୍‌ଷ୍ଟିକ୍ ରହିପାରିବ। ଯଦି ଫିକା ଲାଗେ ତା'ହେଲେ ପୁଣି ଟଚ୍ ଅପ୍ ନିଅନ୍ତୁ।

➔ ଲିପ୍‌ଷ୍ଟିକ୍ ଛଡ଼ାଇବାବେଳେ ନଡ଼ିଆତେଲ କିମ୍ବା ଅଲିଭ୍ ଅଏଲ ବ୍ୟବହାର କରନ୍ତୁ। କ୍ଲିଞ୍ଜର ଲଗାଇ ମଧ୍ୟ ସଫା କରିପାରିବେ।



ଖାଦ୍ୟରୁଚି

# ତନ୍ଦୁରୀ ଆଳୁ



**ଆ**ବଶ୍ୟକ ସାମଗ୍ରୀ: ଆଳୁ ୧୦-୧୨ଟି, ପନିର ୧ କପ୍ (କୋରା ହୋଇଥିବା), ପିଆଜ ୧ଟି, କଞ୍ଚାଲଙ୍କା୨ଟି, ଅଦା ରସୁଣ ପେଷ୍ଟ ୧ ଚାମଚ, ଗରମ ମସଲା ଅଧା ଚାମଚ, ଆମଚୁର ପାଉଡର ଅଧା ଚାମଚ, ଦହି ଅଧା କପ୍, ବେସନ ୨ କପ୍, ଲଙ୍କାଗୁଣ୍ଡ ୧ ଚାମଚ, ହଳଦୀ ଗୁଣ୍ଡ ଅଧା ଚାମଚ, ଧନିଆ ଗୁଣ୍ଡ ୧ ଚାମଚ, ଜୀରାଗୁଣ୍ଡ ଅଧା ଚାମଚ, ଗରମ ମସଲା ଅଧା ଚାମଚ, ଚାଟ୍ ମସଲା ଅଧା ଚାମଚ, କସ୍ତୁରୀ ମେଥି ୧ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ସୋରିଷ ତେଲ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ଅଳ୍ପ ଟାଣକରି ୮୦ ପ୍ରତିଶତ ସିଝାନ୍ତୁ। ଥଣ୍ଡା ହୋଇଯିବା ପରେ ଆଳୁର ଚୋପା ଛଡ଼ାଇ ଦିଅନ୍ତୁ। ଏହାର ମଝିରୁ ଅଳ୍ପ କାଟି ପୁର ଦେବା ଭଳି କରନ୍ତୁ। ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଅନ୍ୟ ଏକ ପାତ୍ରରେ ପନିର, କଟାହୋଇ ବାହାର କରାଯାଇଥିବା ଆଳୁର ଅଂଶ, କଟା ପିଆଜ, କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, ଗରମ ମସଲା ଓ ଲୁଣ ପକାଇ ଭଲଭାବରେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଆଳୁ ମଝିରେ ପୁର ଦେବା ଭଳି ପୂରାଇ ସବୁ ଆଳୁକୁ ସଜାଡ଼ିଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଦହି, ବେସନ, ଅଦା ରସୁଣ ପେଷ୍ଟ ସହ ଲଙ୍କାଗୁଣ୍ଡ, ହଳଦୀ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ଗରମ ମସଲା ଗୁଣ୍ଡ, ଚାଟ ମସଲା, କସ୍ତୁରୀ ମେଥି ସୋରିଷତେଲ ଓ ଲୁଣ ପକାଇ ଭଲଭାବରେ ମିଶାନ୍ତୁ। ଏବେ ଆଳୁଗୁଡ଼ିକୁ ଦହିର ଏହି ମିଶ୍ରଣରେ ପକାଇ ଭଲଭାବେ ଗୋଳାଇ ଫ୍ରିଜ୍‌ରେ ଅଧ ଘଣ୍ଟା ପର୍ଯ୍ୟନ୍ତ ରଖି ଦିଅନ୍ତୁ। ଫଳରେ ମସଲା ଆଳୁ ଭିତରକୁ ଭଲଭାବେ ଯାଇପାରିବ। ଏହାପରେ କଡ଼େଇରେ ତେଲ ଗରମ କରନ୍ତୁ। ଫ୍ରିଜ୍‌ରୁ ଆଳୁକୁ ବାହାରକରି ତେଲରେ ଭାଜି ନିଅନ୍ତୁ। ସାବଧାନତାର ସହ ଆଳୁକୁ ଏପଟ ସେପଟ କରି ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଭାଜି ହୋଇଯିବା ପରେ ଆଳୁ ଉପରେ ଅଳ୍ପ ଚାଟ ମସଲା ପକାନ୍ତୁ। କଟା ପିଆଜ ଓ କୌଣସି ଚଟଣି ସହ ଏହାକୁ ଗରମ ଗରମ ଖାଆନ୍ତୁ।

# ସ୍ଲିପ୍ ଡିଭୋର୍ସ

**ଆଜିର ଲାଇଫ୍‌ଷ୍ଟାଇଲ୍ ପ୍ରଭାବରେ ଏବେ ଲୋକପ୍ରିୟ ହେବାରେ ଲାଗିଛି ସ୍ଲିପ୍ ଡିଭୋର୍ସ। ସମ୍ପର୍କ ସଜାଡ଼ି ଆଗକୁ ବଢ଼ିବାରେ ସାହାଯ୍ୟ କରୁଛି ଏହି ଟ୍ରେଣ୍ଡ। ତେଣୁ ସକାରାତ୍ମକ ଢଙ୍ଗରେ ଏହାକୁ ଆପଣେଇ ନେବାକୁ ପସନ୍ଦ କରୁଛନ୍ତି ଆଜିର ଆଧୁନିକ ଦମ୍ପତି...**



**ସ୍ଲି**ପ୍ ଡିଭୋର୍ସର ପ୍ରକୃତ ଅର୍ଥ ହେଉଛି ଭଲ ନିଦ ପାଇଁ ପତ୍ନୀପତି ଉଭୟ ଜାଣି ଜାଣି ପରସ୍ପର ବୁଝାମଣା ଭିତରେ ଅଲଗା ଅଲଗା ରୁମ୍‌ରେ ଶୋଇଥାନ୍ତି। ଅର୍ଥାତ୍ ରହିବା ଏକାଠି କିନ୍ତୁ ସପ୍ତାହରେ କିଛି ଦିନ ପାଇଁ ଶୋଇବା ଅଲଗା। ଏପରି ଅଲଗା ହୋଇ ଶୋଇବା ଫଳରେ ବୁଝାମଣା ରଖି ସମ୍ପର୍କ ସଜାଡ଼ିବାକୁ ସୁଯୋଗ ମିଳେ। ଏହା ସହ ଆବଶ୍ୟକ ସମୟ ବିଶ୍ରାମ ମିଳିପାରୁ ଥିବାରୁ ସ୍ୱାସ୍ଥ୍ୟ ବି ଭଲ ରହେ। ତେବେ ଏହି ପ୍ରକାର ଏକ ଟ୍ରେଣ୍ଡକୁ ଅଧିକ ଆପଣାଇବା ପଛରେ ଭିନ୍ନ ଭିନ୍ନ କାରଣ ରହିଛି।

**କାମର ଚାପ:** ତେବେ ଏଭଳି ଟ୍ରେଣ୍ଡ ଲୋକପ୍ରିୟ ହେବାର ଏକ ପ୍ରମୁଖ କାରଣ ହେଉଛି କାର୍ଯ୍ୟର ଚାପ। ଏବେ ଅଧିକାଂଶ ମହିଳା କର୍ମଜୀବୀ ପାଲଟିଛନ୍ତି। ତେଣୁ ପୁରୁଷଙ୍କ ଭଳି ସେମାନଙ୍କୁ ମଧ୍ୟ ବିଭିନ୍ନ ଶିଫ୍ଟରେ କାମ କରିବାକୁ ହେଉଛି। ଏଥିପାଇଁ ଉଭୟ ପତ୍ନୀପତିଙ୍କର ଘରକୁ ଫେରିବା ସମୟ ସମାନ ରହୁନାହିଁ କି ଶୋଇବା ସମୟ ମଧ୍ୟ ସମାନ ରହୁନାହିଁ। ତା' ସହ ଘରର ବିଭିନ୍ନ ଦାୟିତ୍ୱ ନେବାକୁ ବି ପଡୁଛି। ତେଣୁ ଜଣେ ଅନ୍ୟକୁ ଅପେକ୍ଷାକରି ସମୟ ନଷ୍ଟ କରିବାକୁ ପସନ୍ଦ କରୁନାହାନ୍ତି। ବରଂ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ନିଜ କ୍ୟାରିୟରରେ ସଫଳ ହେବାକୁ ଲକ୍ଷ୍ୟ ରଖୁଛନ୍ତି। ଫଳରେ ଉଭୟ ନିଜ ନିଜ ପାଇଁ ଖାଇବା, ଶୋଇବା ଆଦିର ଭିନ୍ନ ସମୟ ତାଲିକା ତିଆରି କରି ନେଉଛନ୍ତି। ଏହି ଅନୁସାରେ ଉଭୟଙ୍କର ସବୁ ଅଭ୍ୟାସ ବି ବଦଳିଯାଉଛି। ଏମିତିକି ବେଡ୍‌ରୁମ୍‌କୁ ଆସିବା ପରେ କିଏ ଫୋନ୍, ଟିଭି କିମ୍ବା ମୋବାଇଲରେ ବିଭିନ୍ନ ପ୍ରକାର କାମ କରୁଛନ୍ତି। ଏମିତି ଅନେକ କାରଣ ପାଇଁ ସ୍ଲିପ୍ ଡିଭୋର୍ସର ଟ୍ରେଣ୍ଡକୁ ଆପଣାଇବାକୁ ପସନ୍ଦ କରୁଛନ୍ତି ପତ୍ନୀପତି।



**ଭିନ୍ନ ଲାଇଫ୍‌ଷ୍ଟାଇଲ:** ସ୍ଲିପ୍ ଡିଭୋର୍ସର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଉଭୟଙ୍କ ଲାଇଫଷ୍ଟାଇଲ୍ ଓ ଅଭ୍ୟାସ। ଉଭୟଙ୍କ ମଧ୍ୟରୁ ଯଦି କେହି ଶୋଇବା ସମୟରେ ଘୁଙ୍ଗୁଡ଼ି ମାରୁଥିବେ କିମ୍ବା କାହାକୁ ଏସି ଲଗାଇ ଶୋଇବା ପସନ୍ଦ ନ ଥିବ ତେବେ ପରସ୍ପର କଥା ଚିନ୍ତା କରି ଆଡ୍‌ଜଷ୍ଟ କରିବା ବଦଳରେ ଅଲଗା ହୋଇ ଶୋଇବା ଭଲ ବୋଲି ଭାବୁଛନ୍ତି। ଫଳରେ ରାତିର ନିଦ ଖରାପ ହେବ ନାହିଁ। ତେଣୁ ଦିନ ସାରା ପୁଣି ଥରେ ନୂତନ ଉର୍ଜାର ସହିତ କାମ କରିହେବ। ବିଶେଷକରି ଆଜିର କର୍ମଜୀବୀମାନଙ୍କ ପାଇଁ ଏହି ସ୍ଲିପ୍ ଡିଭୋର୍ସର ଆବଶ୍ୟକତା ବହୁ ଅଧିକ ରହିଛି। ତେଣୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ଆମ ଦେଶରେ ମଧ୍ୟ ଏଭଳି ଏକ ଟ୍ରେଣ୍ଡକୁ ଆପଣାଇବାରେ ଲାଗିଛନ୍ତି।

**ସୁସ୍ଥତା:** ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନିଦ କମ୍ ହେଲେ କିମ୍ବା ଭଲ ନିଦ ନ ହେଲେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ନିଦ କମ୍ ହେଲେ ମୁଡ୍ ଖରାପ ହୁଏ, ଚିଡ଼ଚିଡ଼ା ଲାଗେ, କାମ କରିବାର ଉତ୍ସାହ ସୃଷ୍ଟି ହୁଏନାହିଁ। ତେଣୁ ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ସ୍ଲିପ୍ ଡିଭୋର୍ସ ଦ୍ୱାରା ଉଭୟ ସ୍ୱାସ୍ଥ୍ୟ ଓ କ୍ୟାରିୟରରେ ସଫଳତା ମିଳିପାରୁଛି।

**ସଚେତନତା ବି ଜରୁରୀ:** ସ୍ଲିପ୍ ଡିଭୋର୍ସକୁ ଆପଣାଇ ଅନେକ ଦିନ ଧରି ଅଲଗା ଶୋଇବା ଫଳରେ ବେଳେବେଳେ କେତେକେ ଏକୁଟିଆପଣର ଶିକାର ହୋଇଥାନ୍ତି। ପ୍ରତ୍ୟେକ କଥାକୁ ନେଇ ଯଦି ଭଲଭାବରେ ପରସ୍ପର ସହ କଥାବାର୍ତ୍ତା ହୋଇ ବୁଝାମଣା କରି ନ ଥିବେ ତେବେ ହୁଏତ ଭାବନାତ୍ମକଭାବେ ଦୂରତା ସୃଷ୍ଟିହୋଇପାରେ। ତେଣୁ ସମ୍ପର୍କ ମଜଭୁତ ରଖିବା ନିମନ୍ତେ ପରସ୍ପରକୁ ବ୍ୟକ୍ତିଗତ ସମୟ ଦେବା ନିହାତି ଜରୁରୀ। ତେଣୁ ଅନ୍ତରଙ୍ଗତା ବଢ଼ାଇବା ନିମନ୍ତେ ଉଭୟ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ବୁଝାମଣା ରଖିବାକୁ ହେବ।

- ଖୋଲାଖୋଲି ଆଲୋଚନା କରନ୍ତୁ।
- ସବୁକାମ ପାଇଁ ରୁଟିନ୍ ତିଆରିକରି ପରସ୍ପର ନିମନ୍ତେ ସମୟ ବାହାର କରନ୍ତୁ।
- ଅଧିକ ଦିନ ସ୍ଲିପ୍ ଡିଭୋର୍ସ ଟ୍ରେଣ୍ଡରେ ରୁହନ୍ତୁ ନାହିଁ। ନିୟମିତ ଏକ ଗ୍ୟାପ୍‌ରେ ପରସ୍ପର ଏକାଠି ହୁଅନ୍ତୁ।
- ଶୋଇବା ସମୟରେ ପରସ୍ପର ମଧ୍ୟରେ କିଛି କଥାବାର୍ତ୍ତା ଓ ଆଲୋଚନା କରିବାର ସୁଯୋଗ ମିଳେ। ଫଳରେ ସମ୍ପର୍କ ନିବିଡ଼ ହୁଏ। ତେଣୁ ପରସ୍ପର ସହ ସମୟ ଓ ପରିବେଶ ନେଇ ଯଥାସମ୍ଭବ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ।
- ସାଥୀଙ୍କ ମଧ୍ୟରୁ କାହାର ଯଦି ଘୁଙ୍ଗୁଡ଼ି ମାରିବାର ସମସ୍ୟା ଥାଏ ତା'ହେଲେ ଚିକିତ୍ସା କରାନ୍ତୁ।



## ଏମାନେ କ'ଣ କରନ୍ତି

### ଦରକାର ପଡ଼ିନି



ଆଧୁନିକ ଲାଇଫଷ୍ଟାଇଲ୍‌ରେ ହୁଏତ ଏହାକୁ କେତେକେ ଗ୍ରହଣକରି ନେଇଛନ୍ତି। କିନ୍ତୁ ମତେ ଏହି ଟ୍ରେଣ୍ଡ ଆଦୌ ପସନ୍ଦ ନୁହେଁ। ଅବଶ୍ୟ ଆମ ଦୁଇଜଣଙ୍କର ସେମ୍ ପ୍ରଫେସନ ଥିବାରୁ ଆମକୁ ସ୍ଲିପ୍ ଡିଭୋର୍ସ ଆପଣେଇବାକୁ ପଡ଼ିନାହିଁ। ଆମେ ଉଭୟ ଶୋଇବା ପୂର୍ବରୁ କିଛି ସମୟ ପରସ୍ପର କଥାବାର୍ତ୍ତା ହେଉ। ଦିନ ସାରାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁ। ତେଣୁ ମୋ ମତରେ ଏକାଠି ଗୋଟିଏ ରୁମ୍‌ରେ ଶୋଇବା ନିହାତି ଜରୁରୀ। କାରଣ ଯଦି ବି କଥାବାର୍ତ୍ତା ପାଇଁ ସୁଯୋଗ ନ ମିଳେ ତା'ହେଲେ ପାଖରେ ଥିବାର ଏକ ଅନୁଭବ ବି ଆତ୍ମସନ୍ତୋଷ ଦେଇଥାଏ। ତେଣୁ ସେମିତି ନିହାତି ଆବଶ୍ୟକ ନ ହେଲେ କେହି ବି ଏଭଳି ଟ୍ରେଣ୍ଡକୁ ଗ୍ରହଣକରିବା କଥା ନୁହେଁ। ଆଉ ଯଦି କାହାର ଅଲଗା ସିଫ୍ଟରେ ଅଫିସ୍ ଯିବାକୁ ପଡୁଛି ଓ ଭଲ ନିଦ ନିହାତି ଦରକାର ସେମାନେ ହୁଏତ ଅଲଗା ଶୁଅନ୍ତୁ, କିନ୍ତୁ ସବୁବେଳେ ଏପରି କରିବା ଠିକ୍ ନୁହେଁ।

*– **ଡ. ଝାନ୍‌ସୀ ମିଶ୍ର,** ଅଧ୍ୟାପିକା, ପୂର୍ବାଞ୍ଚଳ ୟୁନିଭର୍ସିଟି, ଉତ୍ତରପ୍ରଦେଶ*

### ଗ୍ରହଣ କରିପାରିବି ନାହିଁ



ଆମ ଓଡ଼ିଆ ସଂସ୍କୃତିରେ ଏଭଳି ଏକ ଚଳଣିକୁ ଗ୍ରହଣ କରିବାକୁ ଠିକ୍ ମନେ କରାଯାଏନାହିଁ। ହେଲେ ଚାକିରି ଓ ଘରକାମର ଚାପ ଯୋଗୁ ମୁଁ ଅନେକ ଥର ଆଗୁଆ ଶୋଇପଡ଼େ। କିନ୍ତୁ ଅଲଗା ରୁମ୍‌କୁ ଯାଏନାହିଁ। ଆଉ ଯେବେ ସମୟ ଥାଏ ଆମେ ପରସ୍ପରକୁ ଅପେକ୍ଷା କରୁ ଓ ଶୋଇବା ସମୟରେ ବିଭିନ୍ନ ବିଷୟରେ କଥାବାର୍ତ୍ତା ହେଉ। ଅଲଗା ରୁମ୍‌କୁ ଗଲେ ବିଭିନ୍ନ ପ୍ରକାର ସମସ୍ୟା ଆସିବ। ସ୍ଲିପ୍ ଡିଭୋର୍ସ ସମ୍ପର୍କରେ ମୁଁ ଶୁଣିଛି କିନ୍ତୁ ଆମ ଚଳଣିରେ ଏହାକୁ ଗ୍ରହଣ କରିପାରିବି ନାହିଁ। ଅବଶ୍ୟ ଘରକୁ କେହି ବନ୍ଧୁବାନ୍ଧବ ଆସିଲେ ଆମେ ଶୋଇବାରେ ଆଡଜଷ୍ଟ କରୁ। କିନ୍ତୁ ତାହା ଜୀବନରେ କିଛି ସାମୟିକ ସମୟ ପାଇଁ, ସବୁଦିନ ପାଇଁ ନୁହେଁ।

*– **ଡଲି ବେହେରା,** କର୍ମଜୀବୀ, ଏୟାରପୋର୍ଟ କଲୋନୀ, ଭୁବନେଶ୍ୱର*

# ରାଶି ଚିହ୍ନର ଜୁଏଲେରି

**ବିଭିନ୍ନ ପ୍ରକାର ଜୁଏଲେରିରେ ଏବେ ଆଷ୍ଟ୍ରୋଲୋଜିର ଛାପ ଦେଖିବାକୁ ମିଳୁଛି। ଯୁବପିଢ଼ିଙ୍କୁ ଏବେ ଜ୍ୟୋତିଷ ଶାସ୍ତ୍ର ତଥା ରାଶିର ବିଭିନ୍ନ ବିଭିନ୍ନ ଚିହ୍ନଥିବା ଡିଜାଇନ ଗହଣା ବେଶି ପସନ୍ଦ ହେଉଛି...**

➔ଫ୍ୟାଶନ ଟ୍ରେଣ୍ଡରେ ଏବେ ରାଶି ଚିହ୍ନ ଥିବା ବିଭିନ୍ନ ପ୍ରକାର ଜୁଏଲେରିକୁ ଅଧିକ ପସନ୍ଦ କରୁଛନ୍ତି ମହିଳା। ଏଭଳି ଗହଣାକୁ ଫ୍ୟାଶନ୍ ଟ୍ରେଣ୍ଡଭାବେ ଗ୍ରହଣ କରି ବ୍ୟକ୍ତିତ୍ୱ ବୃଦ୍ଧି କରିହେବ।

➔ଏଭଳି ଡିଜାଇନ ଗହଣା ଉଭୟ ପାରମ୍ପରିକ ହେବା ସହ ଆଧୁନିକ ଲୁକ୍ ମଧ୍ୟ ଦେଇପାରିବ।

➔ରାଶି ଅନୁସାରେ ବିଭିନ୍ନ ରତ୍ନକୁ ନେଇ ଗହଣା ପୂର୍ବରୁ ମଧ୍ୟ ତିଆରି ହେଉଥିଲା। ଏବେର ଫ୍ୟାଶନ ଟ୍ରେଣ୍ଡରେ ସାମିଲ ହେବାକୁ ଚାହୁଁଥିଲେ ରାଶିଚକ୍ରର ବିଭିନ୍ନ ପ୍ରତୀକ ଅନୁସାରେ ଡିଜାଇନ କରି ଏହାର ବ୍ୟବହାର କରିପାରିବେ।

➔ନିଜ ରାଶି ଅନୁସାରେ ସେହିଭଳି ଚିହ୍ନ ବ୍ୟବହାରକରି ପ୍ରତ୍ୟେକ ଗହଣା ଲଗାଇପାରିବେ।

➔ରାଶି ଚିହ୍ନର ଗହଣା ପିନ୍ଧୁଥିଲେ ସିମ୍ପଲ ମେକ୍‌ଅପ୍ ନିଅନ୍ତୁ। ଟ୍ରାଡିଶନାଲ ପୋଷାକ ପିନ୍ଧନ୍ତୁ। ଏପରି ହେଲେ ପୋଷାକ ତୁଳନାରେ ଗହଣା ଅଧିକ ହାଇଲାଇଟ୍ ହୋଇପାରିବ।

➔ଗହଣା ଲଗାଇବା ପୂର୍ବରୁ କେଉଁ ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି ସେଥିପ୍ରତି ଧ୍ୟାନଦେବାକୁ ହେବ। ଯଦି କୌଣସି ପୂଜା କିମ୍ବା ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥାନ୍ତି ତେବେ ହାଲ୍‌କା ଡିଜାଇନ ଜୁଏଲେରି ପିନ୍ଧନ୍ତୁ।

➔ରାଶି ଚିହ୍ନ ଥିବା ଗହଣାଗୁଡ଼ିକ ଆକର୍ଷଣୀୟ ଲୁକ୍ ଦେବା ସହ ବ୍ୟକ୍ତିଗତ ସନ୍ତୁଷ୍ଟି ପ୍ରଦାନ କରିଥାଏ।

➔ଏକ ସମୟରେ ଏହାକୁ ପିନ୍ଧି ଆପଣ ଫ୍ୟାଶନେବୁଲ ଟ୍ରେଣ୍ଡରେ ସାମିଲ ହୋଇପାରିବେ। ଏହା ସହ ଭିନ୍ନ ଭିନ୍ନ ତତ୍ତ୍ୱ ସହିତ ଜଡ଼ିତ ହୋଇଥିବାରୁ ସମସ୍ତଙ୍କ



ପାଇଁ ବିଶେଷ ମହତ୍ତ୍ୱ ରହିଥାଏ।

➔ନିଜ ରାଶି ଅନୁସାରେ ସିଗ୍ନେଚର ରିଂ, ଟେନିସ୍ ବ୍ରେସ୍‌ଲେଟ୍, ଲେୟର୍ଡ ଜୁଏଲେରି, ମଲ୍‌ଟି ଷ୍ଟାଣ୍ଡ ନେକ୍‌ଲେସ୍ ଆଦି ଲଗାଇପାରିବେ। ତେବେ ଜ୍ୟୋତିଷଶାସ୍ତ୍ରର ପରାମର୍ଶ ନେଇ ଏସବୁ ଗହଣା ପିନ୍ଧିଲେ ଅଧିକ ଭଲ।

# ଅଦା ରହିବ ଫ୍ରେଶ୍

**ଅଦାକୁ କିଭଳି ରଖିଲେ ତାହା ଅଧିକ ଦିନ ଫ୍ରେଶ୍ ରହିପାରିବ ସେନେଇ ଗୃହିଣୀଙ୍କର ଚିନ୍ତା ରହିଥାଏ। ତେବେ ଜାଣନ୍ତୁ କେତେକ ଉପାୟ...**

➤ ଅଦାକୁ କେବେ ବି ଧୁଅନ୍ତୁ ନାହିଁ। ଧୋଇ ସାରି ଫ୍ରିଜ୍‌ରେ ରଖିଲେ ସେଥିରେ ଶୀଘ୍ର ଫଙ୍ଗସ୍ ଲାଗି ଖରାପ ହୋଇଯିବ। ତେଣୁ ଅଦାକୁ ସେହିଭଳି ମାଟି ଲାଗିଥିବା ଅବସ୍ଥାରେ ଫ୍ରିଜ୍‌ରେ ରଖନ୍ତୁ।

➤ଯେଉଁ କଣ୍ଟେନର ଭିତରେ ରଖୁଛନ୍ତି ସେଥିରେ ପ୍ରଥମେ କିଛି ପେପର ପକାଇ ଦିଅନ୍ତୁ। ଏହାପରେ ଅଦାକୁ ମଧ୍ୟ ପେପରରେ ଗୁଡ଼ାଇ ସେଥିରେ ବନ୍ଦ କରି ରଖନ୍ତୁ। ନଚେତ୍ ଅଦାରୁ ବାହାରୁଥିବା ଜଳୀୟ ଅଂଶ ଦ୍ୱାରା ତାହା ଶୀଘ୍ର ନଷ୍ଟ ହୋଇପାରେ।

➤ଫ୍ରିଜ୍‌ରେ ଅଦାକୁ ଖୋଲା ରଖନ୍ତୁ ନାହିଁ। ଏକ ଏୟାର ଟାଇଟ୍ ଡବା ଭିତରେ ରଖନ୍ତୁ। ଯଦି ଏଭଳି ଡବା ନ ଥାଏ ତା'ହେଲେ ଏକ ଜିପ୍ ଲକ୍ ବ୍ୟାଗ୍ ଭିତରେ ରଖନ୍ତୁ।

➤ଫ୍ରିଜ୍ ଭିତରେ କ୍ରିସ୍ପର କିମ୍ବା ଭେଜିଟେବୁଲ ଡ୍ରୟାର ଭିତରେ ରଖନ୍ତୁ। ଏପରି କଲେ ଅଦା ନିମନ୍ତେ ଆବଶ୍ୟକ ତାପମାତ୍ରା ବାଲାନ୍ସ ହୋଇ ରହିବ।

➤କଟାହୋଇଥିବା ଅଦା ସହ ଅନ୍ୟ ସବୁ ଅଦାକୁ ଏକାଠି ରଖନ୍ତୁ ନାହିଁ।

➤ଯଦି ଅଧିକ ଅଦା ଥାଏ ତେବେ ଏହାକୁ ଶୁଖାଇ ଗୁଣ୍ଡକରି ରଖି ଦିଅନ୍ତୁ। ବହୁଦିନ ରହିପାରିବ।

➤ଅଦାକୁ ଧୋଇ ଛୋଟ ଛୋଟ ଖଣ୍ଡ କରି କାଚ ଜାର୍ ଭିତରେ ଲେମ୍ବୁରସ ମିଶାଇ ରଖନ୍ତୁ। ଅଧିକ ଦିନ ଫ୍ରେଶ୍ ରହିବ।



# ସିଏସ୍‌କେର ବ୍ୟାଟିଂ ବିପର୍ଯ୍ୟୟ



ଉଇକେଟ ନେବା ପରେ ଉଲ୍ଲସିତ ରବୀନ୍ଦ୍ର ଜାଡେଜା।

**ଗୁଆହାଟୀ,୩୦।୩**

ଚଳିତ ଆଇପିଏଲ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ସିଏସ୍‌କେ ସାଙ୍ଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୨୭ ରନରେ ଅଲଆଉଟ୍ ହୋଇଯାଇଛି। ଏହି ମ୍ୟାଚ୍ ଜରିଆରେ କାର୍ତ୍ତିକ ଶର୍ମା ଓ ବ୍ରିଜେଶ ଶର୍ମା ଆଇପିଏଲ୍ ପଦାର୍ପଣ କରିଛନ୍ତି।

ମ୍ୟାଚ୍ ପୂର୍ବରୁ ବର୍ଷା ହୋଇଥିବାରୁ ରାଜସ୍ଥାନ ଅଧିନାୟକ ରିଆନ ପରାଗ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳର ଦୁଇ ବିଦେଶୀ ପେସର ନାନ୍ଦ୍ରେ ବର୍ଗର ଓ ଜୋଫ୍ରା ଆର୍ଚ୍ଚର ମେଘୁଆ ପାଗ ଓ ବୋଲରଙ୍କୁ ସୁହାଉଥିବା ପିଚ୍‌ର ଭରପୂର ଫାଇଦା ଉଠାଇଥିଲେ। ଚେନ୍ନାଇ ପାଇଁ ଓପନିଂ କରିଥିବା ସଞ୍ଜୁ ସାମସନ (୬) ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ(୬)ଙ୍କୁ ଖୁବ ଶସ୍ତାରେ ପାଭିଲିଅନ ଫେରିଥିଲେ। ଆୟୁଷ ମାହାତ୍ରେ ଖାତା ଖୋଲି ପାରି ନ ଥିବା ବେଳେ ମାଥ୍ୟୁ ଶର୍ଟ ୨ ରନ କରି ଆଉଟ୍ ହୋଇଥିଲେ। ଇମ୍ପାକ୍ଟ ପ୍ଲେୟର ଭାବେ ଦଳରେ ସାମିଲ ହୋଇଥିବା ସର୍ଫରାଜ ଖାନ (୧୭ ରନ୍, ୨ ଚୌକା ଓ ୧ ଛକା) ଓ କାର୍ତ୍ତିକ ଶର୍ମା (୧୮ ରନ୍, ୧ ଛକା) କିଛିଟା ପ୍ରୟାସ କରିଥିଲେ। ହେଲେ ଦୁହେଁ କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇ ପାଭିଲିଅନ ଫେରିଥିଲେ। ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଶିବମ ଦୁବେ ପ୍ରଥମ ବଲରେ ଛକା ମାରି ଇନିଂସ ଆରମ୍ଭ କରିଥିଲେ। କିନ୍ତୁ ରବୀନ୍ଦ୍ର ଜାଡେଜାଙ୍କ ବଲରେ ବାଉଣ୍ଡ୍ରି ଲାଇନରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଜେମି ଓଭରଟନ ଗୋଟିଏ ପକ୍ଷରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିବା ବେଳେ ଅନ୍ୟପକ୍ଷରେ ଉଇକେଟ ପଡ଼ିବା ଜାରି ରହିଥିଲା। ନୂର ଅହମଦ (୧) ଓ ମ୍ୟାଟ ହେନରୀ (୫) ଆଉଟ୍ ହେବା ପରେ ଓଭରଟନ ଓ ଅଂଶୁଲ କାମ୍ବୋଜଙ୍କ ମଧ୍ୟରେ ଦଶମ ଉଇକେଟ ଲାଗି ସର୍ବାଧିକ ୩୩ ରନର ଭାଗୀଦାରି କରିଥିଲେ। ଓଭର୍ଟନ ୩୬ ବଲରେ ୪୩ (୨ ଲେଖାଏ ଚୌକା ଓ ଛକା) ରନ କରି ରନ୍‌ଆଉଟ୍ ହେବା ସହିତ ସିଏସ୍‌କେର ପାଳି ଶେଷ ହୋଇଥିଲା। ଫଳରେ ସିଏସ୍‌କେ ୧୯.୪ ଓଭରରେ ୧୨୭ ରନରେ ଅଲଆଉଟ୍ ହୋଇଯାଇଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ନାନ୍ଦ୍ରେ ବର୍ଗର ଓ ରବୀନ୍ଦ୍ର ଜାଡେଜା ୨ ଲେଖାଏ ଉଇକେଟ ନେଇଥିଲେ। ସେହିଭଳି ବ୍ରିଜେଶ ଶର୍ମା, ସନ୍ଦୀପ ଶର୍ମା ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୧୯.୪ ଓଭରରେ ୧୨୭/ଅଲଆଉଟ୍ (ଜେମି ଓଭରଟନ–୪୩, କାର୍ତ୍ତିକ ଶର୍ମା–୧୮, ଜୋଫ୍ରା ଆର୍ଚ୍ଚର–୨/୧୯, ନାନ୍ଦ୍ରେ ବର୍ଗର–୨/୨୬, ରବୀନ୍ଦ୍ର ଜାଡେଜା–୨/୧୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**
**ପଞ୍ଜାବ କିଙ୍ଗ୍ସ ବନାମ ଗୁଜରାଟ ଟାଇଟନ୍ସ**
**ସ୍ଥାନ: ଚଣ୍ଡିଗଡ଼**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଶୀତଲ ଦେବୀ 'ୱାର୍ଲ୍ଡ ପାରା ଆର୍ଚର ଅଫ୍ ଦି ଇୟର'



**ଲାଉସାନେ, ୩୦।୩ (ପି.ଟି.)**

ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ ୱାର୍ଲ୍ଡ ଆର୍ଚେରୀ ଦ୍ୱାରା 'ୱାର୍ଲ୍ଡ ଆର୍ଚର ଅଫ୍ ଇୟର ୨୦୨୫' ବିବେଚିତ ହୋଇଛନ୍ତି। ଏହାଛଡ଼ା ସେ ଐତିହାସିକ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିବାରୁ ଏକ ଅସାଧାରଣ ସଫଳତା ହାସଲ କରିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ୧୯ ବର୍ଷୀୟା ମହିଳା ତୀରନ୍ଦାଜ ଗତବର୍ଷ ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁରେ ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଇଭେଣ୍ଟରେ ଶୀର୍ଷ ସମ୍ମାନ ହାସଲ କରି ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ଓ ଏକମାତ୍ର ବାହୁହୀନ ନୀରନ୍ଦାଜ ହୋଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବ୍ୟତୀତ ଶୀତଲ ପ୍ୟାରିସ ପାରାଲିମ୍ପିକ୍ସ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ, ୨୦୨୨ ଏସିଆନ ପାରା ଗେମ୍ସ ଏବଂ ବ୍ୟାଙ୍କକ୍‌ରେ ୨୦୨୩ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଛନ୍ତି। ଏହି ପୁରସ୍କାର ୨୦୧୧ରୁ ପ୍ରଦାନ କରାଯାଇ ଆସୁଛି। ଅନ୍ତର୍ଜାତୀୟ ସିଜନରେ କ୍ରୀଡ଼ା ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ଆଥ୍‌ଲେଟ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଚଳିତବର୍ଷ ୮ଟି କାଟେଗୋରୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ରହିଛି 'ଆର୍ଚର ଅଫ୍ ଦି ଇୟର'। ଏହି ପୁରସ୍କାର ତୁର୍କୀର ଏମିରକାନ ହାନେଙ୍କୁ ମିଳିଛି। ସେହିପରି ଫ୍ରାନ୍ସର ବାପ୍‌ଟିଷ୍ଟ ଆଡିସ 'ୟଙ୍ଗ ଆର୍ଚର ଅଫ୍ ଦି ଇୟର' ବିବେଚିତ ହୋଇଥିବା ବେଳେ କୋରିଆର ରିକର୍ଭ ପୁରୁଷ ଦଳ 'ବେଷ୍ଟ ଟିମ୍ ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି।

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ହେବନି

**ଢାକା,୩୦।୩**

ଭାରତର ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ବାଂଲାଦେଶରେ ଚଳିତ ବର୍ଷର ଆଇପିଏଲ୍ ପ୍ରସାରଣ ଚୁକ୍ତିକୁ ବରଖାସ୍ତ କରି ଦେଇଛି। ସ୍ଥାନୀୟ ସାଥି କମ୍ପାନୀ ପାଉଣା ଦେବାରେ ବିଫଳ ହୋଇଥିବାରୁ ଜିଓଷ୍ଟାର ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜାନୁଆରୀରେ ବିସିସିଆଇର ନିର୍ଦ୍ଦେଶକ୍ରମେ କେକେଆର୍ ମୁସ୍ତାଫିଜୁର ରହମାନଙ୍କୁ ବାଦ୍ ଦେବା ପରେ ବାଂଲାଦେଶରେ ଆଇପିଏଲ୍ ପ୍ରସାରଣକୁ ବ୍ୟାନ କରାଯାଇଥିଲା। ମାତ୍ର ବର୍ତ୍ତମାନ ବାଂଲାଦେଶ ବ୍ୟାନ ନିଷ୍ପତ୍ତିକୁ ପୁନଃ ବିଚାର କରୁଛି। ହେଲେ ଜିଓଷ୍ଟାର ଚୁକ୍ତିକୁ ବାତିଲ କରିଥିବାରୁ ଚଳିତ ଆଇପିଏଲ୍‌କୁ କୌଣସି ସ୍ଥାନୀୟ ଚ୍ୟାନେଲ ପ୍ରସାରଣ କରିପାରିବେ ନାହିଁ।

ବାଂଲାଦେଶର ପ୍ରସାରଣକାରୀ ଚ୍ୟାନେଲ ଟିସ୍ପୋର୍ଟ୍ସକୁ ଗତ ଫେବୃଆରୀ ୧୭ ତାରିଖରେ ଜିଓ ଷ୍ଟାର ପକ୍ଷରୁ ପଠାଯାଇଥିବା ମେଲରେ ଚୁକ୍ତିକୁ ତୁରନ୍ତ ବରଖାସ୍ତ କରାଯାଉଥିବା ଉଲ୍ଲେଖ ରହିଥିଲା।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ